R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୧୩
ତିଥି : ଚତୁର୍ଦ୍ଦଶୀ
୨୮ ଜାନୁଆରୀ ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 113
28 Jan 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ଉତ୍କର୍ଷ ଓଡ଼ିଶା–ମେକ୍ ଇନ୍ ଓଡ଼ିଶା କନକ୍ଲେଭ ଆଜି

## ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର, ୨୭ା୧ (ସବ୍ୟୁ) : ଜନତା ମୈଦାନରେ ଆସନ୍ତାକାଲି(ମଙ୍ଗଳବାର) ଠାରୁ ଆୟୋଜନ ହେବ ଉତ୍କର୍ଷ ଓଡ଼ିଶା–ମେକ୍ ଇନ୍ ଓଡ଼ିଶା କନକ୍ଲେଭ–୨୦୨୫ । ଚଳିତବର୍ଷ ଏହି କନକ୍ଲେଭରେ ୫ହଜାରରୁ ଅଧିକ ଶିଳ୍ପ ପ୍ରତିନିଧି ଯୋଗ ଦେବେ । ଏହାସହ ୧୬ଟି ରାଷ୍ଟ୍ରର ପୁଞ୍ଜିନିବେଶକଙ୍କ ସମେତ ଫର୍ଚ୍ୟୁନ୍ ତାଲିକାରେ ସାମିଲ ୧୦୦ କମ୍ପାନୀର ପ୍ରତିନିଧି ମଧ୍ୟ ଏହି କନକ୍ଲେଭରେ ସାମିଲ ହେବେ । ଏହି ଦୁଇଦିନିଆ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦଘାଟନ କରିବେ ।

ରାଜ୍ୟ ସରକାର ଚଳିତବର୍ଷ 'ଉତ୍କର୍ଷ ଓଡ଼ିଶା' କନକ୍ଲେଭରେ ଯୋଗ ଦେବା ପାଇଁ ଫର୍ଚ୍ୟୁନ୍ ତାଲିକାରେ ସାମିଲ ୪୦୦କମ୍ପାନୀ ମଧ୍ୟରୁ ୧୦୦କମ୍ପାନୀକୁ ନିମନ୍ତ୍ରଣ କରିଛନ୍ତି । ଏହି କନକ୍ଲେଭରେ ଦେଶର ପ୍ରମୁଖ ନିବେଶକ ଓ ଶିଳ୍ପପତିଙ୍କ ସମେତ ୧୬ଟି ରାଷ୍ଟ୍ର ଯଥା– ଅଷ୍ଟ୍ରେଲିଆ, ଜାପାନ, ବ୍ରିଟେନ, ଜର୍ମାନୀ, ସିଙ୍ଗାପୁର, ମାଲେସିଆ, କ୍ୟୁବା ଓ ହଲାଣ୍ଡ ଭଳି ପ୍ରମୁଖ ଦେଶର ନିବେଶକ, ରାଷ୍ଟ୍ରଦୂତ ଓ ପ୍ରତିନିଧିମାନେ ଯୋଗ ଦେବେ । ଏହି ସବୁ ଦେଶ 'କଣ୍ଟ୍ରି ଅଫ ଫୋକସ୍' ରହିବାକୁ ନିମନ୍ତ୍ରଣ କରାଯାଇଛି । ଚଳିତ ଥର କନକ୍ଲେଭରେ ଆଇଟି, ଅକ୍ଷୟ ଶକ୍ତି, ବୟନଶିଳ୍ପ, କେମିକାଲ୍ସ, ଫୁଡ ପ୍ରୋସେସିଂ ଭଳି ୫ଟି କ୍ଷେତ୍ରକୁ ଅଧିକ ପ୍ରାଥମିକତା ଦିଆଯିବାକୁ ନିଷ୍ପତ୍ତି ହୋଇଛି ।

ମଙ୍ଗଳବାର ସକାଳ ୮.୩୫ରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ନୂଆଦିଲ୍ଲୀରୁ ବାୟୁସେବା ବିମାନ ଯୋଗେ ବାହାରି ପୂର୍ବାହ୍ନ ୧୦.୩୫ ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବେ । ସେଠାରେ ସେ ବାହାରି ପୂର୍ବାହ୍ନ ୧୦.୫୫ରେ ଜନତା ମୈଦାନରେ ପହଞ୍ଚିବେ । ଦିନ ୧୧ଟାରୁ ୧୨.୩୦ ପର୍ଯ୍ୟନ୍ତ ଉତ୍କର୍ଷ ଓଡ଼ିଶା–ମେକ୍ ଇନ୍ ଓଡ଼ିଶା କନକ୍ଲେଭ କାର୍ଯ୍ୟକ୍ରମରେ ଯୋଗ ଦେବେ । ଅପରାହ୍ନ ୧୨.୫୫ ରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ବିମାନବନ୍ଦରରୁ ଉତ୍ତରାଖଣ୍ଡ (୯ ପୃଷ୍ଠାରେ)

**ଯୋଗଦେବେ ୧୬ରାଷ୍ଟ୍ରର ପୁଞ୍ଜିପତି, ପ୍ରତିନିଧି**

**କଡ଼ା ସୁରକ୍ଷା ବଳୟରେ ରହିବ ଭୁବନେଶ୍ୱର**

**ମୁତୟନ ହେବେ ୬୦ ପ୍ଲାଟୁନ୍ ପୋଲିସ ଫୋର୍ସ**

### ଉତ୍କର୍ଷ ଓଡ଼ିଶାକୁ ଆସିଥିବା ପ୍ରତିନିଧିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ

## ଓଡ଼ିଶା ଏବେ ପୂର୍ବାଞ୍ଚଳର ଉଜ୍ଜ୍ୱଳ ତାରକା ହୋଇଛି




ଭୁବନେଶ୍ୱର, ୨୭ା୧ (ସବ୍ୟୁ) : ଉତ୍କର୍ଷ ଓଡ଼ିଶା–ମେକ୍‌ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ପ୍ରତିନିଧିମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ୱାଗତ କରିଛନ୍ତି । କନ୍‌ଫେଡେରେସନ୍ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି ଓ ଜାତୀୟ ଶିଳ୍ପର ସହଭାଗିତାରେ ଏହି କାର୍ଯ୍ୟକ୍ରମ ଅନେକ ମହତ୍ୱପୂର୍ଣ୍ଣ ଏବଂ ଆପଣମାନଙ୍କର ସହଭାଗିତା ଏହାକୁ ଅଧିକ ଯାଜୁଲ୍ୟମାନ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବାଞ୍ଚଳରେ ଓଡ଼ିଶାରେ ଏବେ ଉଜ୍ଜ୍ୱଳ ତାରକା ହୋଇଛି । ବିଶେଷକରି ଭାରତୀୟ ଶିଳ୍ପ ଇକୋ ସିଷ୍ଟମରେ ଏହାର ଭୂମିକା ପ୍ରମୁଖ ରହିଛି । ଶିଳ୍ପ କ୍ଷେତ୍ରରେ ବିବିଧତା ଆଣି ସଶକ୍ତ କରିବାକୁ ଓଡ଼ିଶା ଲକ୍ଷ୍ୟ ରଖିଛି । ବିଶେଷକରି ଏହା ଆମର ଅଭିବୃଦ୍ଧିକୁ ବେଶ୍ ତ୍ୱରାନ୍ୱିତ କରିବ । ମୁଁ ସମସ୍ତଙ୍କୁ ଏହି ସୁଯୋଗରେ ନିମନ୍ତ୍ରଣ କରିବା ସହ ସକ୍ରିୟ ଭାବେ ଅଂଶ ଗ୍ରହଣ କରି ଆମର ଲକ୍ଷ୍ୟକୁ ପୂରଣ କରିବା ପାଇଁ ଅନୁରୋଧ କରୁଛି । ଆମର ପ୍ରତିବଦ୍ଧତା ହୋଇ ଓଡ଼ିଶାକୁ ଏକ ପ୍ରମୁଖ ନିବେଶସ୍ଥଳ କରିବା । ବିଶେଷକରି ମୋର ପ୍ରଥମ ପ୍ରାଥମିକତା ହେଉଛି ଯୁବକମାନଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବା । ସରକାର ମଧ୍ୟ ଶିଳ୍ପାନୁକୂଳ ବାତାବରଣ ସୃଷ୍ଟି କରିଛନ୍ତି । ଆମର ଲକ୍ଷ ହେଉଛି ଶିଳ୍ପପୁଞ୍ଜିକୁ ଆକର୍ଷଣ କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଆର୍ଥିକ ଅଭିବୃଦ୍ଧିର ସ୍ଥାୟୀତ୍ୱ ରାଜ୍ୟବାସୀଙ୍କୁ ଦେବା । ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଆମର ଲକ୍ଷ । ଶିଳ୍ପ ଭିତ୍ତିଭୂମି, ଇଜି ଅଫ୍ ଡୁଇଙ୍ଗ ବିଜ୍‌ନେସ୍ ଆମେ (୯ ପୃଷ୍ଠାରେ)

## ୨ କୋଟି ଲାଗି ୪ ଯୁବକ ଅପହୃତ

ବ୍ରହ୍ମପୁର, ୨୭ା୧ (ସବ୍ୟୁ) : ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ଅନ୍ତର୍ଗତ ଚିକିଟି ଗଡ ତହସିଲ କାର୍ଯ୍ୟାଳୟ ପଛପଟେ ଥିବା ଏକ ଅବ୍ୟବହୃତ ଘରୁ ପୋଲିସ ୪ଜଣ ଅପହରଣ ହୋଇ ବନ୍ଧକ ଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରିଛି। ପୋଲିସ ଘଟଣାର ତଦନ୍ତ କରିବା ପରେ ବଡ ଧାରଣ ଅପହରଣ ଘଟଣାର ଖୁଲାସା କରିଛି। କିଛି ଦୁର୍ବୃତ୍ତ ନିଜକୁ ଫାଇନାନ୍ସ ସଂସ୍ଥାର କର୍ମଚାରୀ ପରିଚୟ ଦେଇ ପ୍ରୋଜେକ୍ଟ ଦେଖାଇବା ଆଳରେ ରାଜଧାନୀ ଭୁବନେଶ୍ୱରରୁ ୪ଜଣ ଲୋକଙ୍କୁ ବ୍ରହ୍ମପୁର ଆଣି ସେଠାରୁ ଅପହରଣ କରି ନିର୍ଯାତନା ଦେବା ସହ ଦୁଇ କୋଟି ମୁଣ୍ଡ ଜାମିନ ରଖିଥିଲେ ।

କୌଶଳକ୍ରମେ ସେଠାରୁ ଜଣେ ଅପହୃତା ସୋମବାର ସକାଳେ ଖସି ଆସି ସ୍ଥାନୀୟ ପୋଲିସ ନିକଟରେ ଘଟଣା ସମ୍ପର୍କରେ କହିଥିଲେ । ଏହାପରେ କେ.ନୂଆଗାଁ ପୋଲିସ ଉକ୍ତ ପରିତ୍ୟକ୍ତ ଘରେ ଚଢଉ କରି ବନ୍ଧକ ଥିବା ଅନ୍ୟ ୩ ଜଣଙ୍କୁ ଉଦ୍ଧାର କରିଥିଲା। ସେମାନେ ହେଲେ ଭୁବନେଶ୍ୱର ପାହଲଥାନା ଅନ୍ତର୍ଗତ ଗଡ ନାହରକଣ୍ଟ ଅଞ୍ଚଳର ଆମର ଜିତ ସାମନ୍ତଶିହାଁର((୨୪)। ସେ ଅପହରଣକାରୀ କବଳରୁ ଖସି ଆସି ପୋଲିସ ନିକଟରେ ଏନେଇ ଅଭିଯୋଗ କରିଥିଲେ। ଅନ୍ୟ ତିନିଜଣ ହେଲେ କଟକ ତୁଳସୀପୁରର (୯ ପୃଷ୍ଠାରେ)

## ପୂର୍ବ ଡିଜିପି ପ୍ରକାଶ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା

ଭୁବନେଶ୍ୱର, ୨୭ା୧ (ସବ୍ୟୁ) : ଅବସରପ୍ରାପ୍ତ ଆଇପିଏସ୍ ଅଫିସର ତଥା ପୂର୍ବତନ ପୋଲିସ ଡିଜି ପ୍ରକାଶ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଉପଦେଷ୍ଟା ଭାବେ ସରକାର ନିଯୁକ୍ତି ଦେଇଛନ୍ତି । ତାଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟାର ସମସ୍ତ ସୁବିଧା ମିଳିବ । ବିଜେପି ସରକାରରେ ଶ୍ରୀ ମିଶ୍ର ହେଉଛନ୍ତି ପ୍ରଥମ ବ୍ୟକ୍ତି ଯିଏ ମନ୍ତ୍ରୀପରିଷଦ ବାହାରେ ରହି ମଧ୍ୟ କ୍ୟାବିନେଟ୍ ପାହ୍ୟାର ସୁବିଧା ପାଇପାରିବେ । ସେହିପରି ଅବସରପ୍ରାପ୍ତ ଆଇଏଏସ୍ ମଧୁସୂଦନ ପାଢ଼ୀଙ୍କୁ ରାଜ୍ୟ ନିର୍ବାଚନ କମିଶନ ଭାବେ ନିଯୁକ୍ତି ଦିଆଯାଇଛି ।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପୂର୍ବତନ ଡିଜିପି ଶ୍ରୀ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ରହିବେ । ଶ୍ରୀ ମିଶ୍ର ପୋଲିସ ଡିଜି ଭାବେ ୨୦୧୨ ଜୁନ୍‌ରୁ ୨୦୧୪ ଜୁଲାଇ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ନିଯୁକ୍ତି ପରେ ଶ୍ରୀ ମିଶ୍ର କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ଭରସା କରି ଗୁରୁ ଦାୟିତ୍ୱ ଦେଇଛନ୍ତି । ରାଜ୍ୟବାସୀଙ୍କ କଲ୍ୟାଣ ଓ ବୃହତ୍ତର ସ୍ୱାର୍ଥ କିଭଳି ରକ୍ଷା (୯ ପୃଷ୍ଠାରେ)



**ମଧୁସୂଦନ ପାଢ଼ୀ ରାଜ୍ୟ ନିର୍ବାଚନ କମିଶନ**

## ଦୁଇଦିନ ଯାଏ ଘନ କୁହୁଡ଼ି

ଭୁବନେଶ୍ୱର, ୨୭ା୧ (ସବ୍ୟୁ) : ଘନ କୁହୁଡିରୁ ଏବେ ମିଳିବନି ନିସ୍ତାର । ଆସନ୍ତା ଦୁଇଦିନ ଯାଏ ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣରେ ଏଭଳି ସ୍ଥିତି ଜାରି ରହିବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର ।

୨୮ ତାରିଖରେ ଘନ କୁହୁଡି ନେଇ କେନ୍ଦ୍ରାପଡା, ଯାଜପୁର, କଟକ, ଖୋର୍ଦ୍ଧା, ନୟାଗଡ, ଅନୁଗୁଳ, ଢେଙ୍କାନାଳ, ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି ଏବଂ କନ୍ଧମାଳ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସବୁ ଜିଲ୍ଲାରେ ୫୦ ମିଟରରୁ କମ୍ ରହିବ ଦୃଶ୍ୟମାନ । କିଛି ଅଞ୍ଚଳରେ ଜିରୋ ଭିଜିବିଲିଟି ହେବାର ସମ୍ଭାବନା ରହିଛି । ଘନ କୁହୁଡି ସମୟରେ ସମ୍ପୃକ୍ତ ଜିଲ୍ଲାର ଘାଟି ରାସ୍ତା ଏବଂ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ଗାଡି ଚଳାଚଳ ବନ୍ଦ ରଖିବା ପାଇଁ ପରାମର୍ଶ ଦିଆଯାଇଛି । ବର୍ତ୍ତମାନ ରାଜ୍ୟକୁ ପ୍ରଚୁର ପରିମାଣର ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବେଶ କରୁଥିବାରୁ କୁହୁଡି ମାତ୍ରା ବୃଦ୍ଧି ପାଉଛି । ସେପଟେ ଆସନ୍ତା ୬ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ । କିନ୍ତୁ ତାପମାତ୍ରାରେ କେଣସି ପରିବର୍ତ୍ତନ ହେବ ନାହିଁ । କିଛି ଜିଲ୍ଲାରେ ଦିନର ତାପମାତ୍ରା ସାମାନ୍ୟ ବୃଦ୍ଧି ହେବା ନେଇ ଆକଳନ କରାଯାଇଛି ।

### ମହାକୁମ୍ଭ ଲାଗି ବିମାନ ଭଡା ଆକାଶ ଛୁଆଁ

## ଭଡ଼ା ବଢ଼ିଛି ୩୦୦ ରୁ ୬୦୦%

ନୂଆଦିଲ୍ଲୀ, ୨୭ା୧ : ପ୍ରୟାଗରାଜର ମହାକୁମ୍ଭରେ ଶ୍ରଦ୍ଧାଳୁଙ୍କ ଆଶାତୀତ ଭାବେ ବୃଦ୍ଧି ପାଇଛି । ଏହାକୁ ଦୃଷ୍ଟିରେ ରଖି ବିମାନ ଭଡା ପ୍ରାୟ ୩୦୦ ରୁ ୬୦୦% ବୃଦ୍ଧି ହୋଇଯାଇଛି । ପ୍ରୟାଗରାଜ ଯିବାପାଇଁ ଯେତିକି ଟଙ୍କା ପଡୁଛି ତା'ଠୁ ଆହୁରି କମ୍ ପଇସାରେ ମାଳଦ୍ୱୀପ ଯାଇ ଫେରିହେବ । ଏହା ପର୍ଯ୍ୟଟନ ଶିଳ୍ପକୁ କ୍ଷତି ପହଞ୍ଚାଉଛି ବୋଲି କୁହାଯାଉଛି । ତେବେ ପ୍ରୟାଗରାଜରୁ ଫେରିବା ଲାଗି ବିମାନ ଟିକେଟ ଆକାଶଛୁଆଁ ହୋଇଛି ।

ଚେନ୍ନାଇରୁ ଯଦି ଜଣେ ମହାକୁମ୍ଭ ମେଳା ଯିବାପାଇଁ ଯିକେଟ କାଟେ ତେବେ ତାକୁ ୬୪ ହଜାର ଟଙ୍କା ଦେବାକୁ ପଡୁଛି । ଯାହା ମାଳଦ୍ୱୀପ ଓ ବାର୍ଲି ଭଡା ଠାରୁ ଯଥେଷ୍ଟ ଅଧିକ । ସେହିଭଳି ମେଟ୍ରୋ ସହର ଦିଲ୍ଲୀ, କୋଲକାତା, ବେଙ୍ଗାଲୁରୁରେ ମଧ ସମାନ ଅବସ୍ଥା ରହିଛି । ପ୍ରୟାଗରାଜକୁ ଏହି ସ୍ଥାନଗୁଡ଼ିକୁ ବିମାନ ଟିକେଟର ମୂଲ୍ୟ ୩୫ ହଜାରରୁ ୫୦ ହଜାର ମଧ୍ୟରେ ରହିଛି । ତେବେ ଗୁରୁତ୍ୱପୂର୍ଣ୍ଣ ଦିନ ଯଥା ମୌନୀ ଅମାବାସ୍ୟା ସ୍ନାନ ଜାନୁଆରୀ ୨୯, ଫେବୃଆରୀ ୩ ବସନ୍ତ ପଞ୍ଚମୀ, ଫେବୃଆରୀ ୧୨ ମାଘ ପୂର୍ଣ୍ଣିମା, ଫେବୃଆରୀ ୨୬ ମହାଶିବରାତ୍ରୀ (୯ ପୃଷ୍ଠାରେ)

## ଅନ୍ତେବାସୀଙ୍କୁ ମାନସିକ, ଶାରୀରିକ ନିର୍ଯାତନା

ସମ୍ବଲପୁର, ୨୭ା୧ (ସବ୍ୟୁ) : ସମ୍ବଲପୁର ଜିଲ୍ଲା ଧନୁପାଲି ଥାନା ଅନ୍ତର୍ଗତ ନେତାଜୀ ନଗର ସ୍ଥିତ ସମର୍ଥ ସ୍ୱେଚ୍ଛାସେବୀ ସଂସ୍ଥାରେ ମାନସିକ ଅନଗ୍ରସର ଅନ୍ତେବାସୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି । ଏନେଇ ଧନୁପାଲି ଥାନା ପୋଲିସ ଏକ ମାମଲା ରୁଜୁ କରି ସଂସ୍ଥାର ସମ୍ପାଦକ ହରିଶଚନ୍ଦ୍ର ଦାସଙ୍କୁ ଅଟକ ରଖିଛି । ତାଙ୍କୁ ଘଟଣା ସମ୍ପର୍କରେ ଅଧିକ ପଚରାଉଚରା କରୁଛି ।

ସୂଚନାଯୋଗ୍ୟ, ଆଦର୍ଶ ଶିଶୁ ମନ୍ଦିର ଦ୍ୱାରା ପରିଚାଳିତ ଏହି ସଂସ୍ଥାରେ ୪୪ଜଣ ଅନ୍ତେବାସୀ ଅଛନ୍ତି । ସେଥିମଧ୍ୟରୁ ୨୭ଜଣ ପୁରୁଷ ଓ ୧୭ଜଣ ମହିଳା ଅଛନ୍ତି । ସମସ୍ତ ଅନ୍ତେବାସୀ ମାନସିକ ଭାବେ ସୁସ୍ଥ ନଥିବାବେଳେ ସଂସ୍ଥାର ସମ୍ପାଦକ ଶ୍ରୀଦାସ ଓ ଏଏନ୍‌ଏମ୍ ସ୍ୱାଗତିକା ପ୍ରଧାନ ସେମାନଙ୍କୁ ମାଡ ମାରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରନ୍ତି । ସେମାନଙ୍କୁ ଚିକିତ୍ସା ସୁବିଧା ନଯୋଗାଇ ପ୍ରତିଦିନ ମାତ୍ରାଧିକ ନିଶା ଦେଇ ଅଚେତ କରି ରଖନ୍ତି । ଅନ୍ତେବାସୀଙ୍କୁ ନିମ୍ନମାନର ଖାଦ୍ୟ, ମୃତ ବ୍ୟକ୍ତିର ଶବ ଦିନଦିନ ଧରି ପଡି (୯ ପୃଷ୍ଠାରେ)

### ଖଡ୍‌ଗେଙ୍କ ବୟାନକୁ ନେଇ ବିବାଦ

## ମହାକୁମ୍ଭରେ ବୁଡ଼ ପକାଇଲେ କ'ଣ ଦାରିଦ୍ର୍ୟ ହଟିବ : ଖଡ୍‌ଗେ



ନୂଆଦିଲ୍ଲୀ, ୨୭ା୧ : କଂଗ୍ରେସ ସଭାପତି ମଲ୍ଲିକାର୍ଜୁନେ ଖଡ୍‌ଗେଙ୍କ କୁମ୍ଭ ମେଳାରେ ବୁଡ ପକାଇବା ବୟାନକୁ ନେଇ ବିବାଦ ଦେଖାଦେଇଛି । ଶ୍ରୀ ଖଡ୍‌ଗେ ପ୍ରଶ୍ନ କରିଛନ୍ତି ଯେ ଗଙ୍ଗାରେ ବୁଡ ପକାଇବା ପାଇଁ ଯେଉଁଭଳି ପ୍ରତିଯୋଗିତା ଚାଲିଛି ଏହାଦ୍ୱାରା କ'ଣ ଦାରିଦ୍ର୍ୟ ଓ ବେକାରୀ ସମସ୍ୟା ହ୍ରାସ ପାଇବ କି? ତେବେ ବିଜେପି ଏହାକୁ ସମାଲୋଚନା କରି କଂଗ୍ରେସ ହିନ୍ଦୁଙ୍କୁ କେତେ ଘୃଣା କରେ ବୋଲି ମତ ରଖିଛି ।

ପ୍ରୟାଗରାଜରେ ମହାକୁମ୍ଭରେ ଏବେ କୋଟି କୋଟି ଶ୍ରଦ୍ଧାଳୁ ବୁଡ ପକାଉଛନ୍ତି । ବିଜେପି ନେତାମାନଙ୍କର ଗହଳି ଦେଖିବାକୁ ମିଳୁଛି । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କ କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ସହ ଆସି ବୁଡ ପକାଇ ଫଟୋ ଛାଡିଥିଲେ । ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବୁଡ ପକାଇଛନ୍ତି । ତେବେ କଂଗ୍ରେସ ସଭାପତି ଶ୍ରୀ ଖଡ୍‌ଗେ କହିଛନ୍ତି ଯେ ଗଙ୍ଗା ନଦୀରେ ବୁଡ ପକାଇଲେ କ'ଣ ଦାରିଦ୍ର୍ୟ ହ୍ରାସ ପାଇବ ନା ଖାଦ୍ୟ ମିଳିବ । ମୁଁ କାହାର ବିଶ୍ୱାସକୁ ଆଘାତ ଦେବାକୁ ଚାହୁଁନାହିଁ । ଯଦି ଏହା କାହାକୁ ଆଘାତ ଦେଇଛି ସେଥିପାଇଁ କ୍ଷମା ମାଗୁଛି । କିନ୍ତୁ ଯେତେବେଳେ ଭଲଭାବେ ଦିଶୁନାହାନ୍ତି ସେ ପର୍ଯ୍ୟନ୍ତ ବୁଡ ପଡୁଛି । ଏହାଦ୍ୱାରା ରାଷ୍ଟ୍ରର କ'ଣ ସୁବିଧା ହେବ ବୋଲି ସେ କହିଛନ୍ତି । ଖଡ୍‌ଗେ ଆଜି ଜୟ ବାପୁ ଜୟ, ଜୟ ଭୀମ୍, ଜୟ ସମ୍ବିଧାନ ରାଲିକୁ ମଧ୍ୟପ୍ରଦେଶରେ ସମ୍ବୋଧନ

**କଂଗ୍ରେସର ହିନ୍ଦୁ ବିରୋଧୀ ମାନସିକତା : ବିଜେପି**

ପିଲାମାନେ ଭୋକରେ ମୃତ୍ୟୁବରଣ କରୁଛନ୍ତି, ସ୍କୁଲ ଯିବାକୁ ଅସମର୍ଥ ହେଉଛନ୍ତି ଓ ଶ୍ରମିକମାନେ ତାଙ୍କ ପ୍ରାପ୍ୟ ପାଉନାହାନ୍ତି ସେତେବେଳେ ବିଜେପି ନେତାମାନେ ଗଙ୍ଗାରେ ବୁଡ ପକାଇବାକୁ ପ୍ରତିଯୋଗିତା କରୁଛନ୍ତି । ଯେ ପର୍ଯ୍ୟନ୍ତ ଟିଭିରେ ସେମାନେ କରୁଥିଲେ । ଯେତେବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗଙ୍ଗାରେ ବୁଡ ପକାଉଥିଲେ ଠିକ୍ ସେତିକିବେଳେ ସେ ଏହି ମନ୍ତବ୍ୟ ଦେଇଛନ୍ତି । (୯ ପୃଷ୍ଠାରେ)



## ବର୍ଣ୍ଣଆଉଟ୍



ସାଧାରଣତଃ କର୍ମକ୍ଷେତ୍ରରେ ଦେଖାଯାଉଥିବା ଷ୍ଟ୍ରେସ୍ କାରଣରୁ ବର୍ଣ୍ଣଆଉଟ୍ ରୋଗ ହୋଇଥାଏ । ଯଦି କୌଣସି କର୍ମଚାରୀ କର୍ମକ୍ଷେତ୍ରରେ ନିଜ କାମ ପାଇଁ ପ୍ରଶଂସା ବଦଳରେ ଅପବାଦ ପାଆନ୍ତି, କମ ଦରମା, ଅଧିକ ପରିଶ୍ରମ, ମାନସିକ କିମ୍ବା ଶାରିରୀକ ଶୋଷଣର ସାମନା କରନ୍ତି ତେବେ ସେମାନଙ୍କ କ୍ଷେତ୍ରରେ ବର୍ଣ୍ଣଆଉଟ୍ ହେବାର ସମ୍ଭାବନା ବଢିଥାଏ । ଆମେରିକାର ଗବେଷକଙ୍କ ମତରେ ଏହା ଆମ ପାଇଁ ବେଳେବେଳେ ଘାତକ ମଧ୍ୟ ସାଜିଥାଏ । ଏହା ଅଫିସରୁ ଆରମ୍ଭ ହୋଇ ଆପଣଙ୍କ ଦୈନନ୍ଦିନ ଜୀବନରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ । ଏହାର ବିଶେଷ ପ୍ରଭାବ କାମ ଉପରେ ପଡିଥାଏ । ଏହା ହେବାଫଳରେ କାମ କରିବାକୁ ଇଚ୍ଛା ହୋଇନଥାଏ, ସବୁବେଳେ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥାଏ । ଯେଉଁମାନେ ବର୍ଣ୍ଣଆଉଟ୍‌ରେ ଅଧିକ ଦିନ ପିଡୀତ ହୁଅନ୍ତି ସେମାନଙ୍କୁ ଆଗକୁ ଇନସୋମେନିଆ, ଡିପ୍ରେସନ୍, ଆଙ୍ଗ୍‌ଜାଇଟ୍ ଭଳି ସମସ୍ୟା ହେବାର ଆଶଙ୍କା ରହିଥାଏ । ସେହିଭଳି ସୂଚନା ଅନୁସାରେ ଆମର ବ୍ଲଡପ୍ରେସର, ସୁଗାର ଲେବଲ୍, କୋଲଷ୍ଟ୍ରେଲ୍ ଆଦି ମଧ୍ୟ ଏହି ରୋଗ ସହ ଜଡିତ । ତେବେ ସବୁଠାରୁ ଗୁରୁତର ସମସ୍ୟା ହେଲା ଏହାକୁ ଚିହ୍ନଟ କରିବା । ଏଥିପାଇଁ କିଛି ଲକ୍ଷଣକୁ ଧ୍ୟାନ ଦେବାକୁ ପଡିଥାଏ । କ୍ଲାନ୍ତି ଲାଗିବା ଏହାର ସବୁଠାରୁ ବଡ ଲକ୍ଷଣ । ସବୁବେଳେ ଅଫିସରୁ ଫେରିବା ପରେ କ୍ଲାନ୍ତି ଅନୁଭବ ହୋଇଥାଏ । ଏପରିକି କୌଣସି ଶାରିରୀକ ପରିଶ୍ରମ ନଥାଇ ମଧ୍ୟ ଥକ୍କା ଲାଗିଥାଏ ଏବଂ କାମ କରିବାକୁ ଇଚ୍ଛା ହୋଇ ନଥାଏ । ଯଦି ଏଭଳି ଲଗାତାର ଅନୁଭବ ହେଉଛି ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ରାତିରେ ନିଦ ହୋଇନଥାଏ, ଶୋଇବା ସମୟରେ ଅଯଥା ଚିନ୍ତା ମନକୁ ଆସିଥାଏ । ତେବେ ଆପଣ ବର୍ଣ୍ଣଆଉଟ୍‌ରେ ପୀଡିତ ହେବାର ସମ୍ଭାବନା ରହିଛି । ସେହିଭଳି ଅନ୍ୟ ଲକ୍ଷଣ ଭିତରେ ରୋଗୀଙ୍କ ଭିତରେ ଚିଡିଚିଡା ସ୍ୱଭାବ ବଢିଯାଇଥାଏ । ଏଭଳି କୌଣସି ଲକ୍ଷଣ ଅନେକ ଦିନ ଧରି ଲାଗିରହିଲେ ଡାକ୍ତରଙ୍କ ସହାୟତା ନିଅନ୍ତୁ ।

## ସୋସିଆଲ କୋଟ୍ସ



"ଅମିର ଖାନ୍ ବୁଲିବା ସମୟରେ ନିଜ ପାଖରେ ପର୍ସ ରଖନ୍ତି ନାହିଁ, ହେଲେ ମୁଁ ସବୁବେଳେ ମୋ ପାଖରେ କ୍ୟାସ ରଖିଥାଏ । ଅମିରଙ୍କ ଷ୍ଟାରଡମ୍ ତାଙ୍କୁ ଏଭଳି କରିବାକୁ ଅନୁମତି ଦେଇଥାଏ, ତାଙ୍କ ପାଖରେ ପଇସା ଦେବା ପାଇଁ ସବୁବେଳେ ଲୋକ ଥାଆନ୍ତି ।

ଆର୍ ମାଧବନ, ଅଭିନେତା



"ମୋତେ ମୋ ଭଉଣୀ ଆରତୀଙ୍କର ଜନ୍ମନେଇ ସୂଚନା ଦିଆଯାଇନଥିଲା । ପାଖାପାଖି ୮ବର୍ଷ ପରେ ପ୍ରଥମଥର ପାଇଁ ମୁଁ ଆରତୀଙ୍କୁ ଦେଖିଥିଲି ।

କୃଷ୍ଣା ଅଭିଷେକ, ଅଭିନେତା



"ଆନିମଲ ଫିଲ୍ମ ମୋ ଭାଗ୍ୟ ବଦଳାଇଛି । ଘରେ ରହିବାବେଳେ ପିଲାମାନେ ଅନେକ ସମୟରେ ପଚାରନ୍ତି ବାପା କଣ ପାଇଁ ଘରେ ବସିଛ, କାମକୁ ଯାଉନ । ଏଗୁଡିକ ସହିବା ଖୁବ କଷ୍ଟ ଦାୟକ ଥିଲା ।

ବବି ଦେଓ୍ୱଲ, ଅଭିନେତା

## ବିଳାସପୂର୍ଣ୍ଣ ବଙ୍କର

ସାଧାରଣତଃ ବଙ୍କର ଯୁଦ୍ଧ ସମୟରେ ବ୍ୟବହାର ହୋଇଥାଏ । ଏଗୁଡିକୁ ଶତ୍ରୁ ରାଷ୍ଟ୍ରପକ୍ଷରୁ ହେଉଥିବା ଆକ୍ରମଣରୁ ବଞ୍ଚିବା ପାଇଁ ସାଧାରଣ ଲୋକ ବ୍ୟବହାର କରିଥାଆନ୍ତି । ଏଗୁଡିକ ମାଟିତଳେ ସୁଡଙ୍ଗ କରାଯାଇଥାଏ, ଯାହାକୁ ବଙ୍କର କୁହାଯାଇଥାଏ । ତେବେ ନିକଟରେ ସୋସିଆଲ ମିଡିଆରେ ଏକ ବଙ୍କର ଖୁବ ଭାଇରାଲ ହେବାରେ ଲାଗିଛି । ଆମେରିକାର ଏହି ବଙ୍କରଟି ଅନ୍ଧାରୁଆ ସୁଡଙ୍ଗ ନୁହେଁ ବରଂ ଏକ ବିଳାସପୂର୍ଣ୍ଣ ସ୍ଥାନ । ଏହାର ନାମ ଏରିଏ ପ୍ରୋଜେକ୍ଟ ରଖାଯାଇଛି, ଯାହାର ଅର୍ଥ ପକ୍ଷୀର ବସା । ଏହି ବଙ୍କରଟି ସମ୍ପୂର୍ଣ୍ଣଭାବେ ପ୍ରସ୍ତୁତ ହୋଇ ୨୦୨୬ରେ ଲୋକଙ୍କ ପାଇଁ ଖୋଲା ଯିବ । ତେବେ ବଙ୍କର ଫାଷ୍ଟଲୁକ୍ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏହି ବଙ୍କରର ସୁରକ୍ଷା ଖୁବ ଶକ୍ତିଶାଳୀ ଏବଂ ଏଥିରେ ବିଭିନ୍ନ ପ୍ରକାରର ଅତ୍ୟାଧୁନିକ ବ୍ୟବସ୍ଥା ରହିଛି । ଏଥିରେ ଏଆଇ ଦ୍ୱାରା ପରିଚାଳିତ ମେଡିକାଲ ସୁଟ ସହ ବିଳାସପୂର୍ଣ୍ଣ ଡାଇନିଂ ବ୍ୟବସ୍ଥା ରହିଛି । କୌଣସି ବିପଦ ସମୟରେ ଲୋକଙ୍କୁ ସୁରକ୍ଷା ସହିତ ସମସ୍ତ ସୁବିଧା ପ୍ରଦାନ କରିବା ପାଇଁ ଏହାକୁ ପ୍ରସ୍ତୁତ କରାଯାଇଛି । ଏହି ପ୍ରୋଜେକ୍ଟ ଅଧିନରେ ତିଆରି ହୋଇଥିବା ପ୍ରତିଟି ବଙ୍କର ପାଇଁ ପାଖାପାଖି ୨୦ ମିଲିଅନ୍ ଡଲାର ଖର୍ଚ୍ଚ ହେବ । ଗୋଟିଏ ଗୋଟିଏ ବଙ୍କରରେ ପାଖାପାଖି ୬୨୫ ଜଣ ଲୋକ ରହିପାରିବେ । ଏହି ପ୍ରୋଜେକ୍ଟ ବର୍ତ୍ତମାନ ସବୁଠାରୁ ଚର୍ଚ୍ଚିତ ପ୍ରୋଜେକ୍ଟ ପାଲଟିଛି ।



## ଇତିହାସ

୧୯୪୪ – ସୋଭିଏତ ସେନା ଜର୍ମାନୀ ଓ ଫିନ୍‌ଲାଣ୍ଡର ସେନାଙ୍କୁ ସେଣ୍ଟ ପିଟର୍ସବର୍ଗରୁ ବାହାର କରିଦେଇଥିଲେ । ଯାହାଫଳରେ ୮୭୨ ଦିନର ଘେରାବନ୍ଦି ସମାପ୍ତ ହୋଇଥିଲା ।

୧୯୫୯ – ପ୍ରଥମ ଇଞ୍ଜିନିୟରିଂ କଲେଜର ଆରମ୍ଭ ନୂଆଦିଲ୍ଲୀରେ କରାଯାଇଥିଲା ।

୧୯୬୪ – ଫ୍ରାନ୍ସ ଚୀନ ସହିତ ରାଜନୈତିକ ସମ୍ପର୍କ ସ୍ଥାପନା କରିବାକୁ ସହମତି ଦେଇଥିଲା ।

୧୯୬୭ – ଆମେରିକା ଓ ସୋଭିଏତ୍ ସଙ୍ଘ ସହିତ ୬୦ ଦେଶର ପ୍ରତିନିଧିମାନେ ସଂଯୁକ୍ତରାଷ୍ଟ୍ର ଦ୍ୱାରା ଜାରି ଏକ ସନ୍ଧିରେ ହସ୍ତାକ୍ଷର କରିଥିଲେ ।

୧୯୬୯ – ଇରାକ ୧୪ଜଣଙ୍କୁ ଗୁପ୍ତଚର ଅଭିଯୋଗରେ ସମସ୍ତଙ୍କ ସାମନାରେ ଫାଶୀ ଦେଇଥିଲା ।

୨୦୦୭ – ପାକିସ୍ତାନର ପେଶାଓ୍ୱରରେ ଏକ ଧାର୍ମିକ ଜୁଲୁସ୍ ବାହାରିବା ଆଗରୁ ବୋମା ବିସ୍ଫୋରଣରେ ୧୪ ଜଣଙ୍କର ମୃତ୍ୟୁ ହୋଇଥିଲା ।

୨୦୦୮ – ପଶ୍ଚିମବଙ୍ଗରେ ୧୩ ଜିଲ୍ଲାରେ ବାର୍ଡ ଫ୍ଲୁ କାରଣରୁ ଅନେକ କୁକୁଡା, ଚିଆଁ ଓ ଅଣ୍ଡାକୁ ନଷ୍ଟ କରାଯାଇଥିଲା ।

୨୦୧୩ – ଆଫଗାନିସ୍ତାନର କାନ୍ଦାହାରରେ ବୋମା ବିସ୍ଫୋରଣରେ ୨୦ ଜଣ ପୋଲିସ କର୍ମଚାରୀଙ୍କର ମୃତ୍ୟୁ ହୋଇଥିଲା ।

## ଫଟୋସୁଟ୍ ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡ





ଜଣେ କାନାଡିଆନ୍ ଫଟୋଗ୍ରାଫର ନିଜ ଫଟୋସୁଟ୍ ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାଁକୁ ସାମିଲ କରିଛନ୍ତି । ସେ ଏହି ଫଟୋସୁଟ୍‌ରେ ଆମେରିକାର ଫ୍ଲୋରିଡାରେ ଥିବା ୫୦ ମିଟର ବା ୧୬୩ ଫୁଟ ଗଭୀର ଜଳରେ କରିଛନ୍ତି, ଯେଉଁ କାରଣରୁ ତାଙ୍କୁ ଏହି ରେକର୍ଡ ମିଳିଛି । ଏହା ପୂର୍ବରୁ ସେ ନିଜେ ନିଜର ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି । ଏହାପୂର୍ବରୁ ସେ ୨୦୨୧ ଓ ୨୦୨୩ରେ ଏଭଳି ରେକର୍ଡ ସେଟ୍ କରିଥିଲେ ଯାହାକୁ ବର୍ତ୍ତମାନ ନିଜେ ଭାଙ୍ଗିଛନ୍ତି । ଏହାପୂର୍ବରୁ ସେ କ୍ରମାଗତ ଭାବେ ୨୧ ଫୁଟ ଓ ୧୩୧ ଫୁଟରେ ଏହି ଫଟୋସୁଟ କରି ରେକର୍ଡ କରିଥିଲେ । ବର୍ତ୍ତମାନ ତାଙ୍କର ପୂରା ଟିମ୍ ଏଥିପାଇଁ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛନ୍ତି । ସେହିଭଳି ଏଥିରେ ଭାଗନେଇଥିବା ମଡେଲଙ୍କୁ ମଧ୍ୟ ସମସ୍ତ ଖୁବ ପ୍ରଶଂସା କରୁଛନ୍ତି । କିଆରା ଅଷ୍ଟୋଓ୍ୱସ୍କି ନାମକ ଏହି ମଡେଲ ଏତେ ଗଭୀରରେ ବି ନିଜ ଫେସିଆଲ ଏକ୍ସପ୍ରେସନ୍ ଖୁବ ଭଲଭାବେ ଦେଇଛନ୍ତି । ସେ ନିଜର ମଡେଲିଂ ଖୁବ ନିର୍ଭୁଲଭାବେ କରିଛନ୍ତି ଯାହା ଦର୍ଶକଙ୍କୁ ଖୁବ ପସନ୍ଦ ଆସିଛି ।

## ଲାଉ ଉତ୍ତପମ୍

**ସାମଗ୍ରୀ–** ସୁଜି,ଦହି, ଲାଉ କୋରା, କଟା ପିଆଜ, କଟା ଟମାଟୋ, କଞ୍ଚା ଲଙ୍କା, ଧନିଆ ପତ୍ର, ହଳଦି ଗୁଣ୍ଡ, ଭଜା ଜିରା ଗୁଣ୍ଡ, କ୍ୟାପସିକମ୍ କଟା ।

**ପ୍ରଣାଳୀ–** ପ୍ରଥମେ ସୁଜି, ଦହି ଓ ପାଣି ମିଶାଇ ଏକ ଆଣ ପ୍ରସ୍ତୁତ କରନ୍ତୁ । ଏହି ଆଣକୁ ୧୫ ମିନିଟ୍ ପାଇଁ ଛାଡି ଦିଅନ୍ତୁ । ବର୍ତ୍ତମାନ ଏଥିରେ କଟା ପିଆଜ, ଲଙ୍କା, ଟମାଟୋ, ଲାଉ, ଧନିଆ ପତ୍ର କଟା ପକାଇ ଗୋଳାନ୍ତୁ । ଏହାପରେ ଏଥିରେ ହଳଦି, ଲୁଣ, ଜିରା ଗୁଣ୍ଡ ପକାନ୍ତୁ । ପ୍ରସ୍ତୁତ ହୋଇଗଲା ଉତ୍ତପମ ଆଣ । ଏହାକୁ ପ୍ୟାନ୍‌ରେ ଛୋଟଛୋଟ କରି ପ୍ରସ୍ତୁତ କରନ୍ତୁ ଲାଉ ଉତ୍ତପମ ।



## ଓସ୍କାର ଦୌଡରେ କାର୍ଲା



ଚଳିତ ଓସ୍କାର ବର୍ତ୍ତମାନ ବିଭିନ୍ନ କାରଣ ପାଇଁ ଚର୍ଚ୍ଚାରେ ରହିଛି । ପ୍ରଥମଥର ପାଇଁ ଚଳିତ ଓସ୍କାର ନୋମିନେସନରେ ସାମିଲ ହୋଇଛନ୍ତି ଟ୍ରାନ୍ସଜେଣ୍ଡର ଆକ୍ଟ୍ରେସ କାର୍ଲା ସୋଫିୟା । ସେ ଏକି ସ୍ପେନିସ୍ ଅଭିନେତ୍ରୀ ହୋଇଥିବାବେଳେ ତାଙ୍କୁ ଫିଲ୍ମ ଏମିଲିୟା ପେରେଜ ପାଇଁ ନୋମିନେସନ ମିଳିଛି । ସେ ଏହି ଆଓ୍ୱାର୍ଡରେ ବେଷ୍ଟ ଆକ୍ଟ୍ରେସ କାଟାଗୋରୀରେ ସାମିଲ ହୋଇଛନ୍ତି । ଏହାସହ ତାଙ୍କ ଫିଲ୍ମକୁ ୧୩ଟି କାଟାଗୋରୀରେ ନୋମିନେସନ ମିଳିଛି । ଏହାପୂର୍ବରୁ କାନ୍ସ ଫେଷ୍ଟିଭାଲରେ ମଧ୍ୟ ଅଭିନେତ୍ରୀଙ୍କୁ ବେଷ୍ଟ ଆକ୍ଟ୍ରେସ ଆଓ୍ୱାର୍ଡ ମିଳିସାରିଛି । ସେହିଭଳି ୨୦୨୪ ଗୋଲ୍ଡେନ୍ ଗ୍ଲୋବ ଆଓ୍ୱାର୍ଡରେ ମଧ୍ୟ ତାଙ୍କୁ ନୋମିନେସନ ମିଳିଥିଲା । ପ୍ରଥମଥର ପାଇଁ ଟ୍ରାନ୍ସଜେଣ୍ଡର ଆକ୍ଟ୍ରେସ ଭାବେ ଓସ୍କାର ନୋମିନେସନରେ ସାମିଲ ହୋଇଥିବାରୁ ଖୁବ ଖୁସି ଅଛନ୍ତି କାର୍ଲା ।

## ତାରବିହୀନ ଡିଜିଟାଲ୍ ବ୍ରିଜ୍



ପକ୍ଷାଘାତରେ ପୀଡିତ ବ୍ୟକ୍ତିଙ୍କ ପାଇଁ ଚାଲିବା ଯେପରି ଏକ ସ୍ୱପ୍ନ ହୋଇଥାଏ । ଏଥିପାଇଁ ବିଭିନ୍ନ ଅସ୍ତ୍ରୋପଚାର ଓ ଔଷଧର ସହାୟତା ନିଆଯାଇଥାଏ । ହେଲେ କେତେକଙ୍କ କ୍ଷେତ୍ରରେ ଏହା ଫଳପ୍ରଦ ହେଉଥିବାବେଳେ କେତେକଙ୍କ କ୍ଷେତ୍ରରେ ହୋଇ ନଥାଏ । ତେବେ ବର୍ତ୍ତମାନ ବୈଜ୍ଞାନିକମାନେ ଏଭଳି ଏକ ଡିଭାଇସ ପ୍ରସ୍ତୁତ କରିଛନ୍ତି, ଯାହା ଆମର ମସ୍ତିଷ୍କ ସହ ମେରୁଦଣ୍ଡକୁ ଯୋଡିବ । ଯେଉଁ କାରଣରୁ ଜଣେ ପକ୍ଷାଘାତ ରୋଗୀ ଚାଲିବାରେ ସକ୍ଷମ ହୋଇପାରିବ । ତେବେ ସେମାନେ ଏହି ଡିଭାଇସର ନାଁ ୱେୟାରଲେସ୍ ଡିଜିଟାଲ ବ୍ରିଜ ନାଁ ଦେଇଛନ୍ତି । ସୁଇଜରଲାଣ୍ଡର ସ୍ୱିସ୍ ଫେଡରଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଟିମ ଏହାର ଉଦ୍ଭାବନ କରିଛନ୍ତି । ଏହା ଭାଙ୍ଗିଯାଇଥିବା ମେରୁଦଣ୍ଡକୁ ମସ୍ତିଷ୍କ ସହ ଯୋଡିଥାଏ । ଏଥିରେ ଥିବା ଇଲେକ୍ଟ୍ରିକ୍ ସ୍ୱିଚ୍ ଟଚ୍ ସ୍କ୍ରିନ୍ ଭଳି କାମ କରିଥାଏ, ଯେଉଁଥିରେ ସଙ୍କେତ ମିଳିବା ପରେ କାର୍ଯ୍ୟ ଆରମ୍ଭ ହୋଇଥାଏ । ଏହି ଡିଜିଟାଲ ବ୍ରିଜ୍ ଗୋଟିଏ ବ୍ରେନ୍ – ସ୍ପାଇନ୍ ଇଣ୍ଟରଫେସ୍ ହୋଇଥାଏ, ଯାହା ମସ୍ତିଷ୍କ ଓ ମେରୁଦଣ୍ଡ ମଧ୍ୟରେ କନେକସନ୍ କରିଥାଏ । ଏହି ଡିଭାଇସ୍ ପକ୍ଷାଘାତ ରୋଗୀଙ୍କର ମୁମେଣ୍ଟକୁ କଣ୍ଟ୍ରୋଲ୍ କରିଥାଏ । ଏହାର ପରୀକ୍ଷଣ ନେଦରଲାଣ୍ଡର ଜଣେ ପକ୍ଷାଘାତ ରୋଗୀଙ୍କ ନିକଟରେ ସଫଳ ପରୀକ୍ଷା ମଧ୍ୟ କରାଯାଇଛି ।

## ୨୫୦ ଅଡିସନ ପରେ ଏଣ୍ଟ୍ରି



ଶାହିଦ୍ କପୁର ନିକଟରେ ନିଜ ଆକ୍ଟିଂ କ୍ୟାରିୟରର ଷ୍ଟ୍ରଗଲ ବିଷୟରେ ମନଖୋଲି କଥା ହୋଇଛନ୍ତି । ଶାହିଦ୍‌ଙ୍କୁ ଇଣ୍ଡଷ୍ଟ୍ରୀରେ ପ୍ରବେଶ କରିବା ପାଇଁ ପାଖାପାଖି ୨୫୦ ଅଡିସନ୍ ଦେବାକୁ ପଡିଥିବାନେଇ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ତାଙ୍କୁ ଇଣ୍ଡଷ୍ଟ୍ରୀରେ ଯାଗା ତିଆରି କରିବାକୁ ଅନେକ ଷ୍ଟ୍ରଗଲ କରିବାକୁ ପଡିଛି । ବାପା ପଙ୍କଜ କପୁର ୧୯୮୦ରୁ ଫିଲ୍ମ ଇଣ୍ଡଷ୍ଟ୍ରୀର ଅଂଶ ଥିଲେ ବି ତାଙ୍କୁ ଅନେକ ଷ୍ଟ୍ରଗଲ କରିବାକୁ ପଡିଥିବା ସେ ପ୍ରକାଶ କରିଛନ୍ତି । କେବଳ କ୍ୟାରିୟର ନୁହେଁ ତାଙ୍କୁ ବ୍ୟକ୍ତିଗତ ସ୍ତରରେ ମଧ୍ୟ ଅନେକ ଷ୍ଟ୍ରଗଲ କରିବାକୁ ପଡିଛି । ସେ ଖୁବ କମ ବୟସର ଥିଲେ ଯେତେବେଳେ ତାଙ୍କ ବାପା ମା'ଙ୍କର ବିବାହ ବିଚ୍ଛେଦ ଘଟିଥିଲା । ଯାହା ତାଙ୍କ ପାଇଁ ଖୁବ ଖରାପ ପରିସ୍ଥିତି ଥିଲା । ସେ ପିଲାଦିନୁ ମା' ନୀଲିମା ଅଜୀମଙ୍କ ପାଖରେ ବଡ ହୋଇଛନ୍ତି । ତାଙ୍କର ଏଭଳି ବି ପରିସ୍ଥିତି ଆସିଥିଲା କି ସେ ଅନେକ ଆର୍ଥିକ ସମସ୍ୟା ଦେଇ ମଧ୍ୟ ଗତି କରିଥିଲେ । ସେହି ସମୟରେ ତାଙ୍କୁ ପୋଷାକ କିଣିବାକୁ ବି ଅର୍ଥ ମିଳି ନଥିବା ନେଇ ସେ ମତ ଦେଇଛନ୍ତି । ଇଣ୍ଡଷ୍ଟ୍ରୀରେ ତାଙ୍କୁ ଅନେକଥର ଛୋଟ ଭଳି ଅନୁଭବ କରିବାକୁ ବାଧ୍ୟ ମଧ୍ୟ କରାଯାଇଛି, ହେଲେ ସେ ଏହାର ପ୍ରଭାବ ନିଜ କ୍ୟାରିୟର ଉପରେ ପଡିବାକୁ ଦେଇ ନାହାନ୍ତି । ସେଖୁବ ପରିଶ୍ରମ କରି ଆଗକୁ ବଢିବା ସହିତ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଏଥିରେ ସେ ସଫଳ ମଧ୍ୟ ହୋଇଛନ୍ତି । ଆଜି ତାଙ୍କୁ ଦର୍ଶକ ଖୁବ ଭଲପାଇବା ଦେଉଛନ୍ତି ଏବଂ ସେ ଏଥିରେ ଖୁବ ଖୁସି ଅଛନ୍ତି ବୋଲି ଶାହିଦ ନିଜର ଏହି ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।


ODISHA
NEW OPPORTUNITIES
CII
Confederation of Indian Industry
MAKE IT UTKARSH
Hon'ble Prime Minister, Shri Narendra Modi inaugurates the Utkarsh Odisha – Make in Odisha Conclave 2025 today, we invite industry leaders and entrepreneurs to be a part of this transformational journey.
Shri Narendra Modi
Prime Minister
Shri Mohan Charan Majhi
Chief Minister, Odisha
As we aim for Viksit Bharat 2047, Odisha will play a pivotal role in driving this ambition forward. Its investor- friendly policies and strategic location make it the anchor for our Purvodaya Vision.
UTKARSH
ODISHA
MAKE IN ODISHA CONCLAVE'25
BHUBANESWAR | 28th - 29th JAN | 2025
Sunrise of Investment Excellence
Utkarsh Odisha Inauguration by
Prime Minister of India at 10:30 AM
CEOs Roundtable
Start-up Plenary Session
Country-of -focus Session
Cultural Program
Chemicals, Petrochemicals and Plastics Session
Renewable Energy & Equipment Session
Mining & Metallurgy Session
Today January 2025 28
VENUE: Janata Maidan Bhubaneswar
BECOME A PART OF THE "SAMRUDH ODISHA 2036" JOURNEY
INVEST IN ODISHA, INVEST IN FUTURE
DSPL-357
OIPR: 14005/13/0042/2425

## ୭୬ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ
# ଅଭିବାଦନ ଗ୍ରହଣ କଲେ ରାଜ୍ୟପାଳ




ଭୁବନେଶ୍ୱର, (ସବ୍ୟୁ): ରାଜଧାନୀ ଭୁବନେଶ୍ୱରର ମହାତ୍ମାଗାନ୍ଧୀ ମାର୍ଗରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ । ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ସକାଳ ୮.୨୮ ରେ ମହାତ୍ମା ଗାନ୍ଧୀ ମାର୍ଗରେ ପହଞ୍ଚିବା ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଓ ଆରକ୍ଷୀ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଉପମହାନିର୍ଦ୍ଦେଶକ କମୋଡର ମହେଶ ରାହାଙ୍ଗଲେ ରାଜ୍ୟପାଳଙ୍କୁ ମଞ୍ଚ ନିକଟକୁ ପାଛୋଟି ନେଇଥିଲେ । ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ୮.୩୦ ମିନିଟ୍ ସମୟରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପରେଡ୍ କମାଣ୍ଡର ଶୁଭମ୍ ଭୋସଲେ ପ୍ୟାରେଡ୍ ପରିଚାଳନା କରିଥିଲେ । ରାଜ୍ୟ ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଂଗୀତ ବାଦନ ପରେ ୧୭ଟି ସାମରିକ ବାହିନୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ୨୬ଟି ବେସାମରିକ ଦଳ ସମୁଦାୟ ୪୩ଟି ଦଳ ମିଳିତ ପ୍ୟାରେଡ୍‌ରେ ଅଂଶଗ୍ରହଣ କରିଥିଲେ । ସମ୍ମିଳିତ ପ୍ୟାରେଡ୍ ଅନୁଷ୍ଠିତ ହେବା ପରେ ପରେ ବିଭିନ୍ନ ସାଂସ୍କୃତିକ ଦଳ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କଟକ ଚୌଦ୍ୱାର ସଂଗୀତ କଳା ସଂସଦ ପକ୍ଷରୁ ପାରମ୍ପରିକ ଘୋଡ଼ାନାଚ, ରାୟଗଡ଼ା ଜିଲ୍ଲା ସନ୍ତୋଷୀ କଳା ପ୍ରତିଷ୍ଠାନ ଦ୍ୱାରା ଜନଜାତିମାନଙ୍କ ଢେମ୍‌ସା ନୃତ୍ୟ, କେନ୍ଦୁଝର ଜିଲ୍ଲାର ଆଦିମ ସଂସ୍କୃତି ସଂଗଠନ ପକ୍ଷରୁ ହୋ-ମୁଣ୍ଡା ନୃତ୍ୟ ଓ ସମ୍ବଲପୁରର ରଙ୍ଗଫଗୁଆ ସଂଗଠନର କଳାକାରବୃନ୍ଦଙ୍କ ଦ୍ୱାରା ସମ୍ବଲପୁରୀ ଡାପ୍ ବଜନିଆଁ ନୃତ୍ୟ ପରିବେଷଣ ଉତ୍ସବକୁ ମନୋମୁଗ୍ଧକର କରିଥିଲା । ଏହା ପରେ ସମୃଦ୍ଧ ଓଡ଼ିଶା-ଐତିହ୍ୟ ଏବଂ ବିକାଶର ବାର୍ତ୍ତା ବହନ କରୁଥିବା ପ୍ରଜ୍ଞାପନ ମେଢ଼ଗୁଡ଼ିକ ଅଭିବାଦନ ମଞ୍ଚ ଅତିକ୍ରମ କରିଥିଲେ । ଏହି ଭବ୍ୟ ସମାରୋହରେ ମାନ୍ୟବର ରାଜ୍ୟପାଳଙ୍କ ସହଧର୍ମିଣୀ ତଥା ରାଜ୍ୟର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମ୍ପାଟି ଏବଂ ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ଶ୍ରୀମତୀ ପ୍ରିୟଙ୍କା ମାର୍ଣ୍ଡି ଉପସ୍ଥିତ ଥିଲେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା, ସୁରେନ୍ଦ୍ର କୁମାର, ନିକୁଞ୍ଜ ବିହାରୀ ଧଳ, ବିଭିନ୍ନ ବିଭାଗର ଶାସନ ସଚିବ, ବରିଷ୍ଠ ପୋଲିସ ଅଧିକାରୀ, ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ ଏବଂ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ପ୍ରମୁଖଙ୍କ ସମେତ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀବୃନ୍ଦ, ସାଧାରଣତନ୍ତ୍ର ଦିବସ ଉତ୍ସବରେ ଉପସ୍ଥିତ ଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ଉପନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ, ସୂଚନା ଅଧିକାରୀ ସୁଶ୍ରୀ ରୋଜାଲିନ୍ ସାହୁ ଓ ବିନାୟକ ମିଶ୍ର ରାଜ୍ୟସ୍ତରୀୟ ପ୍ୟାରେଡ୍ କାର୍ଯ୍ୟକ୍ରମରେ ଧାରାବିବରଣୀ ପ୍ରଦାନ କରିଥିଲେ ।

## ଜିଲ୍ଲାସ୍ତରୀୟ ପ୍ୟାରେଡରେ ସାଇଦେବିଶ୍ରୀ ପୁରସ୍କୃତ

କଟକ, (ସବ୍ୟୁ):ସେକୋଣ୍ଡାରୀ ବୋର୍ଡ଼ ହାଇସ୍କୁଲର ସପ୍ତମଶ୍ରେଣୀ ଛାତ୍ରୀ ସାଇଦେବିଶ୍ରୀ ଜେନା ଜିଲ୍ଲାସ୍ତରୀୟ ଇଂରାଜୀ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଜିଲ୍ଲାସ୍ତରୀୟ ପ୍ୟାରଡରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁଶ୍ରୀ ଜେନାଙ୍କୁ ଟ୍ରଫି ସହିତ ମାନପତ୍ର ପ୍ରଦାନ କରିଥିଲେ । ସାଇଦେବିଶ୍ରୀ ନିଜ ସଫଳତାର ଶ୍ରେୟ ଶିକ୍ଷକ/ଶିକ୍ଷୟିତ୍ରୀ ଓ ପିତାମାତାଙ୍କୁ ଦେଇଛନ୍ତି ବୋଲି ପ୍ରକାଶ କରିଛନ୍ତି ।

## ନାଲକୋରେ ୭୬ତମ ସାଧାରଣତନ୍ତ୍ର ଦିବସ
# କର୍ପୋରେଟ୍ କାର୍ଯ୍ୟାଳୟ ରେସିଏମଡିଙ୍କ ଦ୍ୱାରା ଜାତୀୟପତାକା ଉତ୍ତୋଳନ






ଭୁବନେଶ୍ୱର, (ସବ୍ୟୁ): ନାଲକୋର ସମସ୍ତ ଉତ୍ପାଦନ ୟୁନିଟ୍ ଏବଂ କର୍ପୋରେଟ୍ କାର୍ଯ୍ୟାଳୟରେ ୭୬ତମ ଗଣତନ୍ତ୍ର ଦିବସ ଦେଶଭକ୍ତି ଏବଂ ଉତ୍ସାହର ସହିତ ପାଳିତ ହୋଇଯାଇଛି । ଭୁବନେଶ୍ୱରସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, ପତାକା ଉତୋଳନ କରିଥିଲେ । ନିଜ ଅଭିଭାଷଣରେ, ଶ୍ରୀ ସିଂହ ଭାରତୀୟ ସମ୍ବିଧାନର ମୂଲ୍ୟବୋଧକୁ ବଜାୟ ରଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ଦେଶର ନାଗରିକ ଭାବେ ରାଷ୍ଟ୍ର ନିର୍ମାଣରେ ସକ୍ରିୟ ଭାବରେ ଯୋଗଦାନ ଦେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ସେ ରାଷ୍ଟ୍ରର ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ଏକତା, ପ୍ରଗତି ଏବଂ ସାମୂହିକ ଦାୟିତ୍ୱର ଆବଶ୍ୟକତାକୁ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ଏହି ସମାରୋହ ଦେଶପ୍ରେମର ଭାବନା,କର୍ମଚାରୀ ଶସକ୍ତିକରଣ ଏବଂ ଜାତୀୟ ପ୍ରଗତି ପ୍ରତି ନାଲକୋ ସମୁଦାୟର ପ୍ରତିବଦ୍ଧତା ପ୍ରତିଫଳିତ ହୋଇଥିଲା ।

# ଆଖିବୁଜିଲା ସିଂହୀ ରେୱା

ବାରଙ୍ଗ,(ସବ୍ୟୁ) :ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପାଇଁ ଏକ ଦୁଃଖଦ ଖବରଛ ପ୍ରାଣୀଉଦ୍ୟାନର ମୁଖ୍ୟ ଆକର୍ଷଣ ସାଜିଥିବା ସିଂହୀ ରେୱାର ସୋମବାରଦିନ ମୃତ୍ୟୁ ଘଟିଛି। ଗତ ଶନିବାର ରେୱା ୩ ଟି ଛୁଆ ଜନ୍ମ ଦେଇଥିଲା। ପ୍ରଥମ ଛୁଆଟି ମୃତ ଜନ୍ମ ହୋଇଥିଲା। ଶନିବାର ଦିନ ଛୁଆଜନ୍ମ ପରେ ରେୱା ସୁସ୍ଥ ଥିବା କର୍ତ୍ତୃପକ୍ଷ ସୂଚନା ଦେଇଥିବା ବେଳେ ରବିବାର ସନ୍ଧ୍ୟାରେ ରେ ପୁଣି ପ୍ରସବ ଯନ୍ତ୍ରଣାରେ ପୀଡ଼ିତ ହୋଇଥିଲା। କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଣୀ ଚିକିତ୍ସକ ମାନେ ତାର ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରୁଥିଲେ। ରାତି ପ୍ରାୟ ସାଢ଼େ ୭ଟାରେ ରେୱା ଏକ ଛୁଆ ଜନ୍ମ କରିବାକୁ ଯାଉଛି। ଯାହା ବାହାରକୁ ଅଧା ବାହାରି ଅଛି। ରେୱା କୁ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ସାଲାଇନ ଏବଂ ଅନ୍ୟାନ୍ୟ ଚିକିତ୍ସା ଦିଆଯାଇ ତୀକ୍ଷ୍ଣ ନଜରରେ ରଖିଥିଲେ। ସୋମବାର ଭୋର ପ୍ରାୟ ୩. ୩୫ ରେ ରେୱା ଏକ ମୃତ ଛୁଆ ଜନ୍ମ ଦେଇଥିଲା। ୪.୩୮ ସମୟରେ ରେୱା ପାଣି ପିଇବାକୁ ଯାଇଥିଲା। ତାର ଗୋଟିଏ ମିନିଟ ପରେ ଅର୍ଥାତ୍ ୪.୩୯ ରେ ସେ ତଳେ ପଡ଼ି ଯାଇଥିଲା। ଆଉ ଉଠିନଥିଲା । ପ୍ରାଣୀ ଚିକିତ୍ସକ ମାନେ ତାକୁ ମୃତ ଘୋଷଣା କରିଥିଲେ ।

## ନାରାୟଣ ଇ-ଟେକ୍ନୋ ବିଦ୍ୟାଳୟରେ ଗଣତନ୍ତ୍ର ଦିବସ

ଭୁବନେଶ୍ୱର (ସବ୍ୟୁ): ସ୍ଥାନୀୟ ୟୁନିଟ-୮ ସ୍ଥିତ ନାରାୟଣ ଇ-ଟେକ୍ନୋ ବିଦ୍ୟାଳୟରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଡି.ଜି.ଏମ୍ କିଶୋର ପାଣିଗ୍ରାହୀ ଓ ସମସ୍ତ ବିଭାଗର କୋ-ଅର୍ଡିନେଟରଙ୍କ ଉପସ୍ଥିତିରେ



ଅଧକ୍ଷା ଶ୍ରୀମତୀ ଟି.ଶ୍ରୀଦେବୀ ଜାତୀୟ ପତାକା ଉତ୍ତୋଳନ କରି ଗଣତବ ଦିବସର ମହତ୍ୱ ପିଲାମାନଙ୍କୁ ବୁଝାଇ ଥିଲେ । କୁନିକୁନି ପିଲାମାନେ ସ୍ୱାଧିନତା ସଂଗ୍ରାମୀ ମାନଙ୍କର ବେଶ ଧାରଣ କରି ସେମାନଙ୍କର ଗୁଣଗାନ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ମାନେ ସ୍ୱାଧିନତା ସଂଗ୍ରାମୀ ମାନଙ୍କର ଫଟୋଚିତ୍ରରେ ଭକ୍ତି ସୁମନ ଅର୍ପଣ କରିଥିଲେ । ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ଦେଶଭକ୍ତି ଗୀତ ଓ ନୃତ୍ୟରେ ପରିବେଶରେ ଉଷ୍ମତା ଭରିଦେଇଥିଲା । ବିଶେଷ କରି ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ପରେଡ୍ ବେଶ୍ ଆକର୍ଷଣୀୟ ହୋଇଥିଲା । ସମସ୍ତ ପିଲାମାନଙ୍କ ହାତରେ ଶୋଭା ପାଉଥିଲା ଜାତୀୟ ପତାକା ଓ କଣ୍ଠରୁ ଝରୁଥିଲା ବନ୍ଦେ ମାତରମଂ,ଭାରତ ମାତା କି ଜୟ ....। ଏହି ଜୟଧ୍ୱନୀରେ ପରିବେଶ ପ୍ରକମ୍ପିତ ହେଉଥିଲା । ଶେଷରେ ପିଲାମାନଙ୍କୁ ଏହି ପାବନ ଅବସରରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ପରିଶେଷରେ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା

## କଟକରେ ସାଧାରଣତନ୍ତ୍ର ଦିବସରେ
# ଅଭିବାଦନ ଗ୍ରହଣ କଲେ ମୁଖ୍ୟମନ୍ତ୍ରୀ

କଟକ (ସବ୍ୟୁ): କଟକରେ ୭୬ ତମ ପବିତ୍ର ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଦ୍‌ବୋଧନ ଦେଇ କହିଲେ ଯେ, ଆମ ରାଜ୍ୟ ଓଡିଶାରେ ମଧ୍ୟ ସ୍ୱାଧୀନତା ସଂଗ୍ରାମ ତଥା ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଆନ୍ଦୋଳନରେ ଅନେକ ବୀର ସୁପୁତ୍ର ନିଜର ତ୍ୟାଗ ଓ ବଳିଦାନ ଦେଇଛନ୍ତି । ବୀର ସୁରେନ୍ଦ୍ର ସାଏ, ଶହୀଦ୍ ମାଧୋ ସିଂ, ବକ୍ସି ଜଗବନ୍ଧୁ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୁଦନ ଦାସ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଭଗବାନ ବିର୍ସା ମୁଣ୍ଡା, ଶହୀଦ୍ ଲକ୍ଷ୍ମଣ ନାୟକ, ଡକ୍ଟର ହରେକୃଷ୍ଣ ମହତାବ, ମା' ରମାଦେବୀ, ଶହୀଦ୍ ବାଜି ରାଉତ, ମାଳତୀ ଚୌଧୁରୀ, ପାର୍ବତୀ ଗିରିଙ୍କ ପରି ମହାନ ସଂଗ୍ରାମୀ ମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

୭ ମାସ ତଳେ ଯେଉଁ ଆଶା ଆକାଂକ୍ଷା ସହିତ ରାଜ୍ୟବାସୀ ଆମ ଉପରେ ଭରସା କରି ଶାସନ କରିବାକୁ ସୁଯୋଗ ଦେଇଛନ୍ତି, ତାକୁ ପୂରଣ କରିବା ପାଇଁ ଗୋଟିଏ ମୂହୁର୍ତ୍ତ ମଧ୍ୟ ଆମ ସରକାର ବିଳମ୍ବ କରି ନ ଥିଲେ । ୨୦୨୪ ମସିହା ଜୁନ ୧୨ ତାରିଖରେ ଶପଥ ଗ୍ରହଣ କରିବାର ଗୋଟିଏ ଘଣ୍ଟା ମଧ୍ୟରେ ପ୍ରଥମ କ୍ୟାବିନେଟ ବୈଠକ ଡାକି ଚାରିଗୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା । ସେଗୁଡିକ ହେଲା-ଶ୍ରୀ ମନ୍ଦିରର ଚାରିଦ୍ୱାର ଭକ୍ତଙ୍କ ପ୍ରବେଶ ପାଇଁ ଖୋଲିବା ସହିତ ଶ୍ରୀମନ୍ଦିରର ସୁପରିଚାଳନା ଓ ଉନ୍ନତି ପାଇଁ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠିର ବ୍ୟବସ୍ଥା, ମହିଳା ସଶକ୍ତିକରଣ ପାଇଁ ସୁଭଦ୍ରା ଯୋଜନାର କାର୍ଯ୍ୟକାରୀତା ଓ ଚାଷୀ ଭାଇ ଭଉଣୀଙ୍କ ପାଇଁ ଧାନ କିଣା ବାବଦକୁ ୩୧୦୦ ଟଙ୍କା ପ୍ରଦାନ । ସେହି ଦିନଠାରୁ ଆମ ସରକାର ରାଜ୍ୟର ବିକାଶ ପାଇଁ ଅନବରତ କାର୍ଯ୍ୟ କରିଚାଲିଛନ୍ତି ଏବଂ ଏହାର ସୁଫଳ ରାଜ୍ୟବାସୀ ପାଉଛନ୍ତି । ମହିଳାମାନେ ହେଉଛନ୍ତି ଆମ ସମାଜର ମୁଖ୍ୟ ଅଙ୍ଗ ଏବଂ ଜନସଂଖ୍ୟାର ଅଧାଛ ସୁଭଦ୍ରା ଯୋଜନାରେ ରାଜ୍ୟର ଏକ କୋଟିରୁ ଅଧିକ ମା' ମାନଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ଲେଖାଏଁ ପାଞ୍ଚବର୍ଷ ପାଇଁ ପ୍ରଦାନ କରିବା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଆଜି ସୁଦ୍ଧା ୮୦



ଲକ୍ଷରୁ ଅଧିକ ମହିଳା ହିତାଧିକାରୀମାନେ ପ୍ରଥମ କିସ୍ତି ଟଙ୍କା ପାଇ ସାରିଲେଣି, ଅବଶିଷ୍ଟ ଯୋଗ୍ୟ ମହିଳା ହିତାଧିକାରୀମାନେ ଆସନ୍ତା କିଛି ଦିନ ମଧ୍ୟରେ ପାଇଯିବେ । ପୁନର୍ବାର ମାର୍ଚ୍ଚ ୮ ତାରିଖ ମହିଳା ଦିବସ ଅବସରରେ ଦ୍ୱିତୀୟ କିସ୍ତି ପାଇବେ । ଓଡିଶାର ଅର୍ଥନୀତି ଆମ ପରିଶ୍ରମୀ ଚାଷୀଙ୍କ ବିନା କଳ୍ପନା କରାଯାଇପାରେ ନାହିଁ । ରାଜ୍ୟର ପ୍ରାୟ ୭୦ ପ୍ରତିଶତ ଅଧିବାସୀ କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟରୁ ସେମାନଙ୍କ ଜୀବିକା ନିର୍ବାହ କରିଥାନ୍ତି । ତେଣୁ, ସେମାନଙ୍କ କଲ୍ୟାଣ କରିବା ସହିତ, ସୁବିଧା ଅସୁବିଧାରେ ଛିଡା ହେବା ଆମ ସରକାରଙ୍କ ନୈତିକ ଦାୟୀତ୍ୱ ଏହି ଦାୟିତ୍ୱକୁ ଆମେ ସୂଚାରୁ ରୂପେ ତୁଲାଉଛୁ । ଏହାର ପ୍ରମାଣ ହେଉଛି, ଧାନ କିଣା ବାବଦକୁ ୩୧୦୦ ଟଙ୍କା ପ୍ରଦାନ ଏବଂ ଅଦିନିଆ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ଭାଇ ଭଉଣୀ ମାନଙ୍କୁ କ୍ଷତିପୂରଣ ବାବଦକୁ ଯଥାଶୀଘ୍ର ୨୯୧ କୋଟିରୁ ଅଧିକ ଟଙ୍କା ସହାୟତା ପ୍ରଦାନଛ ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରି କ୍ଷତି ପୂରଣ ପ୍ରଦାନ କରିବା ଚାଷୀ ଭାଇ ଓ ଭଉଣୀ ମାନଙ୍କ ପ୍ରତି ଆମର ପ୍ରତିବଦ୍ଧତାକୁ ସୂଚାଇଥାଏ । ରାଜ୍ୟରେ ସାଢେ ତିନି କୋଟିରୁ ଅଧିକ ଲୋକେ ଆୟୁଷ୍ମାନ ଭାରତ- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ଯୋଡି ହେବାକୁ ଯାଉଛନ୍ତି । ଏହି ଯୋଜନାରେ କେବଳ ରାଜ୍ୟ ଭିତରେ ନୁହେଁ, ରାଜ୍ୟ ବାହାରେ ରହୁଥିବା ଓଡ଼ିଶାର ମୋର ପ୍ରିୟ ଭାଇ ଓ ଭଉଣୀ ମାନେ ମଧ୍ୟ ପାଞ୍ଚଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇ ପାରିବେ । ସେଥିପାଇଁ ୨୯ ହଜାରରୁ ବି ଅଧିକ ଅନୁବନ୍ଧିତ ଡାକ୍ତରଖାନାରେ ସେସବୁ ସୁଯୋଗ ଉପଲବ୍ଧ । ମହିଳା ହିତାଧିକାରୀମାନେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁବିଧା ପାଇବେ । ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବା ପାଇଁ ଦୁଇ ଦିନ ତଳେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ବିଦ୍ୟାଳୟଗୁଡିକ ଅତ୍ୟାଧୁନିକ ବ୍ୟବସ୍ଥାରେ ପରିପୂର୍ଣ୍ଣ ରହିବ ଏବଂ ଆଗାମୀ ଚାରି ବର୍ଷ ମଧ୍ୟରେ ପ୍ରତିପଞ୍ଚାୟତରେ ଗୋଟିଏ ଲେଖାଏଁ ବିଦ୍ୟାଳୟ ପ୍ରତିଷ୍ଠା ହେବ । ଏଥିପାଇଁ ଆମ ସରକାର ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ । ଏହା ସହିତ ନିପୁଣ ଓଡ଼ିଶା, ପି.ଏମ୍ ଶ୍ରୀ ଯୋଜନା, ଐତିହ୍ୟ ବିଦ୍ୟାଳୟ ଯୋଜନା ଆଦି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟ ଗୁଡିକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଉଛି । ଏହା ବ୍ୟତୀତ, ଛାତ୍ରଛାତ୍ରୀମାନଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନରେ ଅତିରିକ୍ତ ୧ ଟଙ୍କା ବୃଦ୍ଧି କରାଯାଇଛି । ଆଗାମୀ ଉତ୍କର୍ଷ ଓଡିଶା-ମେକ ଇନ ଓଡ଼ିଶା କନକ୍ଲେଭ- ୨୦୨୫ କାର୍ଯ୍ୟକ୍ରମରେ ଓଡିଶାକୁ ପାରମ୍ପରିକ କ୍ଷେତ୍ର ସହ ବିକଳ୍ପ ଶକ୍ତି, ଆଇ.ଟି, ସେମିକଣ୍ଡକ୍ଟର, ଷ୍ଟିଲ, କୃଷି ଭିତ୍ତିକ ଶିଳ୍ପ, ପର୍ଯ୍ୟଟନ, ପେଟ୍ରୋକେମିକାଲସ୍, ଫାର୍ମାସିଟିକାଲ୍ସ , ବନ୍ଦର ଭିତ୍ତିକ ଶିଳ୍ପ ପରି ଆଧୁନିକ କ୍ଷେତ୍ରରେ ନିବେଶର ବ୍ୟାପକ ସୁଯୋଗ ସୃଷ୍ଟି ହୋଇଛି ।

# କିଟ୍ ଓ କିସ୍‌ରେ ୭୬ତମ ସାଧାରଣତନ୍ତ୍ର ଦିବସ

ଭୁବନେଶ୍ୱର, (ସବ୍ୟୁ): କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରେ ୭୬ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସରେ ଅନ୍ତର୍ଜାତୀୟ ଭଲିବଲ ସଂଘ (ଏଫଆଇଭିବି)ର ସଭାପତି ଫାବିଓ ଆଜେଭେଦୋ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ପରେଡ ଅଭିବାଦନ ଗ୍ରହଣ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ପ୍ରତିବର୍ଷ କିଟ୍ ଓ କିସ୍‌ରେ ସାଧାରଣତନ୍ତ୍ର ଦିବସ ଅତି ଆଡ଼ମ୍ବରରେ ପାଳିତ ହୋଇଥାଏ । ପ୍ରତିବର୍ଷ ବିଦେଶରୁ ଜଣେ ଗଣ୍ୟମାନ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥାନ୍ତିଛ ଚଳିତ ବର୍ଷ ଫାବିଓ




ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହାର ଗୁରୁତ୍ୱ ବୃଦ୍ଧି କରିଛନ୍ତିଛ ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉଦ୍ବୋଧନ ଦେଇ ଫାବିଓ କହିଲେ, ଏକତା ହେଉଛି ରାଷ୍ଟ୍ରର ବଳଛ ସମସ୍ତଙ୍କ ମଧ୍ୟରେ ଏକତା ରହିଲେ ଦେଶ ଆଗକୁ ବି ପାରିବ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ସୋସାଇଟିର ଉପସଭାପତି ଉମାପଦ ବୋଷ, ସଂପାଦକ ଆର ଏନ ଦାଶ, କିଟ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ ପରିଜା, ଉପକୁଳାଧିପତି ଡା ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ଡା ସିବିକେ ମହାନ୍ତି, ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା, କୁଳପତି ଦୀପକ ବେହେରା, କୁଳସଚିବ ଡ. ପି କେ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ପଦ୍ମଶ୍ରୀ ପାଇଁ ନାମ ଘୋଷଣା କରାଯାଇଥିବା କିଟ୍ ସ୍କୁଲ ଅଫ୍ ଫାଇନ ଆର୍ଟର ନିର୍ଦ୍ଦେଶକ ଅଦ୍ୱୈତ ଗଡ଼ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି ଉଦ୍ୟମ : ଯୁବକ ମୃତ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଛଣଗିରି ଦେଉଳି ରାସ୍ତାରେ ଶନିବାର ବିଳମ୍ବିତ ରାତିରେ ଯୁବକ ଜଣକ ଏକ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଟ୍ରାନ୍ସଫର୍ମର ଚୋରି ଉଦ୍ୟମ କରି ତଳକୁ ଖସି ମୃତ୍ୟୁ ବରଣ କରିଥିବା ଜଣାପଡିଛିଛି। ଚାନ୍ଦପୁର ଥାନା ଅଞ୍ଚଳର ଟିକି ସାମନ୍ତରାୟ (୩୫) ନାମକ ଜଣେ ଯୁବକ ଆସି ବିଦ୍ୟୁତ୍ ସରବରାହ ଚାଲିଥିବା ବେଳେ ପ୍ଲାସରେ ବିଦ୍ୟୁତ ତାର ବିଚ୍ଛିନ୍ନ କରି ଟ୍ରାନ୍ସଫର୍ମର ନେବାକୁ ଉଦ୍ୟମ କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳକୁ ଖସି ପଡ଼ି ମୃତ୍ୟୁ ବରଣ କରି ତଳେ ପଡିଥିବାର ଲୋକେ ୨୬ ତାରିଖ ରବିବାର ସକାଳୁ ଦେଖିବାକୁ ପାଇଥିଲେ। ଘଟଣାସ୍ଥଳ କୁ ଜଂକିଆ ପୁଲିସ ଆସି ତାର ମୋବାଇଲରୁ ତାର ଠିକଣା ଜାଣି ପାରିଥିଲା। ପରେ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ତୃତୀୟ ଦିନରେ ଓଳାଶୁଣୀ ମେଳା ପଡ଼ିଆ ଲୋକାରଣ୍ୟ

ବାଲିଚନ୍ଦ୍ରପୁର, (ସବ୍ୟୁ) : ସୋମବାର ମାଘକୃଷ୍ଣ ଏକାଦଶୀ ତିଥିରୁ ଆରମ୍ଭ ହୋଇଥିବା ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫାମେଳା ଆଜି ତୃତୀୟ ଦିନରେ ପହଞ୍ଚିଛି। ଗତ କାଲି ଦ୍ୱିତୀୟ ଦିନ ରବିବାର ତଥା ସରକାରୀ ଛୁଟି ଥିବାରୁ ମେଳା ପରିସରରେ ୭୦ ହଜାର ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଆସିଥିଲେ। ତୃିୟ ଦିନରେ ୫୦ ହଜାର ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ପହଞ୍ଚିଥିବା ଦେଖିବାକୁ ମିଳିଛି। ଏହି ମେଳାରେ ସାଧାରଣ ଲୋକଙ୍କର ନୀତି ଦିନିଆ ଜୀବନରେ ବ୍ୟବହୃତ ହେଉଥିବା ଜୀନିଷର ହଜାର ରୁ ଉର୍ଦ୍ଧ୍ୱ ସଂଖ୍ୟାରେ ମେଳା ପରିସରରେ ଅସ୍ଥାୟୀ ଦୋକାନ ଖୋଲଇଛି। ସନ୍ଥ ଅରକ୍ଷିତ ଦାସଙ୍କର ସମାଧି ପୀଠରେ ମୁଖ୍ୟ ଭୋଗ ଲାଗୁଥିବା ପୋଡ଼ପୀଠାର ଅନେକ ଗୁଡ଼ିଏ ଦୋକାନ ଖୋଲିଛି। ଶ୍ରଦ୍ଧାଳୁ ମାନେ ବିଭିନ୍ନ ସୁସ୍ୱାଦର ପୋଡ଼ପୀଠା କିଣି ସମାଧିପୀଠରେ ଲାଗି କରି ଘରକୁ ନେଉଥିବାର ଦେଖିବାକୁ ମିଳିଛି। ସମାଧି ମନ୍ଦିର ବେଢା ଓ ମୁଖ୍ୟ ଦ୍ୱାର ନିକଟରେ ଅନେକ ଗୁଡ଼ିଏ ପୋଡ଼ପୀଠା ଭୋଗ ଦୋକାନରୁ ଶ୍ରଦ୍ଧାଳୁ ମାନେ ସୁସ୍ୱାଦୁ ଓ ସୁଗନ୍ଧିତ ପୋଡ଼ପୀଠା କିଣିବାରେ ଶ୍ରଦ୍ଧାଳୁ ମାନଙ୍କର ଭିଡ଼ ଜମିଛି। ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ପାହାଡ଼ର ପାଦଦେଶ ତଥା ମନ୍ଦିର ପ୍ରବେଶ ପଥରେ ପ୍ରେସ୍ କ୍ଲବ ବାଲିଚନ୍ଦ୍ରପୁର ଆନୁକୂଲ୍ୟରେ ଏକ ଗଣମାଧ୍ୟମ ପ୍ରକୋଷ୍ଠ ଏକାଦଶୀ ତିଥିଠାରୁ ଉଦାଘାଟିତ ହୋଇଯାଇଛି।

## ମୋ କଟକ ସୁରକ୍ଷା ମଞ୍ଚର ସ୍ୱନକ୍ଷତ୍ର ଉତ୍ସବ
# ସଂସଦରତ୍ନ ଭର୍ତ୍ତୃହରି ମହତାବଙ୍କୁ ସର୍ବଶ୍ରେଷ୍ଠ ବାରବାଟୀ ସମ୍ମାନ




କଟକ, (ସ୍ୱପ୍ର): ମୋ କଟକ ସୁରକ୍ଷା ମଞ୍ଚର ୫ମ ସ୍ୱନକ୍ଷତ୍ର ଉତ୍ସବ ଯୋବ୍ରା ସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ ପରିସରରେ ମଞ୍ଚର ମୁଖ୍ୟ ଉପଦେଷ୍ଟା ଚୌଧୁରୀ ପ୍ରଭାତ କେଶରୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବକୁ କଟକ ସାଂସଦ ଭର୍ତ୍ତୃହରି ମହତାବ ଉଦଘାଟନ କରିବାପରେ ତାଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ ଓ ମୁକୁଟ ପରିଧାନ କରାଇ ସର୍ବଶ୍ରେଷ୍ଠ ନାଗରିକ ବାରବାଟୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ଜିତେନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟଅତିଥିଭାବେ ମେୟର ସୁବାଷ ସିଂ ଯୋଗଦେଇ ମୋ କଟକ ସୁରକ୍ଷା ମଞ୍ଚ କରୁଥିବା ଜନହିତକର କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥିଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାରବାଟୀ-କଟକ ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ, ବିଜେପି ନେତ୍ରୀ ନମିତା ମଞ୍ଜରୀ ସାହୁ, ଶୋଭେନ ମହାନ୍ତି, ସୁଶୀଲ ନାଥ, ଉପଦେଷ୍ଟା ଅଶୋକ ମହାନ୍ତି, ସ୍ଥାନୀୟ କର୍ପୋରେଟର ଜେ.କାମେଶ୍ୱର ରାଓ ପ୍ରମୁଖ ଯୋଗଦେଇ ମୋ କଟକ ସୁରକ୍ଷା ମଞ୍ଚ କଟକର ଉନ୍ନତି ନିମନ୍ତେ କରୁଥିବା କାର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ । ଏଥିରେ ମାଟ୍ରିକ ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ, ସାମ୍ବାଦିକ, ବିଭିନ୍ନ ସାମାଜିକ ସଙ୍ଗଠନ, ସୂଚନାଧିକାର କର୍ମୀ, ସମାଜସେବୀ ଓ ଅନନ୍ୟ ପ୍ରତିଭାଧାରୀଙ୍କୁ ବାରବାଟୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । କଟକ ସହରର ବୁଦ୍ଧିଜୀବୀ, କର୍ପୋରେଟର, ଦଳୀୟ ନେତାକର୍ମୀ ଯୋଗଦେଇଥିଲେ। ଶେଷରେ ଅନୁଷ୍ଠାନର ସଭାପତି ଅକ୍ଷୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଫେସର (ଡାକ୍ତର) ଅଶୋକ ମହାପାତ୍ରଙ୍କୁ ସୋଆ ପ୍ରତିଷ୍ଠାତା ସଭାପତିଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ସବ୍ୟୁ) : ବିଶିଷ୍ଟ ନ୍ୟୁରୋସର୍ଜନ ତଥା ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ



କୁମାର ମହାପାତ୍ରଙ୍କୁ ପଦ୍ମଶ୍ରୀ ସମ୍ମାନ ନିମନ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ମନୋନୀତ କରାଯିବା ପରିପ୍ରେକ୍ଷୀରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ସୋମବାର ଦିନ ସମ୍ବର୍ଦ୍ଧିତ କରିଛନ୍ତି । ଏମ୍‌ସ ନୂଆଦିଲ୍ଲୀର ନ୍ୟୁରୋସର୍ଜରୀ ବିଭାଗର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇବା ସହ ଭୁବନେଶ୍ୱର ଏମ୍ସର ପ୍ରଥମ ନିର୍ଦ୍ଦେଶକ ରହିଥିବା ପ୍ରଫେସର ମହାପାତ୍ର ସୋଆର କୁଳପତି ଭାବେ ମଧ୍ୟ ଦାୟିତ୍ୱ ତୁଲାଇ ସାରିଛନ୍ତି । ପ୍ରଫେସର ମହାପାତ୍ରଙ୍କୁ ଶୁଭେଚ୍ଛା ଜଣାଇ ପ୍ରଫେସର ନାୟକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ତାଙ୍କର ଦେଶ ପ୍ରତି ଅବଦାନ ଅତୁଳନନୀୟ ବୋଲି କହିଥିଲେ। ଏହି ସମ୍ମାନ ସୋଆ ପାଇଁ ଗର୍ବ ଓ ଗୌରବ ଆଣି ଦେଇଛି ବୋଲି ସେ କହିଥିଲେ । ଏହି ଅବସରରେ ସୋଆର ଉପକୁଳପତି ପ୍ରଫେସର (ଡାକ୍ତର) ପ୍ରସେନଜିତ ମହାନ୍ତି, ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି ଏବଂ ଆସୋସିଏଟ୍ ଡିନ୍ ପ୍ରଫେସର ମନୋରଞ୍ଜନ ଦାସ ଉପସ୍ଥିତ ଥିଲେ।

## ବାଗଦେବୀ ମହିଳା ମହାସଂଘର ପତାକା ଉତୋଳନ

ଖୋର୍ଦ୍ଧା,(ସବ୍ୟୁ): ଖୋର୍ଦ୍ଧା ପୌରାଂଚଳ ର ୫ନଂ ୱାର୍ଡ ଅନ୍ତର୍ଗତ ଅଗ୍ରଣୀ ମହାସଂଘ ବାଗଦେବି ଆଂଚଳିକ ମହିଳା ମହାସଂଘ ଆନୁକୁଲ୍ୟରେ ମିଶନ ଶକ୍ତି ଗୃହଠାରେ ୭୬ତମ ସାଧାରଣ ତନ୍ତ୍ର ଦିବସ ମହା ଆଡମ୍ବରେ ରେ ପାଳନ ହୋଇ ଯାଇଛି । ଅତିଥି ଅବସପ୍ରାପ୍ତ ପ୍ରସାସିକା ସୌଦାମିନୀ ପଟ୍ଟନାୟକ ପତାକା ଉତତୋଳନ କରିଥିଲେ । ସାଧାରଣ ତନ୍ତ୍ର ଦିବସ ମହତ୍ୱ ଉପରେ ଅଭିଭାଷଣ ରଖିଥିଲେ । ମହିଳା ମାନେ କିପରି ସ୍ୱାବଲମ୍ବୀ ହୋଇ ପାରିବେ ଏବଂ ମିଶନ ଶକ୍ତିର ଆଭି ମୁଖ୍ୟ ଉପରେ ଆଲୋକପାତ କରିଥିଲେ । ସଂଘ କିପରି ସଂଗଠନ ହୋଇ ରହି ବ ତାର ମାର୍ଗ ଦର୍ଶନ ଦେଇଥିଲେ । ମହାସଂଘର ସଭାନେତ୍ରୀ ପ୍ରତିମା ରାଣୀ ମିତ୍ର ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ ପ୍ରଭାସିନୀ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ । ବି ପଲ୍ଲବୀ, ଜ୍ୟୋଷ୍ନା ସାମନ୍ତରାୟ ପ୍ରମୁଖ ଜାତୀୟ ସଙ୍ଗୀତ ଗାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ତଥା ମହାସଂଘର ଉପଦେଷ୍ଟା ସୃଷ୍ଟିରାଜ୍ ତ୍ରିପାଠୀ ଓ ସମାଜସେବୀ ବବୁଲ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଭିନ୍ନ ସ୍ଥାନରେ ୭୬ତମ ଗଣତନ୍ତ୍ର ଦିବସ

**ବାରିପଦା :** ମୟୂରଭଞ୍ଜ ସଦର ମହକୁମା ବାରିପଦା ଠାରେ ଜିଲ୍ଲାସ୍ତରୀୟ ୭୬ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ହେମକାନ୍ତ ସୟ ମୁଖ୍ୟଅତିଥି ଭାବେ ଜାତୀୟ ପତାକା ଉତ୍ତୋଳନ, ସମ୍ମିଳିତ ପ୍ୟାରେଡ଼ରେ ଅଭିବାଦନ, ଉଦବୋଧନ, ପୁରସ୍କାର ବିତରଣ ଓ ବିବିଧ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଭୁତି ଭୂଷଣ ନାୟକ ମୁଖ୍ୟଅତିଥିଙ୍କୁ ରିଜର୍ଭ ପୋଲିସ ପ୍ୟାରେଡ ପଡିଆ ମଂଚ ଉପରକୁ ପାଛୋଟି ଆଣିଥିଲେ। ଜିଲ୍ଲାପାଳ ଶ୍ରୀ ସୟ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟଅତିଥି ନିଜ ଅଭିଭାଷଣରେ ଗଣତନ୍ତ୍ରର ଇତିହାସ, ଗଣତନ୍ତ୍ର ବ୍ୟବସ୍ଥା ଲାଗୁ ପାଇଁ ଭଞ୍ଜ ପ୍ରଶାସନର ମହତ୍ୱ, ଆଜିର ସମୟରେ ଗଣତନ୍ତ୍ର କିଭଳି ଲୋକମାନଙ୍କୁ ସେବା ମାଧ୍ୟମରେ ଅଧିକାର ସାବ୍ୟସ୍ତ କରିବାକୁ ସୁଯୋଗ ଦେଉଛି ସେ ବିଷୟରେ କହିଥିଲେ। ଏଥିସହିତ ଜିଲ୍ଲାପ୍ରଶାସନ ଦ୍ୱାରା ବିଭିନ୍ନ ଜନହିତକର କାର୍ଯ୍ୟକଳାପ ଏବଂ ଯୁଗଉପଯୋଗୀ କାର୍ଯ୍ୟ ସମସ୍ତ ବିଷୟରେ ଜିଲ୍ଲାପାଳ ଶ୍ରୀ ସୟ କହିଥିଲେ। ବିଭିନ୍ନ ସରକାରୀ ଯୋଜନାକୁ ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ଜିଲ୍ଲାର ବିଭିନ୍ନ ଅନୁଭାଗ ମାନେ ପ୍ରଦର୍ଶନ କରିଥିବାବେଳେ, ଜିଲ୍ଲା ସ୍ୱାସ୍ଥ୍ୟ ସମିତିକୁ ଶ୍ରେଷ୍ଠ ପ୍ରଜ୍ଞାପନ ଭାବେ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ



ଧର୍ମାନନ୍ଦ ବେହେରାଙ୍କୁ ମଞ୍ଚରେ ଜିଲ୍ଲାପାଳ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲା ପ୍ରଶାସନ ବିଭିନ୍ନ ବର୍ଗରେ ଛାତ୍ରଛାତ୍ରୀ ଓ କ୍ରୀଡ଼ାବିତ ମାନଙ୍କୁ ପୁରସ୍କୃତ କରିଥିଲା। ମୟୂରଭଞ୍ଜ ଜିଲ୍ଲାପ୍ରଶାସନ ପକ୍ଷରୁ କ୍ରୀଡା ବିଭାଗରେ ସଫଳତା ହାସଲ କରିଥିବା ଆନ୍ତର୍ଜାତୀୟ ରଗବି ଖେଳାଳି ସୁନିତା ହାଁସଦାଃ, ଓ ଫୁଟବଲରେ ରାଜ୍ୟସ୍ତରର କ୍ରୀଡ଼ାବିତ ମାନପତ୍ର ମାର୍ଣ୍ଡିଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ଜିଲ୍ଲା ଶିକ୍ଷା ଓ ନିଯୁକ୍ତି ବିଭାଗ ତରଫରୁ କ୍ୟାରିଅର କାଉନ୍ସିଲ ନିମିତ୍ତ ସମଗ୍ର ଜିଲ୍ଲାରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ। ଏଥିରେ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଜିଲ୍ଲାପାଳ ଏକାଦଶ ବନାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏକାଦଶ ମଧ୍ୟରେ ବାରିପଦା ଷ୍ଟାଡିଅମ ଠାରେ ଆୟୋଜନ କରାଯାଇଥିଲା ଏବଂ ଏଥିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏକାଦଶ ବିଜୟୀ ହୋଇଥିଲେ। ଜାତୀୟ ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ସନ୍ଧ୍ୟା ୬ଘଟିକା ସମୟରେ ସ୍ଥାନୀୟ ସମ୍ମିଳନୀ କକ୍ଷରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲ୍ଲାସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସମ୍ପୂର୍ଣ୍ଣ ଦିବସର କାର୍ଯ୍ୟକ୍ରମ ମାନଙ୍କୁ ପରିଚାଳନା, ସଂରଚନା ଓ ସଂଯୋଜନା ଜିଲ୍ଲାପାଳ ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ନିର୍ବାହ ଓ କାର୍ଯ୍ୟକାରୀ କରିଥିଲେ।

**ବ୍ରହ୍ମପୁର :** ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ୭୬ ତମ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ଯୋଗଦେଇ ସ୍ୱାଭିମାନର ପ୍ରତୀକ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ଅଭିବାଦନ ଗ୍ରହଣ କରିଥିଲେ । ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ପ୍ୟାରେଡରେ ୩୯ ଟି ଦଳ ଓ ୮ ଗୋଟି ଶାରୀରିକ କ୍ରୀଡାରେ ଅଂଶ ଗ୍ରହଣ କରିଥିଲେ ଓ ଆଜିର ଏହି ପ୍ୟାରେଡ୍ କୁ ପ୍ୟାରେଡ୍ କମାଣ୍ଡର ଆର.ଆଇ.ଅଫ ପୋଲିସ ଏମ.ଲକ୍ଷ୍ମୀ ରଞ୍ଜନ, ସେକେଣ୍ଡ ଇନ୍ କମାଣ୍ଡ, ସର୍ଜେଣ୍ଟ ପ୍ରସନ୍ନ କୁମାର ଦାସ ପରିଚାଳନା କରିଥିଲେ। ଏହି ଉତ୍ସବରେ ବ୍ରହ୍ମପୁର ଉପଜିଲ୍ଲାପାଳ ଦୀନା ଦସ୍ତଗିର, ବ୍ରହ୍ମପୁର ଏସପି ଡକ୍ଟର ସର୍ବଣା ବିବେକ ଏମ, ପୂର୍ବତନ ବିଧାୟକ ଡ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଉପସ୍ଥିତ ଥିଲେ। ବ୍ରହ୍ମପୁର ବିଧାୟକଙ୍କ କାର୍ଯ୍ୟାଳୟ ଠାରେ ନୂତନ ଗଞ୍ଜାମ ଜିଲ୍ଲା ସଭାପତିଙ୍କ ଦ୍ୱାରା ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସରୋଜ ସାବତ, ବିଧାୟକ କେ ଅନିଲ କୁମାର ଜାତୀୟ ପତାକା ଉତ୍ତୋଳନ କରି ଜାତୀୟ ସଂଗୀତ ଗାନ କରି ଥିଲେ। ସ୍ଥାନୀୟ 'ନବୀନ' କାର୍ଯ୍ୟାଳୟରେ ୭୬ତମ ସାଧାରଣତନ୍ତ୍ର ଦିବସରେ ବିଶିଷ୍ଟ ସାହିତ୍ୟିକ କୃଷ୍ଣଚନ୍ଦ୍ର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ନବୀନର ସମ୍ପାଦକ ରବି ରଥଙ୍କ ସଭାପତିତ୍ୱର ଦେଶାତ୍ମକବୋଧ କବିତା ପାଠୋତ୍ସବ ଓ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରାଚୀନ କବି ବଂଶୀଧର ସେଠୀଙ୍କ ଦ୍ୱାରା ଲିଖିତ 'ପ୍ରୀତି ସମ୍ବୋଧିନୀ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ କର ଧନ୍ୟବାଦ ଦେଇଥିଲେ। ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ ପକ୍ଷରୁ କୋର୍ଟ ପେଟା ଛକ ଠାରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସଭାପତି ରାଜେନ୍ଦ୍ର ପଣ୍ଡା ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଲକ୍ଷ୍ମୀ କାନ୍ତ ପଣ୍ଡା, ସୁଧୀର ଦାସ, ସନ୍ଦେଶ ଦାସ, ଗୌରୀ ମହାନ୍ତି ଏହି ଦିନର ମହତ୍ୱ ବିଷୟରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ଥାନୀୟ ଗୋଇଲୁଣ୍ଡି ସ୍କୁଲ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ସ୍ଥାନୀୟ ଗେଟ ବଜାର ଆମ ଆଦମି ପାର୍ଟି କାର୍ଯ୍ୟାଳୟ ସମ୍ମୁଖରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା। ବରିଷ୍ଠ ସଦସ୍ୟ ପଦ୍ମନାଭ ମହାରଣା ପତାକା ଉତ୍ତୋଳନ କରିଥିଲେ ନିଜ ବକ୍ତବ୍ୟ ରଖିଥିଲେ।

**ଛତ୍ରପୁର :** ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ସ୍ଥିତ ପୋଲିସ୍ ପ୍ୟାରେଡ଼ ପଡ଼ିଆ ଠାରେ ଜିଲ୍ଲା ସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଜାତୀୟ ଦିବସରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ମୁଖ୍ୟଅତିଥି ରୂପେ ଯୋଗଦେଇ ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରି ଗଞ୍ଜାମ ମାଟିର ବୀର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସ୍ମୃତି ଚାରଣ କରି ସେମାନଙ୍କ ଅସୀମ ସାହସ ଓ ସାଲିସ ବିହୀନ ସଂଗ୍ରାମକୁ ଦମନ କରିଥିଲେ। ନିଜ ବକ୍ତବ୍ୟରେ କହିଥିଲେ ଯେ, ସମ୍ବିଧାନ ଆମ ରାଷ୍ଟ୍ରର ଅମୂଲ୍ୟ ସମ୍ପଦ । ରାଷ୍ଟ୍ରର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଚିତ୍ର ସମ୍ବିଧାନରେ ହିଁ ସ୍ପଷ୍ଟଭାବେ ପ୍ରତିଫଳିତ ହୋଇଛି। ବାବା ସାହେବ ଡଃ ଭୀମରାଓ ଆମ୍ବେଦକର, ପଣ୍ଡିତ ଜବାହରଲାଲ୍ ନେହେରୁ, ସର୍ଦ୍ଦାର ବଲ୍ଲଭବାଇ ପଟେଲ, ଡଃ ରାଜେନ୍ଦ୍ର ପ୍ରସାଦ, ମୌଲାନା ଅବୁଲ କାଲାମ୍ ଆଜାଦ୍ ପ୍ରମୁଖଙ୍କୁ ଏହି ଅବସରରେ ସ୍ମରଣ କରିବା ସହ ସ୍ୱାଧୀନତା ଆନ୍ଦୋଳନରେ ଗଞ୍ଜାମର ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ପ୍ୟାରେଡ ରେ ୩୦ଟି ଦଳ ଅଂଶ ଗ୍ରହଣ କରିଥିଲେ । ୪ ଟି ଦଳ ଶାରୀରିକ କ୍ରୀଡା ପ୍ରଦର୍ଶନ କରିଥିଲେ । ରିଜର୍ଭ ଇନିସ୍ପେକ୍ଟର ଅମୂଲ୍ୟ ନାୟକ ଓ ସେକେଣ୍ଡ ଇନ କମାଣ୍ଡ, ସର୍ଜେଣ୍ଟ ଅଫ୍ ପୋଲିସ୍ ବିକାଶ କୁମାର ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ୟାରେଡ୍ ପରିଚାଳିତ ହୋଇଥିଲା । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ୬ଜଣଙ୍କୁ ମାନପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଉପ ନିର୍ଦ୍ଦେଶକ (ଦକ୍ଷିଣାଞ୍ଚଳ) ତଥା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଜନରାଜ୍ୟ ଦିବସ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

**ପାରଳାଖେମୁଣ୍ଡି :** ଗଜପତି ଜିଲ୍ଲା ସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ଗଜପତି ଷ୍ଟାଡିୟମ୍ ଠାରେ ପାଳିତ ହୋଇଯାଇଛି । ଏହି ଜାତୀୟ ଉତ୍ସବରେ ଜିଲ୍ଲାପାଳ ବିଜୟ କୁମାର ଦାଶ ମୁଖ୍ୟଅତିଥିରୂପେ ଯୋଗଦାନ କରି ଶାନ୍ତି, ମୈତ୍ରୀ, ସମୃଦ୍ଧି ଓ ସ୍ୱାଭିମାନର ପ୍ରତୀକ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପ୍ୟାରେଡରେ ଅବିଭାଦନ ଗ୍ରହଣ କରିଥିଲେ । ଉତ୍ସବରେ ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ପାରଳାଖେମୁଣ୍ଡି ବନ ଖଣ୍ଡ ଅଧିକାରୀ ଏସ.ଆନନ୍ଦ,ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଡ଼.ଗୁଣନିଧି ନାୟକ, ଉପ ଜିଲ୍ଲାପାଳ ଅନୁପ ପଣ୍ଡା, ଅତିରିକ୍ତଆରକ୍ଷୀ ଅଧିକ୍ଷକ ସୁନୀଲ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ତତ୍ତ୍ୱାଧାନରେ କାର୍ଯ୍ୟକ୍ରମଗୁଡ଼ିକ ସମ୍ପାଦିତ ହୋଇଥିଲା ଏବଂ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।




## ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ୭୬ତମ ସାଧାରଣତନ୍ତ୍ର ଦିବସ



କଟକ, (ସ୍ୱପ୍ର): ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଶିକ୍ଷାନୁଷ୍ଠାନ ପରିସରରେ ଥିବା ଦେଶର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଜାତୀୟ ପତାକା ଉତ୍ତୋଳନ କରି ସୁରକ୍ଷା କର୍ମୀଙ୍କ ପକ୍ଷରୁ ଅଭିବାଦନ ଗ୍ରହଣ କରିଥିଲେ । ଦେଶର ସମ୍ବିଧାନ ପ୍ରଣେତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି ଏକ ବିକଶିତ ଭାରତ ନିର୍ମାଣ ଏବଂ ଡ୍ରିମ୍ସକୁ ଦେଶର ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପରିଣତ କରିବା ଦିଗରେ ସଂକଳ୍ପବଦ୍ଧ ପ୍ରୟାସ ଜାରି ରଖିବାକୁ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ମୁଖପତ୍ର ଡ୍ରିମ୍ସ ଡାଇଜେଷ୍ଟ ଓ ମ୍ୟାନେମେଣ୍ଟ ଉଇଙ୍ଗର ମୁଖପତ୍ର ବିଜିନେସ୍ ରିଭ୍ୟୁର ୨ୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା । ଏଥିସହିତ ନିଷ୍ଠାପର କାର୍ଯ୍ୟ ନିର୍ବାହ ପାଇଁ ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ ଚନ୍ଦ୍ର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଡେପୁଟୀ ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା, ମେଡିକାଲ କଲେଜ ଡିନ୍ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ଏକାଡେମିକ୍ ନିର୍ଦ୍ଦେଶକ ଡ. ପ୍ରିୟଦର୍ଶୀ କାନୁନ୍‌ଗୋଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଚେକ୍ ବାଉନ୍ସ ମାମଲାରେ ବ୍ୟବସାୟୀଙ୍କୁ ୬ ମାସ ଜେଲ

ବାରିପଦା, (ସବ୍ୟ) : ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ବିଚାରପତି ଦୀପାଳି ଦାସ ଅଭିଯୁକ୍ତ ତୀରନ୍ଜୀନାଥ ପାତ୍ରଙ୍କୁ ୬ମାସ କାରାଦଣ୍ଡ ଆଦେଶ ଦେବା ସହ ଟ.୩,୯୫,୯୯୬ଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ବ୍ୟାଙ୍କ ପକ୍ଷରୁ ବରିଷ୍ଠ ଆଇନଜିବୀ ବଟକୃଷ୍ଣ ପାଢୀ ମାମଲା ପରିଚାଳନା କରିଥିଲେ। ଘଟଣାରୁ ପ୍ରକାଶ ଯେ, ବାରିପଦା ଟାଉନ ଥାନା ଅଞ୍ଚଳର ତୀରନ୍ଜୀନାଥ ପାତ୍ର ବ୍ୟବସାୟୀ ପାଇଁ ୨ଲକ୍ଷଟଙ୍କାର ଏକ ଲୋନ୍ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ, ବାରିପଦା ଶାଖାରୁ ନେଇଥିଲେ । ଏହି ଋଣ ସୁଝିବାକୁ ଟ.୧,୯୭,୯୯୮ଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ । ଏହି ଚେକ୍ ଟି ବାଉନ୍ସ ହୋଇଯିବାରୁ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ବାରିପଦା ଶାଖା ପକ୍ଷରୁ ମ୍ୟାନେଜର ଜେମ୍‌ଏଫସି ବାରିପଦାଙ୍କ କୋର୍ଟରେ ଏକ କେଶ୍ ନଂ ଆଇସିସି ନଂ–୧୩୦/୨୦୨୨ ଫାଇଲ୍ କରିଥିଲେ। ଏନେଇ ସୋମବାର ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି ।

DSPL-362
UTKARSH ODISHA
MAKE IN ODISHA CONCLAVE'25
BHUBANESWAR | 28th - 29th JAN | 2025



Shri Narendra Modi
Prime Minister



Shri Mohan Charan Majhi
Chief Minister, Odisha

Join with us in the journey to
"Utkarsh Odisha"

A joint session on
'Skilling in Health Sector for Utkarsh Odisha - 2036'

29 January 2025, 2.30 PM - 4.30 PM

Janata Maidan, Bhubaneswar

Organised by :
Dept. of Health & Family Welfare and
Dept. of Science & Technology, Govt. of Odisha

Speakers

Prof. Saroj Kanta Mishra
Visiting Professor
Gangwal School of Medical Science & Technology
IIT Kanpur

Prof.(Dr) Arun Kumar Das
Principal
Gopabandhu Ayurvedic Mahavidyalaya
Puri

Dr. Jitendra Sharma
Managing Director and Founder CEO
Andhra Pradesh Meditech Zone Limited
Vishakhapatnam

Dr. Amulya Panda
Associate Director
Panacea Biotec Ltd., New Delhi

Moderator

Prof. (Dr.) Manash Ranjan Sahoo
Vice Chancellor
Odisha University of Health Science, Bhubaneswar

Scan to Register

Science & Technology Department | Health & Family Welfare Department
Government of Odisha

OIPR: 10003/13/0115/2425

# ଓଳାଶୁଣୀ ଗୁମ୍ଫା ମହୋତ୍ସବ ଉଦ୍‌ଘାଟିତ

## ସନ୍ଥ ଅରକ୍ଷିତଙ୍କ ସ୍ୱରଚିତ ପୋଥିର ପୁନରୁଦ୍ଧାର ହେବା ଉଚିତ୍ : ବାଚସ୍ପତି

ବାଳିଚନ୍ଦ୍ରପୁର, (ସବ୍ୟ): ଜନମାନସକୁ ପ୍ରେରଣା ଦେଉଥିବା ସନ୍ଥ ଅରକ୍ଷିତ ଦାସଙ୍କ ରଚିତ ତାଳପତ୍ର ପୋଥିର ଅନେକ ପାଣ୍ଡୁଲିପି ଏବେବି ସଂରକ୍ଷିତ ରହିଛି । ଏହାର ପାଠୋଦ୍ଧାର ହେବା ସହିତ ସମୃଦ୍ଧ ସମାଜ ପାଇଁ ଏବଂ ସମଗ୍ର ବିଶ୍ୱ ପାଇଁ ଏହାର ବହୁଳ ପ୍ରକାଶନର ଆବଶ୍ୟକତା ରହିଛି ବୋଲି କହିଛନ୍ତି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ। ଓଡ଼ିଶାର ଜନମାନସରେ ପ୍ରସିଦ୍ଧ ଓଳାଶୁଣୀ ମେଳା ଏବଂ ସନ୍ଥପୁରୁଷ ଅରକ୍ଷିତ ଦାସଙ୍କ ୧୮୮ତମ ପୁଣ୍ୟ ମହାସମାଧି ଦିବସରେ ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଓଳାଶୁଣୀ ଗୁମ୍ଫା ମହୋତ୍ସବକୁ ଉଦଘାଟନ କରି ବାଚସ୍ପତି କହିଥିଲେ ଯେ, ମା ଓଳାଶୁଣୀ ଏବଂ ସନ୍ଥ ଅରକ୍ଷିତ ଦାସଙ୍କ ପୁଣ୍ୟକ୍ଷେତ୍ର ଦର୍ଶନ କରି ଅଭିନବ ପୁଲକରେ ପୁଲକିତ ହେଲି । ଏହି ଧାର୍ମିକ ଓ ସାଂସ୍କୃତିକ ପୀଠର ମାହାତ୍ମ୍ୟ ପ୍ରସାରିତ ହେବା ଉଚିତ । ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବଡ଼ଚଣା ବିଧାୟକ ଅମର କୁମାର ନାୟକ କହିଥିଲେ ଯେ, ଓଳାଶୁଣୀର ସାଧନା ପୀଠ ଓ ସନ୍ଥଙ୍କ



ମହାପ୍ରୟାଣ ପୀଠ ଆଜି ରାଜ୍ୟର ଏକ ଅନନ୍ୟ ଧାର୍ମିକ ପର୍ଯ୍ୟଟନସ୍ଥଳୀ ଭାବେ ପରିଚୟ ପାଇଛି । ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ଅନନ୍ତ ଗୁମ୍ଫା ବଡ଼ଦାଣ୍ଡରେ ଆୟୋଜିତ ସମାରୋହରେ ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ । ମା ଓଳାଶୁଣୀ ଓ ମହାପୁରୁଷ ଅରକ୍ଷିତ ଦାସଙ୍କୁ ବନ୍ଦନା ସହିତ ମାଲ୍ୟାର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ ବାଚସ୍ପତି । ଏ ଅବସରରେ ଶ୍ରୀ ଗୌରବିହାର ପୀଠର ମୁଖ୍ୟ ମଠାଧୀଶ ମହାମଣ୍ଡଳେଶ୍ୱର ମହନ୍ତ ସୁବଳ ଚରଣ ଦାସଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ମାନଜନକ ସନ୍ଥ ଅରକ୍ଷିତ ଦାସ ସମ୍ମାନ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ଶ୍ରୀ ଜଗନ୍ନାଥ ଚେତନା ଓ ଗବେଷଣା ପ୍ରତିଷ୍ଠାନର ମହାସଚିବ ଡ. ନରେଶ ଚନ୍ଦ୍ର ଦାଶଙ୍କୁ ମା ଓଳାଶୁଣୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଉନ୍ନୟନ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ ସ୍ୱାଗତ ଭାଷଣ ଦେବା ସହିତ ସାମାରୋହକୁ ସଂଚାଳନା କରିଥିଲେ । ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସଂପାଦକ ତଥା ଟ୍ରଷ୍ଟି ବିରୂପାକ୍ଷ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଦେଇଥିଲେ । ପୂର୍ବତନ ସରପଂଚ ସରସ୍ୱତୀ ବେହେରା ଓ ଶାରଦା ପ୍ରସନ୍ନ ଦାସ ମାନପତ୍ର ପାଠ କରିଥିଲେ। ଅତିଥିମାନଙ୍କୁ ଟ୍ରଷ୍ଟ ପକ୍ଷରୁ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ବାଚସ୍ପତି ଓ ବିଧାୟକ ମାଓଳାଶୁଣୀଙ୍କ ପୀଠ ଓ ମହାପୁରୁଷ ଅରକ୍ଷିତଙ୍କ ସମାଧି ଦର୍ଶନ କରି ଭକ୍ତିଅର୍ଘ୍ୟ ଅର୍ପଣ କରିଥିଲେ । ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ବରିଷ୍ଠ ସଦସ୍ୟ ବଟକୃଷ୍ଣ ସାମଲ, ଉମେଶ ଚନ୍ଦ୍ରସାମଲ, ଦେବଦତ୍ତସାମଲ ପ୍ରମୁଖ ଆଜ୍ଞାମାଳା ଯାତ୍ରାରେ ଯୋଗଦେବା ସହିତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଟ୍ରଷ୍ଟର ସଦସ୍ୟ ଶ୍ରୀକାନ୍ତ କୁମାର ସାମଲ ଅତିଥିମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

# ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ





**ଅନୁଗୋଳ :** ଜିଲ୍ଲା ସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ଅନୁଗୋଳ ପୋଲିସ ଟ୍ରେନିଂ କଲେଜ ପଡିଆ ଠାରେ ପାଳନ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅବଦାଲ୍ ମୁହାମ୍ମଦ୍ ଅଖ୍ତର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ । ଏହି ଜାତୀୟ ଉତ୍ସବରେ ଆରକ୍ଷା ଅଧିକ୍ଷକ ରାହୁଲ ଜୈନ ଉପସ୍ଥିତ ଥିଲେ । ଏହି ସମ୍ମିଳିତ ପରେଡରେ ଭିଜର୍ଭ ଇନିସ୍ପେକ୍ଟର ଗୋବିନ୍ଦ ମାହାରିଙ୍କ ନେତୃତ୍ୱରେ ମୋଟ ୩୪ ଗୋଟି ପ୍ଲାଟୁନ୍ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ ଅନୁଗୋଳର ସମସ୍ତ ଜନସାଧାରଣଙ୍କୁ ଗଣତନ୍ତ୍ର ଦିବସର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ଏହି ପବିତ୍ର ଦିବସରେ ଏକ ବିଦ୍ୱେଷହୀନ, କ୍ଷୁଧାମୁକ୍ତ, ବିକାଶଯୁକ୍ତ, ଶୋଷଣମୁକ୍ତ ତଥା ସମବର୍ଣ ଯୋଜନାଯୁକ୍ତ ଏକ ମହାନ ଗଣତନ୍ତ୍ରର ଦାୟଦ ହିସାବରେ ନିଜର ଯୋଗଦାନ ବି ଗୁଣ୍ଡୁଚି ମୂଷା ଭଳି ହେବା ଏବଂ ସର୍ମ ଧାନର ଧର୍ମ ପୁସ୍ତକକୁ ଜନରାଜ୍ୟର ମନ୍ଦିରରେ ପ୍ରତିଦିନ ପ୍ରଣାମ କରିବା ନିମନ୍ତେ ସେ ଆହ୍ୱାନ ଦେଇଥିଲେ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥୁ ପୁରସ୍କୃତ କରିଥିଲେ । ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ମୁଖ୍ୟ ଅତିଥୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଭକ୍ତ ଦାନ ଶିବିର ଉଦଘାଟନ କରିଥିଲେ ଓ ରୋଗୀମାନଂକୁ ଫଳ ବଣ୍ଟନ କରିଥିଲେ ଛ ପରେ ପରେ ଜେଲର ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ତାଜବାଜୀ ଯନ୍ତ୍ର ଯୋଗେ ରାମଧୁନ କରାଯାଇଥିଲା । ଜିଲ୍ଲା କାର୍ଯ୍ୟାଳୟ, ଉପଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସେହିପରି ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଓ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କ ସହିତ ଜାତିର ଜନକ ମହାତ୍ମାଗାନ୍ଧୀ, ଗୋପବନ୍ଧୁଙ୍କ ଓ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ଅପରାହ୍ନରେ ଏକକ ଅଭିନୟ ଓ କୌତୁକ ପୋଷାକ ପ୍ରତିଯୋଗିତା ବ୍ଲକ ଡାଇମଣ୍ଡ ଠାରେ ଆୟୋଜିତ ହୋଇଥୁଲା ଏବଂ ସଂଧ୍ୟାରେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୁଲ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀମାନଂକ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

**ଅନୁଗୋଳ:** ରବିବାର ସହର ଉପକଣ୍ଠ ରାଣୀଗୋଡା ଗ୍ରାମର ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟାଳୟ ପରିସରରେ ସଦସ୍ୟ ମାନଙ୍କ ଦ୍ୱାରା ୭୬ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇ ଯାଇଛି । ମଞ୍ଚର ବରିଷ୍ଠ ସଦସ୍ୟ ତଥା ପ୍ରାକ୍ତନ ଅତିରିକ୍ତ ଆରକ୍ଷି ଅଧିକ୍ଷକ ଅରୁଣ କୁମାର ଦାସଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇ ଉପସ୍ଥିତ ବରିଷ୍ଠ ନାଗରିକ ମାନଙ୍କୁ ଉଦବୋଧନ ଦେଇଥିଲେ । ମଞ୍ଚର ସଦସ୍ୟ ଉପ ସଭାପତି ରମେଶ ଚନ୍ଦ୍ର ସାହୁ, ସମ୍ପାଦକ ବସନ୍ତ କୁମାର ଦାସ, କୋଷାଧ୍ୟକ୍ଷ ଦାମୋଦର ଦାସ, ଧ୍ରୁବଚରଣ ସାହୁ, ପୁର୍ଣ୍ଣଚନ୍ଦ୍ର ସିଂହ ସାମନ୍ତ, ଭଗବାନ ମହାପାତ୍ରପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ସକାଳ ଘ୬.୩୦ ମିନିଟ ସମୟରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଭାତଫେରୀ କାର୍ଯ୍ୟକ୍ରମ ଓ ଗ୍ରାମ ପରିକ୍ରମା ପରେପରେ ସକାଳ ୯ ଘଟିକା ସମୟରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ନିରୋଦ କୁମାର ସେନାପତିଙ୍କ ପୌରହିତରେ ଜାତୀୟ ପତକା ଉତ୍ତୋଳନ କରାଯାଇ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀ, ଅତିଥିଗଣଙ୍କ ଉଦବୋଧନ ପ୍ରସଙ୍ଗରେ ସାଧାରଣତନ୍ତ୍ର ଦିବସର ତାତ୍ପର୍ଯ୍ୟ ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ । ଏତଦବ୍ୟତୀତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମସ୍ତ ଚାରିଗୋଟି ଅଙ୍ଗନବାଡି କେନ୍ଦ୍ର ଅଟୋଚାଳକ ସଂଘ, ନିଳକଣ୍ଠ କ୍ଲବ୍ ବିଜେଡି କାର୍ଯ୍ୟାଳୟ ଠାରେ ପତାକା ଉତ୍ତୋଳନ କରା ଯାଇଥିଲା ।

**ଢେଙ୍କାନାଳ :** ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଷ୍ଟାଡିୟମଠାରେ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମହାପୁରଷ ମାନଙ୍କର ସ୍ମୃତି ଚାରଣ କରିବା ସହିତ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଜିଲ୍ଲା ବୀରଭୂମୀବୋଲି ପ୍ରକାଶ କରିବା ସହିତ ଜିଲ୍ଲା ତଥା ରାଜ୍ୟରେ ଶିକ୍ଷା,ସ୍ୱାସ୍ଥ୍ୟ ଏବଂ ଗମନାଗମନର ବିକାଶ ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଜିଲ୍ଲା ମୁଖ୍ୟ ଷ୍ଟାଡିୟମଠାରେ ରିଜର୍ଭ ଇନିସପେକ୍ଟର ଜ୍ୟୋତି ପ୍ରକାଶ ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିସ ବାହିନି, ଓଏସଏପି ପ୍ରଥମ ବାଟାଲିୟନ, ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ୟାରେଡରେ ଅଂଶ ଗ୍ରହଣ କରିବା ସହିତ ଜାତୀୟ ପତାକାକୁ ସମ୍ମାନ ଜଣାଇଥିଲେ। ସାଧାରଣତନ୍ତ୍ର ଦିବସ ଅବସରରେ ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ବିଭାଗ ତରଫରୁ ପ୍ରତ୍ୟୁଷରୁ ରାମଧୁନ ପରିବେଷଣ କରାଯାଇଥିଲା। ସକାଳ ୮ଟା ସମୟରେ ମୁଖ୍ୟ ଅତିଥି ସହରରେ ଥିବା ବିଭିନ୍ନ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଆରୋଗ୍ୟମ ଯୋଗ ଏବଂ ୱେଲଫେୟାର ଆସୋସିଏସନ ଏବଂ ମହିମା ଯୋଗ ଆଣ୍ଡ ୱେଲନେସ ଟ୍ରଷ୍ଟପକ୍ଷରୁ ଯୋଗାଭ୍ୟାସ ପ୍ରଦର୍ଶନ କରାଯାଇଥିଲା। ଉତ୍ସବ ଅବସରରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମପାଇଁ ସୁଲକ୍ଷଣା ଦେବୀ ବାଳିକା ବିଦ୍ୟାଳୟ ପ୍ରଥମ,ସେଣ୍ଟଜାଭିୟର୍ସ ହାଇସ୍କୁଲ ଦ୍ୱିତୀୟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ତୃତୀୟସ୍ଥାନ ଅଧିକାର କରିଥିଲା। ଶ୍ରେଷ୍ଠ ଏନ୍‌ସିସିଦଳ ଭାବରେ ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସିନିୟର ଡିଭିଜନ ବାଳିକା ଦଳକୁ ମୁଖ୍ୟମନ୍ତ୍ରୀଙ୍କ ରନିଂଙ୍ଗ ସିଲଡପ୍ରଦାନ ସହିତ ଆନନ୍ଦମାର୍ଗ ବେସାମରିକ ବାଳିକା ଦଳଭାବରେ ଦାଶରଥୀ ମିଶ୍ର ରନିଙ୍ଗ ସିଲ୍ଡ,ଶ୍ରେଷ୍ଠ ବାଳକ ଦଳଭାବରେ ଦିଲ୍ଲୀ ପବ୍ଲିକ ସ୍କୁଲର ବାଳକ ବିଭାଗକୁ ବୈଜ୍ଞାନିକ ଡା ରୁଦ୍ରନାରାୟଣ ସ୍ମାରକୀ ରନିଙ୍ଗଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଉଦ୍ୟାନ ବିଭାଗ ତରଫରୁ ଆୟୋଜିତ ପୁଷ୍ପ ପ୍ରଦର୍ଶନୀକୁ ଜିଲ୍ଲାପାଳ ସୋମେଶକୁମାର ଉପାଧ୍ୟାୟ ଉଦଘାଟନ କରିଥିଲେ। ପରେ ଜିଲ୍ଲାପାଳ ଏବଂ ଏସ୍‌ପି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟସ୍ଥ ସହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲ୍ଲାପାଳ ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ,ଜେଲର କଏଦୀମାନଙ୍କୁ, ବଧିର ଓ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ରୋଟାରୀ କ୍ଲବ ପରିସରରେ ରକ୍ତଦାନ ଶିବିର ଏବଂ ଚକ୍ଷୁଚିକିତ୍ସା ଶିବର ଅନୁଷ୍ଠିତ ହୋଇଥିଲା। ସଂଧ୍ୟାରେ ଗୋପବନ୍ଧୁ ଟାଉନହଲରେ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ହିନ୍ଦୋଳ :** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ମିନି ଷ୍ଟାଡିୟମରେ ଧୂମାଧାମରେ ପାଳିତ ହୋଇଯାଇଛି। ପ୍ରଶାସନ ପକ୍ଷରୁ ସକାଳ ୫ରେ ସହରରେ ରାମଧୁନ ହେବାସହ ୮. ୩୦ରେ ସହର ଉପଖଣ୍ଡରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ମାନଙ୍କରେ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ ବେଉରା ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଜନପ୍ରତିନିଧି ମାନେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ପରେ ୮. ୪୫ମିନିଟ ରେ ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ସମ୍ମିଳିତ ପ୍ୟାରେଡରେ ମୁଖ୍ୟ ଅତିଥି ଅଭିବାଦନ ଗ୍ରହଣ କରିଥିଲେ। ପ୍ୟାରେଡରେ ୨୨ଟି ଦଳ ଭାଗ ନେଇଥିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ଓ ବିଭିନ୍ନ କ୍ଷେତ୍ରରେ ସମାଜ ପାଇଁ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ଉପଜିଲ୍ଲାପାଳ ପୁରସ୍କୃତ କରିଥିଲେ। ସେହିପରି ଉପଖଣ୍ଡରେ ଥିବା ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ହୋଇଥିବା। ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ଉତ୍ସବରେ ହିନ୍ଦୋଳ ପ୍ରଶାସନର ସମସ୍ତ ପ୍ରଶାସନିକ ଅଧିକାରୀ, ଶିକ୍ଷକଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ ଜନସାଧାରଣ ଯୋଗଦେଇ ଦେଶକୁ ସମ୍ମାନ ଜଣାଇଥିଲେ ।

**ସାଉଥବଲଣ୍ଡା:** ତାଳଚେର ବ୍ଲକ କଳମଛୁଇଁ ପଂଚାୟତସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା ହିଙ୍ଗୁଳା ପାଠାଗାର ପରିସରରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଇଂ.ହିମାଂଶୁ ଭୂଷଣ ସ୍ୱାଇଁ, ସମ୍ମାନୀତ ଅତିଥି ଭାବରେ ପାଠାଗାରର ବରିଷ୍ଠ ଉପଦେଷ୍ଟା ଶିକ୍ଷାବିତ୍ ଦିବାକର ବାରିକ ଓ ପ୍ରଭାକର ପ୍ରଧାନ ଯୋଗ ଦେଇଥିଲେ । କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନଙ୍କ ଉପସ୍ଥିତିରେ ଅତିଥିମାନେ ଜାତୀୟ ଧ୍ୱଜ ଉତୋଳନ କରିଥିଲେ । ପାଠାଗାରର ସଭାପତି ହାଡ଼ିବନ୍ଧୁ ପ୍ରଧାନ,ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ,କୋଷାଧ୍ୟକ୍ଷ ଦୟାନିଧି ସାହୁ, ପାଠାଗାରର ବରିଷ୍ଠ ସଦସ୍ୟ ପଂଚାନନ ବେହେରା,ସତ୍ୟସ୍ୱରୂପ ସ୍ୱାଇଁ, ପ୍ରିୟାଂଶୁ ଶେଖର ସ୍ୱାଇଁ,ସୂର୍ଯ୍ୟାଂଶୁ ଶେଖର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସେହିପରି କଳମଛୁଇଁ ପଂଚାୟତ ଅଫିସ, ସମବାୟ ସମିତି, କଳମଛୁଇଁ ବାଳିକା ଉଚ୍ଚ ବିଦ୍ୟାଳୟ, ହିଙ୍ଗୁଳା ନୋଡାଲ ହାଇସ୍କୁଲ, କଳମଛୁଇଁ ପ୍ରାଥମିକ ବିଦ୍ୟାଳୟ,ହିଙ୍ଗୁଳା ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ,ଟାଇମ ଅଫିସ, ୟୁନିଅନ ଅଫିସ ଆଦି ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି ।

**ବଣ୍ଟଁରପାଳ :** ଅନୁଗୋଳ ଜିଲ୍ଲା ନାଲକୋ ନଗର ଠାରେ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳନ ହୋଇଛି । ମୁଖ୍ୟ ଅତିଥି ନିର୍ବାହୀ ନିର୍ଦ୍ଦେଶକ ଏନ୍ ଏସ ସୁବ୍ରମଣ୍ୟମ, ସିଆଇଏସ ଏଫ୍ ସିନିୟର୍ କମାଣ୍ଡାନ୍ଟ ଏସ କେ ବ୍ରହ୍ମା, ଅତିଥି ଶୁଭେନ୍ଦୁ ନାୟକ, ଅମରେନ୍ଦ୍ର ମିଶ୍ର, ପ୍ରମୋଥ ମହାନ୍ତି, ସଚିଦାନନ୍ଦ ଜେନା, ଶୁକ୍ଲା ନନ୍ଦୀ, ସତ୍ୟବାଦୀ ମିଶ୍ର, ଏସ କେ ପାତ୍ର, ସଂଜୀବ କୁମାର ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନା ବରିଷ୍ଠ ପ୍ରବନ୍ଧକ କିଶୋର କୁମାର ବେହେରା, ସହଯୋଗ ବରିଷ୍ଠ ପ୍ରବନ୍ଧକ ଶୀତଳ ସମୀର ମାଝୀ କରିଥିଲେ । ଉତ୍ସବ ଅବସର ରେ ଓଡ଼ିଶା ପ୍ରଶାସନିକ ସେବାର କୃତୀ ଛାତ୍ର ଶ୍ରୀ ପାର୍ଥ ସାରଥୀ ବିଶ୍ୱାଳ ଓ ଅନ୍ୟ ଛାତ୍ରଛାତ୍ରୀ ଙ୍କୁ ଅତିଥି ବୃନ୍ଦ ସମ୍ମାନିତ କରାଯାଇଥିଲା।

**ଆଠମଲ୍ଲିକ :** ମିନି ଷ୍ଟାଡିୟମ ଖେଳ ପଡିଆ ରେ ଉପଖଣ୍ଡ ସ୍ତରୀୟ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବ ରେ ଉପଜିଲ୍ଲାପାଳ ଡ଼ଃ ଦିଲ୍ଲୀପ କୁମାର ବେହେରା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରି ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ । ସମ୍ବିଧାନର ବିଦ୍ଧି ବ୍ୟବସ୍ଥା ଭିତରେ ଚଳିବା ସହିତ ଉତ୍ତମ ନାଗରିକ ହେବାକୁ ଉପସ୍ଥିତ ଥିବା ଛାତ୍ର ଛାତ୍ରୀଓ ଜନସାଧାରଣଙ୍କୁ ସମ୍ବୋଧନ କରିଥିଲେ। ପ୍ୟାରେଡରେ ସମୁଦାୟ ୧୪ ଗ୍ରୁପ ଅଂଶଗ୍ରହଣ କରିଥିଲେ । ଏନସିସି କମାଣ୍ଡର ଶାଶ୍ୱତ ମୋହନ ନାଏକ ଓ ସରଜେଣ୍ଟ ସ୍ମୃତିରଞ୍ଜନ ମହାନ୍ତି ପ୍ୟାରେଡକୁ ପରିଚାଳନା କରିଥିଲେ। ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ପ୍ରଧାନଶିକ୍ଷକ ରଣଜିତ କୁମାର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀ ଓ ଅଙ୍ଗନୱାଡି ୱାର୍କର, ଦମକଳ ବାହିନୀ, ପୋଲିସ ବାହିନୀ, ଆଶା କର୍ମୀ, ଜାତୀୟ ସଙ୍ଗୀତ ଗାନ କରିଥିବା ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ମାନ ପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ଅପରାହ୍ନ ରେ ଆଠମଲ୍ଲିକ ଖେଳ ପଡିଆ ରେ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା

**ଗୋଡ଼ିବନ୍ଧ :** ଅନୁଗୁଳ ଜିଲ୍ଲାର ସମଲ ଥାନା ଅଞ୍ଚଳର ବିଭିନ୍ନ ସରକାରୀ, ବେସରକାରୀ, ସଙ୍ଗଠନ ଗୁଡିକରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ତନ୍ମଧ୍ୟରୁ ଡଙ୍ଗରବେଡା ଗ୍ରାମର ଜାତିରପିତା ମହାତ୍ମା ଗାନ୍ଧୀ ଓ ଦିବଙ୍ଗତ ସ୍ୱାଧିନତା ସଂଗ୍ରାମୀ ଜୟକୃଷ୍ଣ ଗଡ଼ନାୟକଙ୍କ ସ୍ମୃତି ମଣ୍ଡପ ନିକଟରେ ଦୁର୍ଗାପୂଜା କମିଟି ସଦସ୍ୟ ମାନେ ସାଧାରଣତନ୍ତ୍ର ଦିବସ ପାଳନ କରିଥିଲେ। ଗ୍ରାମ୍ୟ ସ୍କୁଲର ପ୍ରଧାନ ଶିକ୍ଷକ ଅଭୟ କୁମାର ବେହେରା, ଶିକ୍ଷକ ବାଉରୀବନ୍ଧୁ ସାମଲ, ଶିକ୍ଷୟିତ୍ରୀ ପ୍ରଗତି ବେହେରା,ଅଙ୍ଗନବାଡ଼ି କର୍ମୀ ଝରଣା ମହାନ୍ତି,ପାଚିକା ସୁମତି ରାଉତଙ୍କ ଉଦ୍ୟମ ଓ ଦୁର୍ଗାପୂଜା କମିଟିର ସଦସ୍ୟଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସାରସ୍ୱତ ସମାପ୍ତି ହେଇଥିଲା ।

**ତାଳଚେର :** ଏନଟିପିସି ତାଳଚେର ଥର୍ମାଲ୍ ୭୬ତମ ଗଣତନ୍ତ୍ର ଦିବସକୁ ଭରି ପ୍ରମାଦ ଓ ଉତ୍ସାହର ସହିତ ଆଚରଣ କଲାଛ ଉତ୍ସବର ଆରମ୍ଭ ହେଲା ଏନଟିପିସି ତାଳଚେର ଥର୍ମାଲର ପ୍ରୋଜେକ୍ଟ ହେଡ୍ ଏବଂ ମୁଖ୍ୟ ମହାପ୍ରବନ୍ଧକ ଭିଜୟ ଚନ୍ଦଙ୍କ ଦ୍ୱାରା ଧ୍ୱଜାରୋହଣ କରାଯାଇଥିଲା । ଡିଏଭି ସ୍କୁଲ ଓ ନିକଟସ୍ଥ ସରକାରୀ ସ୍କୁଲର ଛାତ୍ରଛାତ୍ରୀମାନେ ଉତ୍କଳସାହିତ୍ୟ ଏବଂ ସଂସ୍କୃତି ଦେଇ ମନୋରଞ୍ଜନ କରିଛନ୍ତି। ସାମୁଦାୟିକ ଉନ୍ନୟନ କାର୍ଯ୍ୟକ୍ରମର ଅଂଶରୂପ, ଏନଟିପିସି ତାଳଚେର ଥର୍ମାଲ୍ ଏନଟିପିସି ଉତ୍କର୍ଷ ମେରିଟ୍ ସ୍କଲାର୍ଶିପ୍ ଦାନ କରିଛି। ଏହି ଅବସରରେ ନିକଟବର୍ତ୍ତୀ ପାଞ୍ଚଟି ଗ୍ରାମ ସ୍କୁଲର ୧୮ ମେଧାବୀ ଛାତ୍ରଛାତ୍ରୀଙ୍କୁ ଆମନ୍ତ୍ରଣ କରାଯାଇଛି। ଏହି ପ୍ରୟାସର ଉଦ୍ଦେଶ୍ୟ ହେଉଛି ଉଚ୍ଚ ଶିକ୍ଷା ପ୍ରେରଣା ଦେବା ଓ ଛାତ୍ରମାନଙ୍କ ମଧ୍ୟରେ ପ୍ରତିସ୍ପର୍ଦ୍ଧୀ ମନୋଭାବ ଉତ୍ପନ୍ନ କରିବା। ସ୍କଲାର୍ଶିପ୍ ପ୍ରାପ୍ତ କରିଥିବା ସାଗରିକା ସାହୁ, ଗୋଦଡାଲ୍ ଅଞ୍ଚଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସନ୍ଥପଡାରୁ, ଏହି ପ୍ରତିଷ୍ଠାନଙ୍କ ପ୍ରୟାସ ପାଇଁ ନିଜ କୃତଜ୍ଞତା ପ୍ରକାଶ କରିଛନ୍ତିଛ ୭୬ତମ ଗଣତନ୍ତ୍ର ଦିବସ ଉତ୍ସବ ଏନଟିପିସି ତାଳଚେର ଥର୍ମାଲର ସାମାଜିକ ଉନ୍ନୟନ ଓ ଶିକ୍ଷାନ୍ତେ ପ୍ରେରଣା ଦେବା ଲକ୍ଷ୍ୟରେ ଦୃଢ଼ ସଂକଳ୍ପକୁ ପ୍ରକାଶ କରିଛି।

**ଅନୁଗୁଳ :** ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ପକ୍ଷରୁ ଜିନ୍ଦଲ ନଗରରେ ଥିବା ନବର୍ନିମିତ କ୍ରୀଡ଼ା କମ୍ପ୍ଲେକ୍ସଠାରେ ୭୬ତମ ଗଣତନ୍ତ୍ର ଦିବସ ପାଳିତ ହୋଇଛି । ଜେଏସପି ଅଧ୍ୟକ୍ଷ ତଥା ହରିୟାଣାର କୁରୁକ୍ଷେତ୍ରରୁ ୩ଥର ନିର୍ବାଚିତ ସାଂସଦ ନବୀନ ଜିନ୍ଦଲ ପତାକା ଉତ୍ତୋଳନ କରିଥିଲେ । ଜେଏସପି ଅନୁଗୁଳ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ, କମ୍ପାନୀର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ସଂପ୍ରଦାୟର ସଦସ୍ୟମାନେ ଏହି ଅବସରରେ ଉପସ୍ଥିତ ଥିଲେ। ପତାକା ଉତ୍ତୋଳନ ଏବଂ ଜାତୀୟ ସଂଗୀତ ଗାନ ପରେ ପରେ ଶ୍ରୀ ନବୀନ ଜିନ୍ଦଲ ଅଭିବାଦନ ଗ୍ରହଣ କରିବା ସହ ଉପସ୍ଥିତ ଜନତାଙ୍କୁ ସମ୍ବୋଧନ କରିଥିଲେ । ଜେଏସପିର ସ୍ଥାୟୀତ୍ୱ ପ୍ରତି ପ୍ରତିବଦ୍ଧତା ଉପରେ ଆଲୋକପାତ କରି ଶ୍ରୀ ଜିନ୍ଦଲ ସବୁଜ ଇସ୍ପାତ ଉତ୍ପାଦନରେ କମ୍ପାନୀର ଗୁରୁତ୍ୱ ଏବଂ ୨୦୪୭ ସୁଦ୍ଧା 'ନେଟ-ଶୂନ୍ୟ ନିର୍ଗମନ' ହାସଲ କରିବା ଲକ୍ଷ୍ୟ ବିଷୟରେ କହିଥିଲେ। ଏହିଅବସରରେ ଓ.ପି. ଜିନ୍ଦଲ ସ୍କୁଲ ଏବଂ ଡିଏଭି-ସାବିତ୍ରୀ ଜିନ୍ଦଲ ସ୍କୁଲର ଛାତ୍ରଛାତ୍ରୀମାନେ ଦେଶାତ୍ମବୋଧକ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରିଥିଲେ। ପଙ୍କଜ ମଲହାନ ଧନ୍ୟବାଦ ଅର୍ପଣ କରିଥିଲେ ।



### ରାଜ୍ୟର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରି

# ଓଡ଼ିଶାର ଅସୀମ ସମ୍ଭାବନାକୁ ଉନ୍ମୋଚିତ କରୁଛି ବେଦାନ୍ତ

ବେଦାନ୍ତ ଓଡ଼ିଶାର ପରିବର୍ତ୍ତନ ଯାତ୍ରାରେ ଯୋଗଦେଇ ଏହାର ଅର୍ଥନୈତିକ ଓ ଭିତ୍ତିଭୂମି ପ୍ରଗତିରେ ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିଛି। ବିଶେଷ କରି ଦକ୍ଷିଣ ପୂର୍ବ ଏସିଆ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ କେନ୍ଦ୍ର, ବିଶ୍ୱ ମୂଲ୍ୟ ଶୃଙ୍ଖଳାରେ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଦ୍ରୁତ ଗତିରେ ବିସ୍ତାର ହେବାକୁ ଯାଉଛି। ମେକ ଇନ ଓଡ଼ିଶା ଓ ଅନ୍ୟାନ୍ୟ ରଣନୈତିକ ପଦକ୍ଷେପ ପରି ପଦକ୍ଷେପ ମାଧ୍ୟମରେ, ସରକାର ରାଜ୍ୟରେ ବ୍ୟବସାୟ କରିବାର ସୁଗମତାକୁ ବୃଦ୍ଧି ଉପରେ ଧ୍ୟାନ ଦେଉଛନ୍ତି, ଯାହା ଫଳରେ ଏହାକୁ ନିବେଶକମାନଙ୍କ ଲାଗି ଏକ ଆକର୍ଷଣୀୟ ସୁଯୋଗ ସୃଷ୍ଟି କରିଛି। ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ପ୍ରଚୁର ପ୍ରାକୃତିକ ସଂପଦ ସହ ରାଜ୍ୟ ଏକ ସନ୍ତୁଳିତ ଅଭିବୃଦ୍ଧି ମଡେଲରେ ବିକଶିତ ହେଉଛି ଯାହା ଜନସାଧାରଣଙ୍କ ବିଶେଷ ଲାଭ ପ୍ରଦାନ କରୁଛି। ଶିକ୍ଷା, ଦକ୍ଷତା ବିକାଶ ଲାଗି ସୁଯୋଗ ବୃଦ୍ଧି ହୋଇଛି ଓ ଓଡ଼ିଶା ନିରନ୍ତର ଅଗ୍ରଗତି ପଥରେ ଆଗକୁ ବଢି ଚାଲିଛି।

## ବେଦାନ୍ତ ଆଲୁମିନିୟମ ଓଡ଼ିଶାର ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିର ଏକ ବାହକ

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିରେ ଏକ ପ୍ରମୁଖ ବାହକ ହୋଇଛି। କଂପାନିର ଲାଂଜିଗଡ଼ରେ ୩.୫ଏମଟିପିଏ ଆଲୁମିନା ରିଫାଇନାରି ଓ ଝାରସୁଗୁଡ଼ାରେ ବିଶ୍ୱର ବୃହତ ଆଲୁମିନିୟମ ସ୍ମେଲଟର ମଧ୍ୟରୁ ଗୋଟିଏ ପରିଚାଳିତ ହେଉଛି, ଯାହାର ବାର୍ଷିକ କ୍ଷମତା ୧.୮ ନିୟୁତ ଟନ ଏହାକୁ ବିଶ୍ୱର ୧ ନିୟୁତ ଟନ କ୍ଲବରେ ସାମିଲ କରିଛି। ଏହା ସହ ବେଦାନ୍ତ ଓଡ଼ିଶାର ଚାରୋଟି କୋଇଲା ବ୍ଲକ ଓ ଗୋଟିଏ ବକ୍ସାଇଟ ବ୍ଲକ ସୁରକ୍ଷିତ ରଖିଛି ଏବଂ ଫେରୋକ୍ରମ ତଥା ଲୁହାପଥର ଉତ୍ପାଦନରେ ଅଧିକ ନିବେଶ କରିଛି। ବିଭିନ୍ନ ଜିଲ୍ଲାରେ ଖଣି କାର୍ଯ୍ୟ ହେତୁ ବ୍ୟାପକ ନିଯୁକ୍ତି ସୃଷ୍ଟି ହୋଇଛି। ସ୍ଥାୟୀତ୍ୱ କ୍ଷେତ୍ରରେ ନେତୃତ୍ୱ ନେଇ କମ୍ପାନି ପ୍ରଥମ ଭାରତୀୟ ଧାତୁ ଉତ୍ପାଦକ ଯିଏ ରେଷ୍ଟୋରା ଉତ୍ପାଦନ କରେ, ନବୀକରଣିୟ ଶକ୍ତିରୁ ନିର୍ମିତ କମ କାର୍ବନଯୁକ୍ତ ଆଲୁମିନିୟମ ଉତ୍ପାଦର ଏକ ପରିସର, ଯାହା କମ୍ପାନି ଲାଗି ବର୍ଦ୍ଧିତ ଚାହିଦା ସୃଷ୍ଟି କରିଛି । ବେଦାନ୍ତ ଆଲୁମିନିୟମ ପ୍ରଭାବଶାଳୀ ପଦକ୍ଷେପ ଜରିଆରେ ସ୍ଥାୟିତ୍ୱ ପ୍ରତି ପ୍ରତିବଦ୍ଧ ରହିଛି। ପିଡବ୍ଲ୍ୟୁ ସହିତ ଭାଗିଦାରୀ ହୋଇ କମ୍ପାନି ଏହାର କାର୍ଯ୍ୟ ଚାରିପାଖରେ ଇକୋସିଷ୍ଟମକୁ ସୁରକ୍ଷା ଲାଗି ଜୈବ ବିବିଧତା ସଂରକ୍ଷଣ ନୀତିବିକଶିତ କରୁଛି। ପରିବେଶଗତ ଦୃଷ୍ଟି କୋଣରୁ ଝାରସୁଗୁଡ଼ାରେ ପାଉଁଶ ପୁନରୁଦ୍ଧାର ଅଂଚଳରେ ୧ ଲକ୍ଷ ବୃକ୍ଷ ରୋପଣ କରି କାର୍ବନ ନିର୍ଗମନକୁ କମ କରିବାକୁ ପ୍ରୟାସ କରୁଛି।

## ଗୋଷ୍ଠୀ ବିକାଶ ଓ ଜୀବିକା ଉପରେ ପଦକ୍ଷେପ



ବେଦାନ୍ତ ଆଲୁମିନିୟମ ଓଡ଼ିଶାରେ ଶିକ୍ଷା, ମହିଳା ସଶକ୍ତି କରଣ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଭାବଶାଳୀ ଅବଦାନ ରଖିଛି। କଂପାନି ଓଡ଼ିଶାରେ ୫୩୧ଟି ନନ୍ଦଘର ପରିଚାଳନା କରୁଛି, ଯାହା ମହିଳା ଓ ଶିଶୁ ବିକାଶ କେନ୍ଦ୍ର ଭାବରେ ପରିଚିତ। ଗ୍ରାମୀଣ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଦକ୍ଷତା ବିକାଶ ଓ କ୍ଷୁଦ୍ର ଆର୍ଥିକ କାର୍ଯ୍ୟକ୍ରମ ମାଧ୍ୟମରେ ୨୦,୦୦୦ରୁ ଅଧିକ ମହିଳାଙ୍କୁ ସହାୟତା କରିଛି। ପ୍ରକଳ୍ପ ପଂଛି ଜରିଆରେ କମ୍ପାନି ଓଡ଼ିଶାର ସାମାଜିକ , ଆର୍ଥିକ ଭାବରେ ପଛୁଆ ଗୋଷ୍ଠୀର ଝିଅମାନଙ୍କୁ ସଶକ୍ତ କରିବା ଲାଗି ପ୍ରୟାସ କରୁଛି। ଲାଂଜିଗଡ଼ରେ ପ୍ରଥମ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଡିଏଭି ବେଦାନ୍ତ ସ୍କୁଲ ଆଜି ୧୩୦୦ ଛାତ୍ର ଛାତ୍ରୀଙ୍କୁ ସେବା ଯୋଗାଉଛି, ଯାହାଙ୍କ ମଧ୍ୟରୁ ୮୭% ସ୍ଥାନୀୟ ଗୋଷ୍ଠୀର ଛାତ୍ର। ଏହା ସହିତ ସ୍ଥାନୀୟ କ୍ରୀଡ଼ାକୁ ପ୍ରୋତ୍ସାହିତ କରି ଆସୁଛି ବିଶେଷ କରି ତୀରନ୍ଦାଜୀମାନଙ୍କ ଲାଗି ତାଲିମ ସୁଯୋଗ ପ୍ରଦାନ କରିଛି ଏବଂ କ୍ରିକେଟ, ଫୁଟବଲ ଓ ଭଲିବଲରେ ଗୋଷ୍ଠୀମଧ୍ୟରେ ଟୁର୍ଣ୍ଣାମେଣ୍ଟକୁ ଉତ୍ସାହିତ କରୁଛି। ସଂପ୍ରତି ଏକ ପ୍ରମୁଖ ହକି କଳିଙ୍ଗ ଲାନସରସକୁ କମ୍ପାନି ଅଧିଗ୍ରହଣ କରି ଏହି ଖେଳପ୍ରତି ପ୍ରତିବଦ୍ଧତାକୁ ଆହୁରି ସୁଦୃଢ କରିଛି। ହକି ଖେଳାଳୀଙ୍କ ଲାଗି ଦକ୍ଷତା ପ୍ରଦର୍ଶନ ଓ ଉତ୍କର୍ଷତା ହାସଲ ଲାଗି ବହୁ ସୁଯୋଗ ପ୍ରଦାନ କରୁଛି। ଗୋଷ୍ଠୀ ସ୍ୱାସ୍ଥ୍ୟ ଓ ପହଁଚକୁ ସୁଦୃଢ କରିବା ଲାଗି ବେଦାନ୍ତର ମୋବାଇଲ ସ୍ୱାସ୍ଥ୍ୟସେବା ଭ୍ୟାନ ଦୁର୍ଗମ ଅଂଚଳକୁ ଯାଇ ସେଠାକାର ଲୋକମାନଙ୍କୁ ଚିକିତ୍ସା ସେବା ପ୍ରଦାନ କରୁଛି। ଯେତେବେଳେକି ବାର୍ଷିକ ୬୦,୦୦୦ରୁ ଅଧିକ ଲୋକ ଏହି ସେବା ପାଉଛନ୍ତି। କଂପାନି ଝାରସୁଗୁଡ଼ା ଓ ଲଇକେରାରେ ଦୁଇଟି ରୋଗ ନିରୂପଣ କେନ୍ଦ୍ର ଖୋଲିଛି ଯାହା ପ୍ରାୟ ୧୦୦,୦୦ ଲୋକଙ୍କୁ ଉପକୃତ କରୁଛି। ୪୨,୦୦୦ ଲୋକଙ୍କ ଦ୍ୱାର ଦେଶରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛି। ପ୍ରକଳ୍ପ ଆଦିକଳା ମାଧ୍ୟମରେ କମ୍ପାନି କଳାହାଣ୍ଡିର ସମୃଦ୍ଧ ଆଦିବାସୀ କଳା ଓ ସଂସ୍କୃତିକୁ ସଂରକ୍ଷଣ ଓ ପ୍ରସାର କରିବା ଦିଗରେ ପଦକ୍ଷେପ ନେଇଛି। ସିନ୍ଧୁ ଉପତ୍ୟକା ସଭ୍ୟତା ପର୍ଯ୍ୟନ୍ତ ସୌରା ଓ ଧୋକ୍ରା ଭଳି ପାରଂପାରିକ କଳାକୁ ସମର୍ଥନ କରି ଏହାର ହସ୍ତଶିଳ୍ପର ପ୍ରସାର ପାଇଁ ଚେଷ୍ଟା କରୁଛି।

## ବିଶ୍ୱ ଏବଂ ଜାତୀୟ ସ୍ୱୀକୃତି

ଓଡ଼ିଶାରେ ବେଦାନ୍ତର କାର୍ଯ୍ୟକୁ ଆଲୁମିନିୟମ ଷ୍ଟିୱାର୍ଡଶିପ ଇନିସିଏଟିଭରୁ ପ୍ରତିଷ୍ଠିତ ବିଶ୍ୱସ୍ତରୀୟ ପ୍ରମାଣପତ୍ର ଏବଂ ପରିବେଶଗତ ଉତ୍ପାଦ ଘୋଷଣା ଇଂଟରନ୍ୟାସନାଲରୁ ଅନୁମୋଦନ ମିଳିଛି, ଯାହା ଉଚ୍ଚ ପରିବେଶଗତ ମାନଦଣ୍ଡ ପ୍ରତି ଏହାର ପାଳନକୁ ପ୍ରତିଫଳିତ କରୁଛି। ବେଦାନ୍ତ ଆଲୁମିନିୟମ ଏବେ ଏସ ଆଣ୍ଡ ପି ଗ୍ଲୋବାଲ କର୍ପୋରେଟ ସଷ୍ଟେନବିଲିଟିରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଆଲୁମିନିୟମ ଶିଳ୍ପ ଲାଗି ୨୦୨୪ ବିଶ୍ୱ ର୍ୟାଙ୍କିଙ୍ଗ ମୂଲ୍ୟାୟନ ଓ ଏହାର ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ ଅଟେ। ଏହି ମାଇଲ ଖୁଣ୍ଟ ଓ ପ୍ରଶଂସା ଓଡ଼ିଶାକୁ ସ୍ପଟଲାଇଟରେ ରଖିଛି। ଜାତୀୟ ଅଗ୍ରଗତିରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଭାବରେ ବେଦାନ୍ତକ ଲାଗି ଏକ ଅବିଚ୍ଛେଦ୍ୟ ଅଂଶ ହୋଇଛି। ୨୦୩୬ ସୁଦ୍ଧା ୫୦୦ ବିଲିୟନ ଆମେରିକୀୟ ଡଲାର ଅର୍ଥନୀତି ଓ ବିକଶିତ ଓଡ଼ିଶା ହେବା ଲାଗି ପଥ ପ୍ରସ୍ତୁତ କରି ଆଲୁମିନିୟମ କ୍ଷେତ୍ରକୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ରହିଛି। ଏହାର ବ୍ୟାପକ ସମ୍ବଳର ଉପଯୋଗ କରି ଓଡ଼ିଶାର ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇ ଚାଲିଛି।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା : ୨ମୃତ, ୧୬ ଆହତ

ଗୋଡିବନ୍ଧ, (ସବ୍ୟୁ): ଅନୁଗୁଳ ଜିଲ୍ଲା ସମଲ ଥାନାର ଗହମ ବଣଭୋଜି ସ୍ଥଳ ନିକଟରେ ରାଜ୍ୟ ପରିବହନ ନିଗମର ବସ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେଇଚି । ରବିବାର ଅପରାହ୍ନ ୪ଟା ସମୟରେ ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୨ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ମୃତାହତ ସଂଖ୍ୟା ବଢିବାର ସମ୍ଭାବନା ରହିଛା ସରକାରୀ ବସ ବାରିପଦାରୁ ଅନୁଗୁଳ ଆସୁଥିବା ସମୟର ଦୁର୍ଘଟଣାଗ୍ରସ୍ତ ହେଇଥିବା ଜଣାପଡିଛି। ସରେ ଆସୁଥିବା ପ୍ରାୟ ୪୦ କଣ ଯାତ୍ରୀଙ୍କ ମଧ୍ୟରୁ ଅନ୍ୟ ୧୩ ଜଣ ଯାତ୍ରୀଙ୍କ ଅବସ୍ଥା ଗୁରୁତର ରହିଛି । ଆହତମାନଙ୍କୁ ଉଦ୍ଧାର କରାଯାଇ କଣିହାଁ, ଗୋଡ଼ିବନ୍ଧ, ତାଳଚେର ଉପଖଣ୍ଡ ଡାକ୍ତରଖାନା ଓ ପରେ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣାରୁ ପ୍ରାୟ ୪୦ ଜଣ ଯାତ୍ରୀ ବର୍ତ୍ତି ଯାଇଛନ୍ତି । ସୂଚନା ଅନୁସାରେ ରବିବାର ଅପରାହ୍ନରେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆରଟିସି)ର ଏକ ଯାତ୍ରୀବାହୀ ବସ୍ ବାରିପଦାରୁ ଅନୁଗୁଳ ଅଭିମୁଖେ ବାହାରି ଥିଲା । ସରକାରୀ ଯାତ୍ରୀବାହୀ ବସ୍ଟି ଜାତୀୟ ରାଜପଥରେ ଦ୍ରୁତ ଗତିରେ ଯାଉଥିବା ବେଳେ ସମଲ ଥାନା ଅଧୀନ ଗହମ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ବସଟି ରାସ୍ତା କଡକୁ ଓଲଟି ପଡ଼ିଥିଲା । ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କର ସହାୟତାରେ ସମସ୍ତ ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସହାୟତାରେ ତାଳଚେର ଉପଖଣ୍ଡ ଡାକ୍ତରଖାନାକୁ ପଠା ଯାଇଥିଲା । ଡାକ୍ତରଖାନାରେ ୨ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ମୃତକ ଦୁଇଜଣ ହେଲେ ଝାଡ଼ଖଣ୍ଡର ରାଧା ମୁଣ୍ଡା ଓ ମୟୁରଭଞ୍ଜର ସମୀର ମହନ୍ତ, ୧୩ ଜଣଙ୍କର ଅବସ୍ଥା ଗୁରୁତର ଥିବା ବେଳେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରା ଯାଉଛି ଛ ଅନୁଗୁଳ ଜିଲ୍ଲାପାଳ ଅବଦଲ ଏମ ଅଖତର , ଏସ୍ ପି ରାହୁଲ ଜୈନ ଅନୁଗୁଳ ଓ ତାଳଚେର ଡାକ୍ତରଖାନା ଯାଇ ଆହତଙ୍କ ଅବସ୍ଥା ପଚାରି ବୁଝିବା ସହ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସାମାନ୍ୟ ଆହତଙ୍କୁ ୫ ହଜାର ଓ ଗୁରୁତର ମାନଙ୍କୁ ୧୦ ରୁ ୨୦ ହଜାର ସହାୟତା ରାଶି ଏବଂ ସରକାରଙ୍କ ପକ୍ଷରୁ ସମସ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଅପର ପକ୍ଷେ ପ୍ରତ୍ୟକ୍ଷଦର୍ଶୀ ଓ ଆଂଶିକ ଆହତ ଯାତ୍ରୀଙ୍କ ସୂତ୍ରରୁ ଡ୍ରାଇଭର ପ୍ରଚୁର ମଦ୍ୟପାନ କରି ଦୁର୍ଘଟଣା ଭିଆଇଛନ୍ତି। ତେଣୁ ଦୁର୍ଘଟଣାର ବୁନରାବୃତ୍ତି ନହେବାକୁ ପରିବହନ ନିଗମ କମିଶନରଙ୍କୁ ମଦ୍ୟପ ଡ୍ରାଇଭର ବିରୁଦ୍ଧରେ କଠୋର ନିୟମ ଲାଗୁ କରିବାକୁ ନିବେଦନ କରିଛନ୍ତି ।

# ତୀର୍ଥ ସାରି ଘରକୁ ଫେରୁଥିବା ବେଳେ ଦୁର୍ଘଟଣା : ୨ ଗୁରୁତର, ୭ ଆହତ

ବଣ୍ଟଁରପାଳ, (ସବ୍ୟୁ): ଅନୁଗୋଳ ଜିଲ୍ଲ ୫୫ ନମ୍ବର ଜାତୀୟ ରାଜପଥର କାଣ୍ଡସର ଷ୍ଟେଟ ବ୍ୟାଙ୍କ ନିକଟରେ ଘଟିଛି ଦୁର୍ଘଟଣା। ଏହି ଦୁର୍ଘଟଣା ରେ ୯ ଜଣ ମହିଳା ଆହତ ହୋଇଥିବା ବେଳେ ସେଥିମଧ୍ୟରୁ ୨ ଜଣ ମହିଳା ଗୁରୁତର ହୋଇଛନ୍ତି । ଆହତ ମହିଳା ମାନେ ହେଲେ ଢେଙ୍କାନାଳ ଭୁବନ ଗ୍ରାମର ପୃଷ୍ଟି ପରିବାରର ବୋଲି ଜଣାପଡିଛି । ସେମାନେ ଗତ ଶୁକ୍ରବାର ଠାରୁ ମା ସମଲେଶ୍ୱରୀଙ୍କ ଦର୍ଶନ ପାଇଁ ସମ୍ବଲପୁର ଯାଇଥିଲେ। ଦର୍ଶନ ସାରି ଏକ ବୋଲେରୋ ରେ ରବିବାର ରାତିରେ ନିଜ ଘରକୁ ଫେରୁଥିବା ବେଳେ କାଣ୍ଡସର ଷ୍ଟେଟ ବ୍ୟାଙ୍କ ନିକଟରେ ରାତି ୧.ଟା ସମୟରେ ଛିଡା ହୋଇଥିା ଏକ ଟ୍ରକ କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣା ସମୟରେ ସମାଜସେବୀ ଚିନ୍ମୟୀ ଦାସ ଓ ସୁଧାକର ସାହୁ କଟକରୁ ଫେରୁଥିବା ବେଳେ ଦେଖିଲେ ରାସ୍ତାରେ ଦୁର୍ଘଟଣା ହୋଇଛି। ସେମାନେ ସଙ୍ଗେ ସଙ୍ଗେ ଦୁର୍ଘଟଣା ସ୍ଥଳକୁ ଯାଇ ମହିଳା ମାନଙ୍କୁ ଉଦ୍ଧାର କରି ସହ ନାଲକୋ ନଗର ଥାନାକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା । ଏହାପରେ ୧୦୮ ଆମ୍ବୁଲାନ୍ସ କୁ ଫୋନ୍ କରିଥିଲେ ,ହେଲେ ବିଳମ୍ବ ହେବାରୁ ସମାଜସେବୀ ଚିନ୍ମୟୀ ଦାସ, ସୁଧାକର ସାହୁ ଆହତ ମହିଳାଙ୍କୁ ଏକ ଅଟୋ ସାହାଯ୍ୟରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଥି ମଧ୍ୟରୁ ଦୁଇ ଜଣ ମହିଳାଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ବୋଲି ସୂଚନା ମିଳିଛି । ବର୍ତ୍ତମାନ ସୁଦ୍ଧା ଅନ୍ୟ ୭ ଜଣଙ୍କ ଅବସ୍ଥା ଭଲ ଥିବା ଜଣାପଡିଛି।

# ବ୍ରାଉନସୁଗର ଜବତ : ୨ ଗିରଫ



ଭୋଗରାଇ,(ସବ୍ୟୁ) : ବାଲେଶ୍ୱରଜିଲା ସୀମାନ୍ତ ଜଳେଶ୍ୱର ଓ ଭୋଗରାଇବ୍ଲକ ନିଶା ବ୍ୟବସାୟୀଙ୍କ ଅଡ୍ଡାସ୍ଥଳୀ ପାଲଟିଥିବାବେଳେ ଭୋଗରାଇ ଥାନା ସୂଚନା ପାଇ ସୋମବାର ସକାଳ ସାଢ଼େ୯ଟାବେଳେ ଥାନା ଅଧିକାରୀ ସୁଦୀପ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ବାହିନୀ ଜଳେଶ୍ୱର – ଚନ୍ଦନେଶ୍ୱର ୫ ୭ ନଂ ରାଜ୍ୟପଥ ବାଟଗ୍ରାମ ପୋଲ ଠାରେ ଜଳେଶ୍ୱରରୁ ଭୋଗରାଇ ଅଭିମୁଖେ ଏକ ବାଇକରେ ଆସୁଥିବା ୨ ବ୍ରାଇନସୁଗାର ବେପାରୀଙ୍କୁ ପୋଲିସ ଅଚାନକ କାବୁ କରିନେଇଛି ।୨ ଯୁବକଙ୍କୁ ଥାନାକୁ ଅଣାଯାଇ ତାଙ୍କ ଠାରୁ ୨୪.୭୫ ଗ୍ରାମର ବ୍ରାଉନ ସୁଗାର ସହ ଏକ ବୁଲେଟ ଗାଡି ଜବତ କରାଯାଇ ଥାନାରେ ୩୩/୨୫ ମାମଲା ରୁଜୁ କରାଯାଇଛି ।ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୫୦ ହଜାର ଟଙ୍କାର ହେବ ବୋଲି ଜଣାପଡ଼ିଛି। ଗିରଫ ହୋଇଥିବା ଅଭିଯୁକ୍ତ ମାନେ ହେଲେ ଏହି ଥାନା ଅଧୀନ ଦେହୁର୍ଦ୍ଦା ଗ୍ରାମର ରାଜକିଶୋର ସାହୁ (୨୮) ଓ ମହେଶପୁର ଗ୍ରାମର ପବିତ୍ର ନାୟକ (୧୯)। ଉକ୍ତ ଘଟଣାରେ ଜଳେଶ୍ୱର ଏସ ଡି ପି ଓ ଦିଲ୍ଲୀପ କୁମାର ସାହୁ ବ୍ରାଉନ ସୁଗାର କାରବାରର ମୁଖ୍ୟ ମାନଙ୍କୁ ଧରିବା ନିମନ୍ତେ ପୋଲିସର ତଦନ୍ତ ଜାରି ରହିଥିବାର ଏକ ଖବରଦାତା ସମ୍ମିଳନୀରେ ମତ ପ୍ରକାଶ କରିଛନ୍ତି । ଗିରଫ ହୋଇଥିବା ୨ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରଧୀନ ବିଭାଗ ହାଜତକୁ ପଠାଇ ଦିଆଯାଇଛି।

## ଚିକିତ୍ସା ଅବହେଳା ଯୋଗୁଁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

# ନର୍ସିଂହୋମ୍‌ରେ ଭଙ୍ଗାରୁଜା

ଭଦ୍ରକ,(ସବ୍ୟୁ):ଭଦ୍ରକ ସହର ଗାନ୍ଧୀପଡ଼ିଆ ସ୍ଥିତ ଏକ ନର୍ସିଂହୋମ୍‌ରେ ଜଣେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ସମ୍ପର୍କୀୟ ମାନେ ନର୍ସିଂହୋମ୍‌ରେ ଭଙ୍ଗାରୁଜା କରିଛନ୍ତି। ପରେ ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଛି। ଏନେଇ ଭଦ୍ରକ ଟାଉନ ଥାନାରେ ୨ଟି ମାମଲା ରୁଜୁ ହୋଇଛି। ସୂଚନା ମୁତାବକ ଭଦ୍ରକ ଜିଲା ଅସୁରାଳିର ସତ୍ୟରଞ୍ଜନ ଜେନାଙ୍କ ସ୍ତ୍ରୀ ଦେବସ୍ମିତା(୨୯) ଗର୍ଭଯନ୍ତ୍ରଣା ପାଇବାରୁ ରବିବାର ରାତି ପ୍ରାୟ ଗୋଟେ ବେଳେ ଗାନ୍ଧୀପଡ଼ିଆ ସ୍ଥିତ ନର୍ସିଂହୋମ୍‌ରେ ପରିବାର ଲୋକ ଭର୍ତ୍ତି କରିଥିଲେ। ରାତି ପ୍ରାୟ ୩ଟା ବେଳେ ତାଙ୍କର ଅପରେସନ ପରେ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ସୋମବାର ସକାଳ ୮ଟାରେ ଦେବସ୍ମିତା ଛାତିରେ ଅତ୍ୟଧିକ ଯନ୍ତ୍ରଣା ଅନୁଭବ କରିଥିଲେ। ସେହି ସମୟରେ ନର୍ସିଂହୋମ୍‌ରେ କୌଣସି ଡାକ୍ତର ନଥିବା ବେଳେ ପରିବାର ଲୋକେ ନର୍ସଙ୍କୁ ଜଣାଇଥିଲେ। ଅଧଘଣ୍ଟାଏ ପରେ ଜଣେ ନର୍ସ ଆସି ଦେଖିବା ପରେ ୮ଟା ଇଞ୍ଜେକ୍ସନ ଲେଖିଥିଲେ। ସମ୍ପର୍କୀୟ ମାନେ ଇଞ୍ଜେକ୍ସନ ଆସି ଦେବା ପରେ ଦେବସ୍ମିତାଙ୍କୁ ନର୍ସ ଜଣକ ଇଞ୍ଜେକ୍ସନ ଦେଇଥିଲେ। ଯନ୍ତ୍ରଣା ନ କମିବାରୁ କିଛି ସମୟ ପରେ ଆଉ ୪ଟା ଇଞ୍ଜେକ୍ସନ ଦେଇଥିଲେ। ପରେ ପୁଣି ୩ଟି ଇଞ୍ଜେକ୍ସନ ଦେଇଥିବା ଟାଉନ ଥାନାରେ ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ନର୍ସିଂହୋମ୍‌ରେ ଡାକ୍ତର ନ ରହିବାରୁ ଚିକିତ୍ସା ଅବହେଳା ଏବଂ ଏହି ଭୁଲ ଇଞ୍ଜେକ୍ସନ ଯୋଗୁଁ ଦେବସ୍ମିତାଙ୍କର ମୃତ୍ୟୁ ହୋଇଥିବା ତାଙ୍କ ଭାଇ ଦିଲୀପ କୁମାର ଜେନା ଟାଉନ ଥାନାରେ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ଥାନାରେ ମାମଲା (ନଂ ୫୫/୨୫) ରୁଜୁ ହୋଇଛି।



ଦେବସ୍ମିତାଙ୍କ ମୃତ୍ୟୁ ହୋଇଥିବା ଜାଣିବା ପରେ ତାଙ୍କର ସମ୍ପର୍କୀୟ ମାନେ ବହୁ ସଂଖ୍ୟାରେ ପହଞ୍ଚିଥିଲେ। ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ଅଭିଯୋଗ କରି ମେଡିକାଲରେ ହୋହାଲ୍ଲା କରିବା ସହିତ ମେଡିକାଲରେ ଥିବା ଗାଡ଼ି କାଚ ଓ ଅନ୍ୟାନ୍ୟ ଜିନିଷପତ୍ର ଭଙ୍ଗାରୁଜା କରିଥିଲେ। ସେତେବେଳକୁ ପୋଲିସ ପହଞ୍ଚିଥିଲେ ମଧ୍ୟ ସ୍ଥିତି ନିୟନ୍ତ୍ରଣ ହୋଇପାରିନଥିଲା। ସ୍ଥାନୀୟ ଲୋକେ ମୃତକଙ୍କ ସମ୍ପର୍କୀୟଙ୍କୁ ମାଡ଼ ମାରିଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ଖବର ପାଇ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ଗୋଇନ୍ଦା ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଟାଉନ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏକ ଡାକ୍ତରୀ ଟିମ୍ ଦ୍ୱାରା ମୃତଦେହର ବ୍ୟବଚ୍ଛେଦ କରାଯିବା ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଅପରପକ୍ଷେ ହୃଦ୍‌ଘାତରେ ଦେବସ୍ମିତାଙ୍କର ମୃତ୍ୟୁ ହୋଇଥିବା ନର୍ସିଂହୋମ୍ ପକ୍ଷରୁ କୁହାଯାଇଛି। ପ୍ରକାଶ ଥାଉକି କିଛିଦିନ ତଳେ ମଧ୍ୟ ଏହି ନର୍ସିଂହୋମ୍‌ରେ ଜଣେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ହୋହାଲ୍ଲା ପରିସ୍ଥିତି ହୋଇଥିଲା।

# ଶୀତୁଆ ସନ୍ଧ୍ୟାରେ ଜମୁଛି କପିଳମୁନୀ ମହୋତ୍ସବ

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ବ୍ଲକର ବିଦେଇପୁର ଠାରେ କପିଳ ମୁନୀ ମହୋତ୍ସବ-୨୦୨୫ ଉଦଘାଟିତ ହୋଇଯାଇଅଛି। ଯାତ୍ରା ଜଗତର ଖଳନାୟକ ଦୈତାରୀ ପଣ୍ଡା ଯୋଗଦେଇ ମହାପ୍ରଭୁଙ୍କୁ ପହଣ୍ଡିରେ ଆଣିଥିଲେ। ଆୟୋଜିତ ସଭାର ବରେଣ୍ୟଅତିଥି ଭାବେ ସାମାଜିକ କର୍ମୀ ବୈଲୋଚନ ଯେନା,ଗୁରୁ ବିଜୟ କୁମାର ଦାସ ଓ ନିତ୍ୟାନନ୍ଦ ଦାସ ଯୋଗଦେଇ ଉଦବୋଧନ ଦେଇ କଳାକୁ ଗାଁ ଗାଁରେ ପହଂଚାଇବା କପିଳ ମୁନୀ ମହୋତ୍ସବର ଲକ୍ଷ୍ୟ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଭୁବନେଶ୍ୱର ଓଡଶୀ ଡ୍ୟାନ୍ସ ଗ୍ରୁପ ନାଟ୍ୟଯମର କଳାକାରମାନେ ଓଡଶୀ ନୃତ୍ୟ ପରିବେଷଣ କରିଥିଲେ। ଭୁବନେଶ୍ୱର ସମ୍ବଲପୁରୀ ଡ୍ୟାନ୍ସ ଗ୍ରୁପ କଳାଶ୍ରମର କଳାକାର ଶୀତୁଆ ସନ୍ଧ୍ୟାର ସମ୍ବଲପୁରୀ ନାଚରେ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଗୁରୁ ବିଜୟ ଦାସଙ୍କ ନୃତ୍ୟ ସହିତ ଗୁଜୁରାଟର.ଦିବ୍ୟାଙ୍ଗ କମଲେଶ ପଟେଲଙ୍କ ଏକ ହାତିଆ ନୃତ୍ୟ ଦର୍ଶକଙ୍କ ବିମୋହିତ କରିଥିଲା। ଦ୍ୱିତୀୟ ଦିବସ ଆୟୋଜିତ ଶୀତୁଆ ସନ୍ଧ୍ୟାରେ ସଭାରେ ବରେଣ୍ୟଅତିଥି ଭାବେ ଗୁରୁ ସୁକାନ୍ତ କୁମାର କୁଣ୍ଡୁ,ଗୁରୁ ସଚ୍ଚିଦାନନ୍ଦ ଦାସ,ଗୋପାଳ ରାୟ,ନିତ୍ୟାନନ୍ଦ ଦାସ ଓ ବରିଷ୍ଠ ସାମ୍ବାଦିକ ରମାକାନ୍ତ ଡାଙ୍ଗୁଆ ଯୋଗ ଦେଇଥିଲେ। ଗୁରୁ ସୁକାନ୍ତ କୁମାର କୁଣ୍ଡୁଙ୍କର ମନ ଛୁଆଁ ସଙ୍ଗୀତ ଶୀତୁଆ ସନ୍ଧ୍ୟାକୁ ଗରମ କରିଦେଇଥିଲା। ଗୁରୁ ସଚ୍ଚିଦାନନ୍ଦ ଦାସ ଓ ସାଥୀମାନଙ୍କର ମର୍ଦ୍ଦଳ ବାଦ୍ୟ ମନ ମୁଗ୍ଧ କରିଥିଲା। ବାଲେଶ୍ୱର ବାହାନଗାର ଖଜେଶ୍ୱର କଳା ମନ୍ଦିର କଳାକାରମାନଙ୍କର ସେମି କ୍ଲାସିକାଲ ଡ୍ୟାନ୍ସ ଓ ଫକ୍ ଡ୍ୟାନ୍ସ ଦର୍ଶକ ଉପଭୋଗ କରିଥିଲେ।

## ପ୍ରେସ୍ କ୍ଲବରେ ସାଧାରଣତନ୍ତ୍ର ଦିବସ ପାଳିତ

ବାଲେଶ୍ୱର,(ସବ୍ୟୁ) : ବାଲେଶ୍ୱର ପ୍ରେସ କ୍ଲବ ପରିସରରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ପ୍ରେସ କ୍ଲବର ସଭାପତି ବିପ୍ଳବ କୁମାର ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ରଂଜନ ବାଗ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ରାଜକିଶୋର ବେହେରା, ରତିକାନ୍ତ ପାତ୍ର, ସପନ ବିଶ୍ୱାଳ, ରମଣୀରଂଜନ ଦାସ, ସେକ୍‌ହାଇଦର,ଗୋବିନ୍ଦ ରାଠୀ,ଲାଭା ପାଣ୍ଡେ, ଶିବଶଙ୍କର ଭୋଇ, ପ୍ରସନ୍‌ଜିତ ସେଠୀ, ଭବାନୀଶଙ୍କର ବେହେରା,ସତ୍ୟମ୍ ଦାସ,ଭରତବୋଷ୍ଟ,କରୁଣାକର ସାହୁ ପ୍ରମୁଖ ବହୁ ସାମ୍ବାଦିକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସୋର,(ସବ୍ୟୁ):ସୋର ପୌରପାଳିକା ଅନ୍ତର୍ଗତ ଉତ୍ତରେଶ୍ୱର ବସଷ୍ଟାଣ୍ଡରେ ଥିବା ଏକ ଦୋକାନ ମଧ୍ୟରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ସୂଚନା ଅନୁସାରେ ସୋର ବ୍ଲକ ମାଣତ୍ରୀ ପଞ୍ଚାୟତ ଗୋପାଳପୁର ଗ୍ରାମର ରାକେଶ ଖଟୁଆ (୩୪) ଉତ୍ତରେଶ୍ୱର ବସଷ୍ଟାଣ୍ଡରେ ଏକ ପାନ ଦୋକାନ ସହ ଷ୍ଟେସନାରୀ ଦୋକାନ କରି ପରିବାର ଚଳାନ୍ତି। ସୋମବାର ଅପରାହ୍ଣରେ ଦୋକାନ ଖୋଲି ଦୋକାନ ମଧ୍ୟରେ କବାଟ ବନ୍ଦ କରି ଟେଣ୍ଟ କପଡ଼ା ବେକରେ ବାନ୍ଧି ଗଡାଣରେ ଝୁଲିପଡିଥିଲେ।ତାଙ୍କ ବାପା ଦୋକାନରେ ପହଞ୍ଚି ଦୋକାନ ବନ୍ଦ ଥିବାରୁ ତାଙ୍କୁ ଫୋନ କରିଥିଲେ। ଦୋକାନ ମଧ୍ୟରେ ମୋବାଇଲ ରିଙ୍ଗ ହେଉଥିଲେ ମଧ୍ୟ ରାକେଶ ଫୋନ ଉଠାଇ ନ ଥିଲେ। ଫଳରେ ଦୋକାନ କବାଟ ଖୋଲିବା ପରେ ସେ ଗଡାଣରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକଙ୍କ ସହାୟତାରେ ସୋର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ



ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ସଦର ମହକୁମାସ୍ଥିତ ପୁଲିସ ପ୍ୟାରେଡ ପଡ଼ିଆରେ ଜିଲ୍ଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ,ସାଧାରଣ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ । ଜିଲ୍ଲାସ୍ତରୀୟ ସ୍ୱାଧିନତା ଦିବସ ସମାରୋହରେ ସଦର ବିଧାୟକ ମାନସ ଦତ୍ତ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ପୂର୍ବାଞ୍ଚଳ ଜୋନ ପୁଲିସ ଉପନିରିକ୍ଷକ ଡକ୍ଟର ସତ୍ୟଜିତ ନାୟକ, ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ, ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେସିର୍କେଙ୍କ ସହିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ୨ଟି ପୋଲିସ କଣ୍ଟିଜେଣ୍ଟ, ଗୋଟିଏ ପୋଲିସ ବ୍ୟାଣ୍ଡ, ଏନ୍‌ସିସି ଓ ସିଭିଲିୟାନ ଦଳ ମିଶାଇ ମୋଟ ୫୦ପ୍ଲାଟୁର୍ନ ଅଂଶଗ୍ରହଣ କରିଥିଲେ । ଜିଲ୍ଲାସ୍ତରୀୟ ସମାରୋହ ଅବସରରେ ୩ଜଣ ବରିଷ୍ଠ ସାମ୍ବାଦିକ ଓ ଆନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଜଣେ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ସମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ମନ୍ତ୍ରୀ ଶ୍ରୀ ମହାପାତ୍ର ୨ଯୋଡ଼ା ଦିବ୍ୟାଙ୍ଗ ଦମ୍ପତିକୁ ବିବାହ ପ୍ରୋତ୍ସାହନ ସହାୟତା ରାଶି ପ୍ରଦାନ କରିଥିଲେ । ପ୍ୟାରେଡ଼ରେ ଅଂଶଗ୍ରହଣ କରିଥିବା ଏନ୍‌ସିସି, ସ୍କାଓଡ଼ ଗାଇଡ଼ ଏବଂ ସିଭିଲିଆନ୍ ଦଳମାନଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳମାନଙ୍କୁ ସିଲଡ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମଣ୍ଡଳୀୟ ବନ ଅଧିକାରୀ ଖୁସଓ୍ୱନ୍ତ ସିଂ,ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀଗଣ,ଜନ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସାଧାରଣତନ୍ତ୍ର ଦିବସ ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ମନ୍ତ୍ରୀ ଶ୍ରୀ ମହାପାତ୍ର ଓ ଜିଲ୍ଲାପାଳ ଶ୍ରୀ ବିକାଶ ଫଳ ବଣ୍ଟନ କରିଥିଲେ । ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତରଫରୁ ବାଲେଶ୍ୱର ପୌରାଞ୍ଚଳରେ ରାମଧୂନ୍ ପରିବେଷଣ କରାଯାଇଥିଲା । ଅପରାହ୍ଣ ୩ଟାରେ ପରମିଟ ପଡ଼ିଆରେ ଜିଲ୍ଲା ପ୍ରଶାସନ, ବାଲେଶ୍ୱର ଜିଲ୍ଲା ସାମ୍ବାଦିକ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ୭ଟାରେ ଗାନ୍ଧିସ୍ମୃତି ଭବନରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ପୁରଷୋତ୍ତମ ସେଠୀ, ରାହୁଲ ସିଂ, ସତ୍ୟସାଗର ମଣ୍ଡଳ, ହରିଶଙ୍କର ପ୍ରଧାନ, କାର୍ତ୍ତିକ ବେହେରା, ମାଳତୀ କିସ୍କୁ ଓ ସୁଚିସ୍ମିତା ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ ।

# ଡ. ଶ୍ୟାମସୁନ୍ଦର ମହାପାତ୍ରଙ୍କ ଜୟନ୍ତୀ

ବାଲେଶ୍ୱର,(ସବ୍ୟୁ) : ଯୁଗଶ୍ରୀ ଟ୍ରଷ୍ଟ ପକ୍ଷରୁ ପ୍ରଫେସର ଡ. ଶ୍ୟାମସୁନ୍ଦର ମହାପାତ୍ରଙ୍କ ଜୟନ୍ତୀ ମ୍ୟୁନିସିପାଲିଟି ସରକାରୀ ଉଚ୍ଚ ବିଦ୍ୟାଳୟରେ ମେନେଜିଂ ଟ୍ରଷ୍ଟି ମମତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ,ସମ୍ମାନିତ ଅତିଥି ଭାବେ ଶ୍ୟାମସୁନ୍ଦର ଜୀବନାୟନ ପୁସ୍ତକର ଲେଖକ ଅଧାପକ କମଳାକାନ୍ତ ଦାଶ ଓ ମୁଖ୍ୟବକ୍ତା ଭାବେ ଡ଼ାକ୍ତର ଗୀତା ଗିରି ଯୋଗଦେଇ ବ୍ୟକ୍ତବ୍ୟ ରଖିଥିଲେ। ମମତା ମହାପାତ୍ର ତାଙ୍କ ଶ୍ୱଶୁର ଶ୍ୟାମସୁନ୍ଦର ମହାପାତ୍ର କିପରି ସ୍ୱାଭିମାନୀ ଓ ବିଦେଶରେ ଲୋକପ୍ରିୟ ରାଜନେତା ଥିଲେ ତାହାର ଉଦାହରଣ ଦେଇଥିଲେ । ଟ୍ରଷ୍ଟି ସଦସ୍ୟା ଗୀତାଞ୍ଜଳି ସିଂହ ମଂଚ ଆହ୍ୱାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଶିକ୍ଷୟିତ୍ରୀ ମଞ୍ଜୁଲତା ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୀମକୁଣ୍ଡରେ ନିଖୋଜ ଯୁବକ ଉଦ୍ଧାର

ଠାକୁରମୁଣ୍ଡା,(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳୀକୁ ଗତ ୨୬ ତାରିଖ ପିକନିକ ପାଇଁ ଆସି ନିଖୋଜ ହୋଇଯାଇଥିବା ଯୁବକ ବିଶ୍ୱଜିତ ଦାସଙ୍କୁ ୨୭ ତାରିଖରେ ଓଡ୍ରାଫ ଟିମ ଓ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି ।ବୈତରଣୀ ନଦୀର ଭୀମକୁଣ୍ଡରେ ଗାଧୋଉଥିବା ବେଳେ ପାଣିରେ ବୁଡ଼ିଯାଇ ପଥର ଖୋଲରେ ଲାଗି ରହିଥିଲେ। ଘଟଣାରୁ ପ୍ରକାଶଯେ, ଜ୍ୟୋତି ମୋଟର୍ସ ଭୁବନେଶ୍ୱରରେ କାମ କରୁଥିବା କର୍ମଚାରୀ ରବିବାର ଭୋଜି ପାଇଁ ଭୀମକୁଣ୍ଡ ଆସିଥିଲେ ।ପୂର୍ବାହ୍ଣ ସାଢ଼େ ୧୧ଟାରେ ରେ ପହଞ୍ଚିବା ପରେ କିଛି ଯୁବକ ଗାଧୋଇବାକୁ ବୈତରଣୀରେ ପଶିଥିଲେ । ପ୍ରାୟ ଦିନ ସାଢ଼େ ଗୋଟାଏରେ ବିଶ୍ୱଜିତ ପାଣି ଭିତରେ ନିଖୋଜ ହୋଇ ଯାଇଥିଲା । ଫଳରେ ତାର ସନ୍ଧାନ ମିଳିନଥିଲା । ବିଶ୍ୱଜିତ ଦାସଙ୍କ ଘର ଜଗତସିଂହପୁର ବାଲିକୁଦାରେ । ବାପାଙ୍କ ନାମ ନିତ୍ୟାନନ୍ଦ ଦାସ । ବିଶ୍ୱଜିତ ଡିପ୍ଲୋମା ଛାତ୍ର ଏବଂ ବାପା ମା ଙ୍କ ଏକମାତ୍ର ପୁଅ ବୋଲି ଜଣାପଡିଛି ।ସେ ଅସ୍ଥାୟୀ ଭାବେ ଜ୍ୟୋତି ମୋଟର୍ସ ରେ କାମ କରୁଥିଲେ । ସୋମବାର ସକାଳ ୯.୪୫ ରେ ଉଦ୍ଧାର କରି ଅଗ୍ନିଶମ ବାହିନୀ ଗାଡ଼ିରେ ଠାକୁରମୁଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ। ଉଦ୍ଧାର ସମୟରେ ଠାକୁରମୁଣ୍ଡା ବିଡ଼ିଓ ସ୍ୱପ୍ନେଶ୍ ବେହେରା, ତହସିଲଦାର ସମ୍ବିତ କୁମାର କର, ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

## ମୁସଲିମ ଜମାତରେ ଜାତୀୟ ପତାକା ଉତ୍ତୋଳନ

ଭଦ୍ରକ,(ସବ୍ୟୁ):ପୁରୁଣା ବଜାର ସ୍ଥିତ ମଦିନା ମଇଦାନ ଠାରେ ଭଦ୍ରକ ମୁସଲିମ ଜମାତ ପକ୍ଷରୁ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି ଓ ମୁଖ୍ୟଅତିଥି ଭାବେ ଭଦ୍ରକ ମୁସଲିମ ଜମାତର ସାଧାରଣ ସମ୍ପାଦକ ହାଜି ଶେଖ ଏନାମ ମହମ୍ମଦ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଓ ମୁସଲିମ ଜମାତର ଦୁଇ ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ,ଶେଖ ସିରାଯୁଦ୍ଦିନ,ଇଂ.ମନାଓ୍ୱର ହୋସେନ,ହାଜି କାସିମ ଖାନ,ହାଜି ଅନଓ୍ୱର ହୋସେନ,ଇଂ.ରେଜାଏ ରସୁଲ,ଅସରଫ ଅଲି ଖାନ,ହାଜି ମତଲୁବ ଅଲି,ହାଜି ତବାରକ ଅଲି,ମିଡ଼ିଆ ସେଲ ସଂଯୋଜକ ଶେଖ ଅନଓ୍ୱର ପ୍ରମୁଖ ଉପସ୍ଥିତ ରହିଥିଲେ।

## ମଦ୍ରାସା କାଦରିଆ ହବିବିଆରେ ଜାତୀୟ ପତାକା ଉତ୍ତୋଳନ

ଭଦ୍ରକ,(ସବ୍ୟୁ):ଭଦ୍ରକ ପୁରୁଣା ବଜାର ସ୍ଥିତ ମଦ୍ରାସା କାଦରିଆ ହବିବିଆରେ ୭୬ତମ ସାଧରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଇଂ.ସକିଲୁଜ ଜମା ଖାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଓ ସମ୍ପାଦକ ଇଂ.ହବିବୁଲ୍ଲା ଖାନ ,ମଦ୍ରାସାର ଶିକ୍ଷକ ହାଫିଜ ଓ କାରୀ ଶେଖ ଫକରୁଦ୍ଦିନ,ହାଫିଜ ଓ କାରୀଜମିଲ ଅଖତର,ଶିକ୍ଷକ ଶେଖ ମଇରାଜୁଦ୍ଦିନ ପ୍ରମୁଖ ଓ ମଦ୍ରାସାର ସମସ୍ତ ଛାତ୍ର ଉପସ୍ଥିତ ରହିଥିଲେ।

# ଉଦ୍‌ଯାପିତ ହେଲା ହଳଦୀପଦା ମହୋତ୍ସବ : ୨୦୨୫

ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ସଦର ମହକୁମା ହଳଦୀପଦା ଠାରେ ଗତ ୪ଦିନ ଧରି ଚାଲିଥିବା ହଳଦିପଦା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଇପ୍ସିତା ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅଜୟ କୁମାର ଜେନା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ନୀଳମଣି ମହାବିଦ୍ୟାଳୟର ଅଧକ୍ଷ ତପନ କୁମାର ବେହେରା, ମୁଖ୍ୟ ବକ୍ତାଭାବେ ସମାଜସେବୀ ଅମର କୁମାର ପାଲ, ବରେଣ୍ୟ ଅତିଥିଭାବେ ସମୟର ଚକ୍ର ସମ୍ପାଦକ ସର୍ବେଶ୍ୱର ଜେନା, ପ୍ରତିମା ପଣ୍ଡା, ଶୁଭମ ସାଇ ମହାପାତ୍ର, ବିଭୁପଦ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ । କୁନି ନୃତ୍ୟଶିଳ୍ପୀ ସୁହାନୀ ସାଇ ଜେନା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ଦୀର୍ଘ ୪ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ବହୁ ଆଞ୍ଚଳିକ ପ୍ରତିଭାଧର,ରାଜ୍ୟସ୍ତରୀୟ କଣ୍ଠଶିଳ୍ପୀ କଳାକାର, ରାଜନେତା, ସାମ୍ବାଦିକ, ବ୍ୟକ୍ତିବିଶେଷମାନେ ଯୋଗଦେଇଥିଲେ । ଅଭିନେତ୍ରୀ ଶୀତଲ ପାତ୍ରଙ୍କୁ ଦେଖିବାକୁ ଦର୍ଶକଙ୍କ ପ୍ରବଳ ଗହଳି ହୋଇଥିଲା । ଭବାନୀ ଶଙ୍କର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ କରୁଣାକର ଲେଙ୍କା ରଜତ ସାମଲ, ପ୍ରଦୀପ୍ତ ସାହୁ, ଅମିତାଭ ସାହୁ, ଚିତ୍ତରଂଜନ ସାହୁ, ରାଜେଶ କୁମାର ଜେନା, ଶ୍ରୀକାନ୍ତ ନାୟକ, ଶିବ ଲେଙ୍କା, ଗଣେଷ ଲେଙ୍କା, ଇପ୍ସିତା ଓ ଅଶ୍ୱିନୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ରାଉତଙ୍କ ବାର୍ଷିକ ଶ୍ରାଦ୍ଧ ସମାରୋହ

ଧାମନଗର,(ସବ୍ୟୁ): ପୂର୍ବତନ ମନ୍ତ୍ରୀ ତଥା ଧାମନଗର ବିକାଶର ବିନ୍ଧାଣୀ ସ୍ୱର୍ଗତ ଜଗନ୍ନାଥ ରାଉତ ଙ୍କ ୫ମ ବାର୍ଷିକ ଶ୍ରାଦ୍ଧ ସମାରୋହରେ ଧାମନଗର ଏନଏସି କଲ୍ୟାଣମଣ୍ଡପ ପରିସରରେ ଜଗନ୍ନାଥ ରାଉତ ସ୍ମୃତି କମିଟିର ସଭାପତି ସାମ୍ବାଦିକ ବାସୁଦେବ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ,ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ,ପୂର୍ବତନ ସାଂସଦ ମୁରଲୀଧର ଜେନା,ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ଭଦ୍ରକ ପୌରାଧକ୍ଷା ଗୁଲମୁକି ହବିବି,ପୂର୍ବତନ ପଂଚାୟତ ସମିତି ଅଧକ୍ଷ ଅଶୋକ କୁମାର ନାୟକ,ଜିଲ୍ଲା କଂଗ୍ରେସ ପୂର୍ବତନ ସଭାପତି ନାରାୟଣ ଚନ୍ଦ୍ର ପାଢ଼ୀ,ହାଇକୋର୍ଟର ଆଇନଜୀବୀ ଦେବାଶିଷ ସାମଲ,କଂଗ୍ରେସ ନେତା ଅସିତ ପଟ୍ଟନାୟକ,ବିଦ୍ୟାଧର ଜେନା,ହୃଦାନନ୍ଦ ସେଠୀ,ଦେବେନ୍ଦ୍ର ମହାନ୍ତି,ରାଧାକାନ୍ତ ସାମଲ,ରଞ୍ଜନ କୁମାର ବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଓ ଶିକ୍ଷାବିତ ମହେଶ୍ୱର ସ୍ୱାଇଁ, ଦଶରଥ ଦାସ, ନିରାକାର ଧଳ, ରାମଚନ୍ଦ୍ର ସାହୁ, ହେମେନ୍ଦ୍ର ମହାନ୍ତି, ସମାଜସେବୀ ଅନିଲ କୁମାର ବାରିକ,ଏମଡି ହବିବୁର ରହେମାନ, ଧିରେନ୍ଦ୍ର କୁମାର ନାୟକ ପ୍ରମୁଖ ସମ୍ମାନୀତବକ୍ତା ଭାବେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର ଅତିଥିମାନଙ୍କୁ ମଂଚ ଆବାହନ କରିଥିବାବେଳେ କାନ୍ତସାହିତ୍ୟ ପରିଷଦ ସଭାପତି ରସାନନ୍ଦ ମହାପାତ୍ର ସ୍ୱାଗତ ଭାଷଣ ଓ ଅଧ୍ୟାପକ ଚିତ୍ତରଞ୍ଜନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସମାଜରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଦୁଇଜଣ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସ୍ୱର୍ଗତ ରାଉତଙ୍କ ସହଧର୍ମିଣୀ ଡକ୍ଟର ବାସନ୍ତିଲତା ରାଉତ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ପୂଜ୍ୟପୂଜା କାର୍ଯ୍ୟକ୍ରରେ ସ୍ୱର୍ଗତ ରାଉତଙ୍କ ପୁତ୍ର ଅଭିଷେକ ରାଉତ,ପୁତ୍ରବଧୂ ଦୀପିକା ରାଉତଙ୍କ ସମେତ ବହୁଶିକ୍ଷାବିତ, ବୁଦ୍ଧିଜୀବୀ, ସମାଜସେବୀ, ସାମ୍ବାଦିକ, ରାଜନେତା ମାନେ ଯୋଗ ଦେଇଥିଲେ।

# ତ୍ରିଶକ୍ତି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ଠାକୁରମୁଣ୍ଡା ,(ସବ୍ୟୁ) : ସୋମବାର ମୟୁରଭଞ୍ଜ ଜିଲ୍ଲା । ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝର ବଙ୍ଗଳା ପଡ଼ିଆରେ ତ୍ରିଶକ୍ତି ଯୁବ କ୍ଲବ ଆନୁକୂଲ୍ୟରେ ୧୮ ତମ ତ୍ରିଶକ୍ତି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟନ ହୋଇଯାଇଛି।ମୁଖ୍ୟ ଅତିଥି ଭାବେ ଠାକୁରମୁଣ୍ଡା ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା ଓ ସମ୍ମାନିତ ଅତିଥି ଭାବେ ଚମ୍ପାଝର ସରପଞ୍ଚ ବିକ୍ରମ ପିଙ୍ଗୁଆ, ଓ୍ୱାର୍ଡ ମେମ୍ବର ଚିତୋର ହୋ,ନିବେଦିତା ମହାନ୍ତ, ପତ୍ରପଡା ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଜେନା, ପୂର୍ବତନ ସରପଞ୍ଚ ସାତ୍ରୀ ଖୁଣ୍ଟିଆ, ସମାଜସେବୀ ରବୀନ୍ଦ୍ର ନାଥ ମହାନ୍ତ, ଭରତ ଚନ୍ଦ୍ର ମହାନ୍ତ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦଘାଟନ କରିଥିଲେ।ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ପତ୍ରପଡା କ୍ରିକେଟ ଟିମ ଓ ଟିଆରସିଏ କ୍ରିକେଟ ଟିମ(ତଳିଆ) ମଧ୍ୟରେ ଦ୍ୱିତୀୟ ମ୍ୟାଚରେ ପାଟଣା କ୍ରିକେଟ ଟିମ ଓ କେନ୍ଦୁଝର କ୍ରିକେଟ ମଧ୍ୟରେ ହୋଇ ତଳିଆ ଓ କେନ୍ଦୁଝର ଟିମ ବିଜୟ ହୋଇ ଥିଲେ।ତଳିଆ ଓ କେନ୍ଦୁଝର ଟିମ ମଧ୍ୟରେ ହୋଇ କେନ୍ଦୁଝର କ୍ରିକେଟ ଟିମ ବିଜୟ କରି ପ୍ରଥମ କ୍ୱାଟର ଫାଇନାଲ କୁ ଉନ୍ନୀତ ହୋଇଛି। ଲବ କିଶୋର ହେମ୍ବ୍ରମ ଓ ହରପ୍ରସାଦ ସେଠୀ ଆମ୍ପିଅର ହୋଇ ଖେଳ ପରିଚାଳନା କରିଥିଲେ।

# ସାଢ଼େ ୩ ହଜାର ଛାତ୍ରଛାତ୍ରୀଙ୍କ ପରେଡ ପ୍ରଦର୍ଶନ

ଭୋଗରାଇ,(ସବ୍ୟୁ) :ରବିବାର ସାଢ଼େ ୯ଟାରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ହୃତପିଣ୍ଡ ଥାନାଛକ ହେଲିପେଡ ପଡିଆ ରେ ରବିବାର ସକାଳ ୯ ଟାରେ ବେସରକାରୀ ଭାବେ ଭୋଗରାଇ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି କମିଟି ପକ୍ଷରୁ ୭୬ ତମ ବ୍ଲକ ସ୍ତରୀୟ ସାଧାରଣତନ୍ତ୍ର ଦିବସ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ପାଳିତ ହୋଇଛି।ଏଥି ନିମନ୍ତେ ଭୋଗରାଇର ପ୍ରାଥମିକ ସ୍ତରରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ସାଢ଼େ ୩ ହଜାର ଛାତ୍ରୀଛାତ୍ର ମାନେ ହେଲିପେଡ ପଡିଆରେ ଚିତାକର୍ଷକ ପେରେଡ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ।ଜାତୀୟ ପତାକାକୁ ଉତ୍ତୋଳନ କରି ମୁଖ୍ୟ ଅତିଥି ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଦେଶର ଅଖଣ୍ଡତା, ସାର୍ବଭୌମତ୍ୱ, ଧର୍ମନିରପେକ୍ଷତା ଓ ସମାଜବାଦ ସମ୍ପର୍କରେ ମତପ୍ରକାଶ କରିଥିଲେ । ଏହି ସମାରୋହ ରେ ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ଉପାଧକ୍ଷା ମୀନାରାଣୀ ସାସମଲ, ଶିକ୍ଷାବିତ ପଂକଜାକ୍ଷ ପଣ୍ଡା, ପୂର୍ବତନ ବ୍ଲକ ଚେୟାରମ୍ୟାନ ଗଣପତି ଗିରି, ବିଶିଷ୍ଟ ଆଇନଜୀବୀ ଭୁବନାନନ୍ଦ ଦାସ, ରାଷ୍ଟ୍ରୀୟ ଗୌରବ ସମ୍ମାନ ପ୍ରାପ୍ତ ପୂର୍ବତନ ସରପଞ୍ଚ ରମାକାନ୍ତ କରଣ, ଜିଲାପରିଷଦ ସଦସ୍ୟା କବିତା ମହାନ୍ତି, ଭୋଗରାଇ ଥାନା ଭାରପ୍ରାପ୍ତ ଅଧିକାରୀ ସୁଦୀପ୍ତ କୁମାର ସାହୁ, ଶିକ୍ଷାଧିକାରୀ ଜଗବନ୍ଧୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।ଜନରାଜ୍ୟ ଦିବସରେ ପେରେଡ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତି ଛାତ୍ରୀଛାତ୍ର ମାନଙ୍କୁ ଅତିଥି ମାନେ କପ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

# ମଣ୍ଡି ଆଗରେ ଆମରଣ ଅନଶନ

ବାସୁଦେବପୁର,ସବ୍ୟୁ):ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକର କଟଣୀ ଛଟଣୀକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ। ପ୍ରତିବାଦରେ ବାଲିମେଦ ସୋସାଇଟି ଫାଟକ ଆଗରେ ଆମରଣ ଅନଶନ ବସିଲେ ସମିତି ସଭ୍ୟ ଓ ସୋସାଇଟିର ପୂର୍ବତନ ସଭାପତି ବାସୁଦେବପୁର ବ୍ଲକର ଓ ପୌରପାଳିକାର ରହିଛି ୨୨ସୋସାଇଟିର ୨୨ମଣ୍ଡି ସହିତ ୭ଗୋଟି ଏସଏଚଜିକୁ ୭ଟି ସ୍ଥାନରେ ଦିଆଯାଇଛି ମଣ୍ଡି ପରିଚାଳନା ଦାୟିତ୍ୱ। କଟଣୀ ଛଟଣୀକୁ ବନ୍ଦର ନାରା ଦେଇ ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିଥିଲେ। ହେଲେ ପ୍ରତ୍ୟେକ ମଣ୍ଡିରେ ସର୍ବନିମ୍ନ ଆଢେ ଆଠ ପର୍ସେଣ୍ଟରୁ ଏଗାର ପର୍ସେଣ୍ଟ ଧାନ କଟଣୀ ଛଟଣୀ ଚାଲିଥିବାର ଚାଷୀ ଅଭିଯୋଗ କରୁଛନ୍ତି। ଖୋଦ ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ ବରଣ୍ଡୁଆ ସୋସାଇଟିର ସଭାପତି ରହିଛନ୍ତି। ବରଣ୍ଡୁଆ ସୋସାଇଟିର ୧୦ରୁ ଏଗାର ପର୍ସେଣ୍ଟ କଟାଯାଉ ଥିବାର ଚାଷୀ ଅଭିଯୋଗ କରୁଛନ୍ତି। ଶାଶୁଭୁଆଶୁଣୀ ମଣ୍ଡିରେ ଏଗାର ପର୍ସେଣ୍ଟ ପରେ ଛଟଣୀର ହାପ୍ ପର୍ସେଣ୍ଟ କଟୁଛନ୍ତି ବୋଲି ଚାଷୀ ଅଭିଯୋଗ କରୁଛନ୍ତି। ନେତା ଠାରୁ ପ୍ରଶାସନ ପର୍ଯ୍ୟନ୍ତ କାହାରି ପାଟି ଫିଟୁନାହିଁ। ବାସୁଦେବପୁର ବ୍ଲକର ବାଲିମେଦ ସୋସାଇଟିର ୧୬ହଜାର ଧାନ ଟାର୍ଗେଟ ଥିବାବେଳେ ୧୦ହଜାର କୁଇଣ୍ଟାଲ ଧାନ କିଣା ସରିଛି। ଚାଷୀ ସାଢେ ଆଠ ପର୍ସେଣ୍ଟ କଟଣୀ ଛଟଣୀକୁ ବିରୋଧ କରି ସୋସାଇଟି ଫାଟକ ଆଗରେ ଆମରଣ ଅନଶନ କରିଛନ୍ତି। ନଶନକାରୀଙ୍କ ଏଆରସିଏସ ବାବାଜୀ ମଳିକ ଓ ବାସୁଦେବପୁର ବ୍ଲକର ସହକାରୀଯନ୍ତ୍ରୀ ଅନିଶ ସୁବୁଦ୍ଧି ଡକାଇ ବୁଝାସୁଝା କରିଥିଲେ। ଚାଷୀ ଏଫଏକ୍ୟୁ ମାନର ଧାନ ମଣ୍ଡିର ଦେଲେ କଟଣୀ ଛଟଣୀର ପ୍ରଶ୍ନ ଉଠୁନାହିଁ ବୋଲି ଚଢ଼ିଥିଲେ। ଧାନ ମାନ କମିଲେ ଚାଷୀ ଓ ମିଲର୍ସଙ୍କ ମଧ୍ୟରେ କଣ ବୁଝାମଣା ହେଉଛି ଆମେ ଜାଣିନାହୁଁ ଦୁଇ ଅଧିକାରୀଙ୍କ କଥାରେ ସନ୍ତୁଷ୍ଟ ନହୋଇ ଉତ୍ତମ କୁମାର ପାତ୍ର ଓ ରମେଶ ଚନ୍ଦ୍ର ବଳ ଅନଶନରେ ବସିଥିଲେ।

# ଏଫଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୋଗ କର୍ମଶାଳା ଉଦ୍‌ଘାଟିତ

ବାଲେଶ୍ୱର,(ସବ୍ୟୁ) : ଏକ ସୁସ୍ଥ ସମାଜ ଗଠନ ଉଦ୍ଦେଶ୍ୟରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବ ବ୍ଲକ୍‌ଠାରେ ଏକ ଯୋଗ କର୍ମଶାଳା ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଦିଲ୍ଲୀପ କୁମାର ଘୋଷଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି। । ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ପ୍ରଫେସର ଶ୍ରୀମତୀ ଜୟସ୍ମିତା ନାୟକ ପରିଚାଳନା କରିଥିଲେ। ଯୋଗଗୁରୁ ସୁଜିତ୍ କୁମାର ଜେନାଙ୍କ ପ୍ରେରଣାରେ ମହାବିଦ୍ୟାଳୟର ଶିକ୍ଷକ, ଛାତ୍ର ତଥା ଅଭିଭାବକମାନେ ଯୋଗ ଶିକ୍ଷା କରିଥିଲେ। ଅଧକ୍ଷ ତାଙ୍କର ଅଭିଭାଷଣରେ ନୂତନ ଶିକ୍ଷାନୀତି ପଦ୍ଧତିରେ ଯୋଗକୁ ଏକ ବିଷୟ ରୂପେ ରଖାଯାଇଥିବାର ସୁଖବର ମଧ୍ୟ ଜଣାଇଥିଲେ। ବୈଜ୍ଞାନିକ ପଦ୍ଧତିରେ ଯୋଗକୁ ସମସ୍ତେ ଅଭ୍ୟାସ କଲେ ତାହା ଯେ ନିଶ୍ଚୟ ସୁସ୍ଥ ସମାଜ ଗଠନରେ ସହାୟକ ହେବ ଏଥିରେ ଦ୍ୱିମତ ନାହିଁ ବୋଲି କହିଥିଲେ। ଉପସଭାପତି ରୀତା ରାଉତ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ଭୋଇ, ସୁଜାତା ପଣ୍ଡା, ବିଶ୍ୱନାଥ ସିଂ, ଅମରେନ୍ଦ୍ର ଦାସ, ଜ୍ୟୋତ୍ସ୍ନା ଜେନା, ସୂର୍ଯ୍ୟ ପୋଥାଳ, ଅକ୍ଷୟ କର, ବିଜୟଲକ୍ଷ୍ମୀ ଜେନା, ସୁଶ୍ରୀ ସଙ୍ଗିତା ଦାସ, ରୀତା ସାହୁ, ଜୟନ୍ତୀ ନାୟକ, ମମତା ମହାପାତ୍ର, କବିତା ସାମଲ, ତମନ୍ନା ସାମଲ, ପ୍ରଦୀପ ସେନାପତି, ଅମ୍ବିକା ଗିରି, ଦମୟନ୍ତୀ ମହାପାତ୍ର, ବ୍ୟାସଦେବ ରାଉତ, ପ୍ରଭୃତି ଉପସ୍ଥିତ ହୋଇ ପରିଚାଳନାରେ ସହଯୋଗ କରିଥିଲେ। ଅର୍ଚ୍ଚନା କର, ପ୍ରୀତି ସିଂ, ଶର୍ମିଳା ସାମନ୍ତରାୟ, ଜ୍ୟୋତ୍ସ୍ନା ରାୟ, ସୁଜାତା ପଣ୍ଡା ଓ ନିବେଦିତା ନାୟକ ଦେଶାତ୍ମବୋଧକ ସଙ୍ଗୀତ ଗାଇଥିଲେ। ଶେଷରେ ସମସ୍ତେ ମହାବିଦ୍ୟାଳୟର ଛାତ୍ର, ଶିକ୍ଷକମାନଙ୍କ ସହିତ ଜାତୀୟ ପତାକା ଉତ୍ତୋଳନରେ ଅଂଶଗ୍ରହଣ କରିଥିଲେ।



# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହ

ଭଦ୍ରକ,(ସବ୍ୟୁ):ରବିବାର ଭଦ୍ରକ ଜିଲ୍ଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ସମାରୋହରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ରୀଡ଼ା ପ୍ରାନ୍ତରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ସ୍ଥଳୀରେ ପହଞ୍ଚି ଜିଲ୍ଲାପାଳ ଠିକ୍ ସାଢ଼େ ୮ଟାରେ ଜାତୀୟ ପତାକା ଉତ୍ତୋଳନ କରି ସାଲ୍ୟୁଟ ଜଣାଇଥିଲେ। ପୁଷ୍ପ ସୁସଜ୍ଜିତ ଏକ ଖୋଲା ଗାଡ଼ିରେ ସମସ୍ତ ପ୍ୟାରେଡ଼ ଦଳଙ୍କୁ ପରିଦର୍ଶନ କରି ଦେଶାତ୍ମବୋଧକ ଉଦ୍‌ବୋଧନରେ ସମସ୍ତଙ୍କ ମନରେ ଜାତୀୟତାର ଭାବ ଭରିଦେଇଥିଲେ। ପ୍ୟାରେଡ୍‌ରେ ଅଂଶ ଗ୍ରହଣ କରିଥିବା ସମୁଦାୟ ୩୭ ଗୋଟି ଦଳର ମାର୍ଚ୍ଚପାଷ୍ଟରେ ସେ ଅଭିବାଦନ ଗ୍ରହଣ କରିଥିଲେ। ପରେ ପରେ ରଙ୍ଗାରଙ୍ଗ ଦେଶାତ୍ମବୋଧ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଟାଇକୋଣ୍ଡ କ୍ରୀଡ଼ା ପ୍ରଦର୍ଶନ କରାଯାଇଥିଲା। ଏହି ଉତ୍ସବ ପାଳନ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, କ୍ୱିଜ, ସଙ୍ଗୀତ ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ପ୍ୟାରେଡ୍‌ରେ ଅଂଶ ଗ୍ରହଣ କରିଥିବା ଏନ୍.ସି.ସି. ସିନିୟର, ଏନ୍.ସି.ସି. ଜୁନିୟର, ସ୍କାଉଟ, ଗାଇଡ୍, ରେଡ୍‌କ୍ରସ, ସିଭିଲିଆନ୍ ଆଦି ସମସ୍ତ ଦଳର ଶ୍ରେଷ୍ଠ ବିବେଚିତ ୧,୨ୟ,୩ୟ ଦଳ ମାନଙ୍କୁ ବଡ଼ ଆକାରର ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ସାଂସ୍କୃତିକ ଦଳ, ଟାଏକୋଣ୍ଡ ଦଳକୁ ମଧ ପୁରସ୍କୃତ କରାଯାଇଥିଲା। ଚିତ୍ର ଶିଳ୍ପୀ ସ୍ନେହା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ ପାଳନରେ ପଡ଼ିଆ କାର୍ଯ୍ୟକ୍ରମ ପରେ ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ରକ୍ତଦାନ ଶିବିର ପରିଦର୍ଶନ କରିବା ସହିତ ଜିଲ୍ଲାସ୍କୁଲ ଓ ଭଦ୍ରକ ବସ୍ ସିଣ୍ଡିକେଟ୍ ଆନୁକୂଲ୍ୟରେ ରୋଗୀମାନଙ୍କ ମଧ୍ୟରେ ଫଳ ଓ ବିସ୍କୁଟ୍ ବଣ୍ଟନ କରିଥିଲେ। ଦିବସ ଭିତ୍ତିକ ଅନ୍ତିମ କାର୍ଯ୍ୟକ୍ରମ ଭାବେ ସଂସ୍କୃତି ଭବନରେ ଚାରୁ ଓ କାରୁକଳା ମହାବିଦ୍ୟାଳୟ, ଭଦ୍ରକ ଆନୁକୂଲ୍ୟରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏସ୍.ପି. ମାଡ଼କର ସନ୍ଦୀପ ସମ୍ପତ ଜିଲ୍ଲାପାଳଙ୍କ ସହ ପତାକା ମଞ୍ଚରେ ଉପସ୍ଥିତ ରହିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍.ପି. ବାମଦେବ ସ୍ୱାଇଁ, ଅରୂପ ଅଭିଷେକ ବେହେରା ଓ ଅଂଶୁମାନ ଦ୍ୱିବେଦୀ, ସହକାରୀ ଜିଲ୍ଲାପାଳ କାର୍ତ୍ତିକନାଥ ମଣ୍ଡଳ, ତହସିଲଦାର ଭଦ୍ରକ ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନା ଓ ଆବାହକତ୍ୱରେ ଅନୁଷ୍ଠିତ ଏହି ଦିବସ ଭିତ୍ତିକ କାର୍ଯ୍ୟକ୍ରମ ପରିଚାଳନାରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ସାମ୍ବାଦିକ ରୋଟାରିଆନ ଅତିସ୍ କୁମାର ବେହେରା ସମ୍ପୃକ୍ତ ବିଭାଗୀୟ କର୍ମଚାରୀ ଆନୁସଙ୍ଗିକ ସହଯୋଗ କରିଥିଲେ।ଏହି ଦିବସ ଉପଲକ୍ଷେ ପ୍ରତ୍ୟୁଷରୁ ଲୋକସମ୍ପର୍କ ବିଭାଗ ଦ୍ୱାରା ପୌରାଞ୍ଚଳରେ ରାମଧୂନ ପରିକ୍ରମା କରାଯାଇଥିଲା। ଭଦ୍ରକ ସହର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

(ଶ୍ରୀମଭଗବଦ୍ ଗୀତା ୧୨/୦୭)

–ଭକ୍ତିଯୋଗଃ–

(ଶ୍ରୀଭଗବାନୁବାଚ )

ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁସଂସାରସାଗରାତ୍ ।
ଭବାମି ନଚିରାତ୍ ପାର୍ଥ ! ମୟ୍ୟାବେଶିତଚେତସାମ୍ ।।୦୭।।

ହେ ପାର୍ଥ ! ଯେଉଁମାନେ ସମସ୍ତ କର୍ମ ମୋଠାରେ ସମର୍ପଣ କରି, ମତ୍‌ପରାୟଣ ହୋଇ, ଏକାନ୍ତ ଭକ୍ତିଯୋଗରେ ଧ୍ୟାନନିରତ ହୋଇ ମୋତେ ଆରାଧନା କରନ୍ତି, ମୋଠାରେ ସମର୍ପିତଚିତ୍ତ ସେହି ସ୍ତାବକମାନଙ୍କୁ ମୁଁ ଅବିଳମ୍ବରେ ମୃତ୍ୟୁମୟ ସଂସାରସାଗରରୁ ସମ୍ୟକ୍ ରୂପରେ ଉଦ୍ଧାର କରେ ।।୦୭।।

## ପ୍ରଜନନ ହାର ନେଇ ଚିନ୍ତା

ସମ୍ପାଦକୀୟ

ପୃଥିବୀର ସବୁଠାରୁ ଅଧିକ ଜନସଂଖ୍ୟାର ଦେଶ ଭାବରେ ଉଭା ହେଉଥିବା ଏକ ଦେଶ ପାଇଁ, ପରିବାରଗୁଡ଼ିକୁ ଅଧିକ ସନ୍ତାନ ଜନ୍ମ କରିବା ପାଇଁ ଆହ୍ୱାନ ନୂଆ ବିତର୍କ ସୃଷ୍ଟି କରିଛି । ଏହା ମଧ୍ୟ ଆଶ୍ଚର୍ଯ୍ୟଜନକ ମନେହୁଏ ଯେ' ନିଜର ପ୍ରଗତିଶୀଳ କାର୍ଯ୍ୟ ପାଇଁ ସୁନାମ ଅର୍ଜନ କରିଥିବା ଜଣେ ମୁଖ୍ୟମନ୍ତ୍ରୀ ଏହା ଉପରେ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି । ସ୍ଥାନୀୟ ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଦୁଇଟିରୁ ଅଧିକ ସନ୍ତାନ ନ ରହିବା ନେଇ ଥିବା ନିୟମରେ ସଂଶୋଧନ ପାଇଁ ଆନ୍ଧ୍ର ପ୍ରଦେଶ ସରକାରଙ୍କ ଯୁକ୍ତି ଅନେକଙ୍କ ମନରେ ପ୍ରଶ୍ନ ଉଠାଇଛି । ପ୍ରାୟ ୧.୪୫ ବିଲିୟନ ଜନସଂଖ୍ୟା ଏବଂ ଦେଶବ୍ୟାପୀ ଦୁଇ ସନ୍ତାନର ମାନ୍ୟତା ପାଇଁ ଦଶନ୍ଧି ଧରି ଚାଲିଥିବା କାର୍ଯ୍ୟକ୍ରମ ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ନେତୃତ୍ୱରେ ଆନ୍ଧ୍ର ପ୍ରଦେଶ ସରକାର ପଞ୍ଚାୟତ, ଜିଲ୍ଲା ପରିଷଦ ଏବଂ ପୌରପାଳିକା ପରିଚାଳନା କରୁଥିବା ପ୍ରାସଙ୍ଗିକ ଆଇନରେ ସଂଶୋଧନ ଆଣିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ରାଜ୍ୟ ଏବେ ସ୍ଥାନୀୟ ପୌରସଂସ୍ଥା ଓ ପଞ୍ଚାୟତ ନିର୍ବାଚନରେ ଅଂଶଗ୍ରହଣ କରୁଥିବା ପ୍ରାର୍ଥୀଙ୍କ ପାଇଁ ଦୁଇରୁ ଅଧିକ ସନ୍ତାନ ରହିବାକୁ ବାଧ୍ୟତାମୂଳକ କରିବା ପାଇଁ ସେ ପ୍ରସ୍ତୁତ ହେଉଛନ୍ତି । ଶାସନର ତୃତୀୟ ସ୍ତରରେ ଜନପ୍ରତିନିଧିଙ୍କ ସନ୍ତାନ ସଂଖ୍ୟା ଉପରେ ସୀମା ପ୍ରଚଳନ କରିବାର ତିନି ଦଶନ୍ଧି ପରେ ଏଥିରେ ପରିବର୍ତ୍ତନ ହେବାକୁ ଯାଇଛି । ରାଜ୍ୟର ଜନସଂଖ୍ୟାଗତ ଅସନ୍ତୁଳନକୁ ସମାଧାନ କରିବାର ଆବଶ୍ୟକତା ଅନୁଭବ କରିବା ପରେ ମୁଖ୍ୟମନ୍ତ୍ରୀ ଆଇନର ପୁନଃମୂଲ୍ୟାୟନ କରିଛନ୍ତି । ଆନ୍ଧ୍ରପ୍ରଦେଶର ମୋଟ ପ୍ରଜନନ ହାର ପ୍ରାୟ ୧.୭, ଯାହା ସାଧାରଣତଃ ଜନସଂଖ୍ୟାକୁ ସ୍ଥିର କରିବା ପାଇଁ ଆବଶ୍ୟକ ବୋଲି ବିବେଚନା କରାଯାଉଥିବା ୨.୧ ମାନଦଣ୍ଡଠାରୁ ବହୁତ କମ୍ । ଆସନ୍ତା ବର୍ଷ ସୁଦ୍ଧା, ରାଜ୍ୟର ଜନସଂଖ୍ୟା ୫୩.୮ ନିୟୁତରେ ପହଞ୍ଚିବ ବୋଲି ଆଶା କରାଯାଉଛି, ଯାହା ଏକ ଦଶନ୍ଧି ପରେ ୫୪.୪ ନିୟୁତକୁ ବୃଦ୍ଧି ପାଇବା ଏବଂ ୨୦୪୧ ସୁଦ୍ଧା, ଜନସଂଖ୍ୟା ହ୍ରାସ ପାଇବା ଆରମ୍ଭ କରିବ । ନାଇଡୁ କହିଛନ୍ତି, ୨୦୨୬ ମସିହାରେ, ପ୍ରତି ଦମ୍ପତିଙ୍କ ପାଇଁ ହାରାହାରି ପ୍ରଜନନ ହାର ୧.୫୧ ହେବ ବୋଲି ଆକଳନ କରାଯାଇଛି । ୨୦୫୧ ସୁଦ୍ଧା ଏହା ୧.୦୭କୁ ହ୍ରାସ ପାଇବାର ଆଶା କରାଯାଉଛି, ଯାହା ଚିନ୍ତାଜନକ । ସେପ୍ଟେମ୍ବର ୨୦୨୩ରେ ପ୍ରକାଶିତ ମିଳିତ ଜାତିସଂଘର ଏକ ରିପୋର୍ଟ ଆକଳନ କରିଥିଲା ଯେ ୧୦.୫ ପ୍ରତିଶତ ଭାରତୀୟ ବର୍ତ୍ତମାନ ୬୦ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର । ଏହି ଅନୁପାତ ଏକ ଦଶନ୍ଧି ମଧ୍ୟରେ ୧୫ ପ୍ରତିଶତକୁ ବୃଦ୍ଧି ପାଇବାର ଆଶା କରାଯାଉଛି ଏବଂ ୨୦୪୬ ସୁଦ୍ଧା, ବୃଦ୍ଧଙ୍କ ସଂଖ୍ୟା ୦–୧୪ ବୟସର ପିଲାଙ୍କ ସଂଖ୍ୟାକୁ ଅତିକ୍ରମ କରିବ, ଯେତେବେଳେ ୧୫–୫୯ ବୟସର ଲୋକଙ୍କ ସଂଖ୍ୟା ହ୍ରାସ ପାଇବ । ଜଣେ ଏପରି ନେତା, ଯିଏ ଅବିଭକ୍ତ ଆନ୍ଧ୍ରପ୍ରଦେଶକୁ ଦ୍ରୁତ ବିକାଶ ପଥରେ ଆଗେଇନେବା ପାଇଁ ସୁନାମ ଅର୍ଜନ କରିଛନ୍ତି, ସେ ବୟସ୍କ ଜନସଂଖ୍ୟାରେ ବୃଦ୍ଧି ଏବଂ ଏ ନେଇ ହେବାକୁ ଥିବା ଚିନ୍ତାକୁ ଅଣଦେଖା କରିପାରିବେ ନାହିଁ । ଜନସଂଖ୍ୟାଗତ ସଂଶୋଧନର ଆବଶ୍ୟକତାକୁ ଗୁରୁତ୍ୱ ଦେବାରେ ନାଇଡୁ ଏକମାତ୍ର ନେତା ନୁହଁନ୍ତି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମଧ୍ୟ ପରାମର୍ଶ ଦେଇଛନ୍ତି ଯେ ରାଜ୍ୟର ଲୋକମାନେ ଅଧିକ ସନ୍ତାନ ଜନ୍ମ କରିବା ଉଚିତ । ଭାରତର ପ୍ରଜନନ ହାର ଯଥେଷ୍ଟ ହ୍ରାସ ପାଇଛି – ୧୯୫୦ରେ ପ୍ରଜନନ ହାର ୫.୭ ରୁ ବର୍ତ୍ତମାନ ପ୍ରାୟ ହାରାହାରି ୨କୁ ଖସିଆସିଛି । କେତେକ ତଥ୍ୟ ଅନୁସାରେ, ୧୭ଟି ରାଜ୍ୟରେ ମୋଟ ପ୍ରଜନନ ହାର କମିବାରେ ଲାଗିଛି । ଦକ୍ଷିଣ ଭାରତର ପାଞ୍ଚଟି ରାଜ୍ୟର ମୋଟ ପ୍ରଜନନ ହାର ୧.୬ ତଳେ ଅଛି, ଯେଉଁଥିରେ କର୍ଣ୍ଣାଟକ ୧.୬ ଏବଂ ତାମିଲନାଡୁ ୧.୪ ରହିଛି । ଅନ୍ୟ ଶବ୍ଦରେ, ଏହି ରାଜ୍ୟଗୁଡ଼ିକରେ ପ୍ରଜନନ ହାର ଅନେକ ୟୁରୋପୀୟ ଦେଶ ସହିତ ପ୍ରାୟ ସମାନ ରହିଛି କିମ୍ବା ସେମାନଙ୍କ ତୁଳନାରେ କମ୍ ରହିଛି । ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକଙ୍କୁ ବଡ଼ ପରିବାର ସପକ୍ଷରେ ଉତ୍ସାହିତ କରିବା ପାଇଁ ସାମ୍ପ୍ରତିକ ଆହ୍ୱାନର ଏକ ପ୍ରମୁଖ କାରଣ ହେଉଛି, ପ୍ରସ୍ତାବିତ ସୀମା ନିର୍ଦ୍ଧାରଣରେ ଲୋକସଭା ଆସନ କମିବା ନେଇ ଆଶଙ୍କା । ଏହି ପ୍ରକ୍ରିୟା ଜନସଂଖ୍ୟା ଆଧାରରେ ପ୍ରତି ରାଜ୍ୟ ଆସନ ସଂଖ୍ୟାକୁ ସ୍ଥିର କରିବ ଏବଂ ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ ଭୟ କରୁଛନ୍ତି ଯେ ଉତ୍ତର ରାଜ୍ୟଗୁଡ଼ିକ ତୁଳନାରେ ସେମାନଙ୍କର ରାଜନୈତିକ ପ୍ରତିନିଧିତ୍ୱ ହ୍ରାସ ପାଇବ, ଯେଉଁଠାରେ ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ଅନ୍ୟପକ୍ଷରେ, ଉତ୍ତର ରାଜ୍ୟଗୁଡ଼ିକ ୨.୧ ହାରାହାରି ଠାରୁ ବହୁତ ଅଧିକ ଜନ୍ମହାର ବଜାୟ ରଖିଛନ୍ତି । ଏହି ଯୁକ୍ତି ୨୦୦୧ ମସିହାରେ ସ୍ପଷ୍ଟ ହୋଇଥିଲା, ଯେତେବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାର ୨୦୨୫ ପର୍ଯ୍ୟନ୍ତ ସୀମା ନିର୍ଦ୍ଧାରଣ କାର୍ଯ୍ୟକୁ ସ୍ଥଗିତ ରଖିଥିଲେ, ଦକ୍ଷିଣ ଭାରତର ରାଜନୈତିକ ଦଳଗୁଡ଼ିକ ଯୁକ୍ତି ବାଢ଼ିଥିଲେ ଯେ' ଜନସଂଖ୍ୟା ବୃଦ୍ଧିକୁ ସରକାରୀ ନିଷ୍ପତ୍ତି ଅନୁଯାୟୀ ନିୟନ୍ତ୍ରଣରେ ରଖିପାରିଥିବା ରାଜ୍ୟଗୁଡ଼ିକୁ ଦଣ୍ଡିତ କରାଯିବା ଉଚିତ ନୁହେଁ । ଫଳସ୍ୱରୂପ, ମୋଟ ସିଟ୍ ସଂଖ୍ୟା ବୃଦ୍ଧି ନ କରି ନିର୍ବାଚନମଣ୍ଡଳୀ ସୀମାର ସୀମିତ ପୁନଃନିର୍ମାଣ କରାଯାଇଥିଲା । ପଚିଶ ବର୍ଷ ପରେ, କାର୍ଯ୍ୟକ୍ଷମ ରାଜ୍ୟଗୁଡ଼ିକୁ ଦଣ୍ଡିତ କରାଯିବା ଉଚିତ ନୁହେଁ ବୋଲି ଯୁକ୍ତି ବୈଧ ରହିଛି । ୧୯୭୧ ପର୍ଯ୍ୟନ୍ତ ଦଶନ୍ଧି ଧରି ଚାଲିଥିବା ସୀମା ନିର୍ଦ୍ଧାରଣ ପ୍ରକ୍ରିୟା, ୧୯୭୫ରେ ୨୦୦୦ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା । ୨୦୦୧ରେ, ଏହାକୁ ଆହୁରି ୨୦୨୫ ପର୍ଯ୍ୟନ୍ତ ବିଳମ୍ବିତ କରାଯାଇଥିଲା । ତଥାପି, ଏହି ପ୍ରକ୍ରିୟା ପାଇଁ ବିଳମ୍ବିତ ଜନଗଣନା ସମାପ୍ତ ନ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ, ଯାହା କୋଭିଡ–୧୯ ମହାମାରୀ ଯୋଗୁଁ ପାଞ୍ଚ ବର୍ଷ ପୂର୍ବରୁ ସ୍ଥଗିତ ରଖାଯାଇଥିଲା । ନାଇଡୁ ଏବଂ ଷ୍ଟାଲିନଙ୍କ ଆହ୍ୱାନ ଜନସାଧାରଣଙ୍କ ମନୋଭାବ ପରିବର୍ତ୍ତନ କରିବାରେ କେତେ ପ୍ରଭାବଶାଳୀ ହେବ ତାହା ଏବେଠାରୁ ଆକଳନ କରିବା ସମ୍ଭବ ନୁହେଁ । ବଡ଼ ପରିବାର ପାଇଁ 'ଛୋଟ ପରିବାର ସୁଖୀ ପରିବାର' ସ୍ଲୋଗାନକୁ ପରିତ୍ୟାଗ କରିବା ନେଇ ଲୋକଙ୍କୁ ଉତ୍ସାହିତ କରିବା, ଯାହା ଦୁଇରୁ ଅଧିକ ସନ୍ତାନ ନ ଜନ୍ମ ଦେବା କଥାଟିକୁ ସମର୍ଥନ କରେ, ହୁଏତ ଏବେ ସହଜ ହେବ ନାହିଁ । ଜାପାନ ଏବଂ ଅନ୍ୟତ୍ର ଅଧ୍ୟୟନ ସୂଚାଇ ଦିଏ ଯେ ପ୍ରତିଷ୍ଠିତ ସାମାଜିକ ମାନଦଣ୍ଡ ପରିବର୍ତ୍ତନ କରିବାରେ ସମୟ ଲାଗିପାରେ । ତଥାପି, ସୀମା ନିର୍ଦ୍ଧାରଣ ପ୍ରକ୍ରିୟାକୁ ଅନ୍ୟ ଭାବରେ କରିବା ନେଇ ଚିନ୍ତା କରାଯାଇପାରେ । ନୀତି ଯୋଜନାକାରୀ ଏବଂ ଆଇନ ପ୍ରଣୋଦକମାନେ ଏକାଠି ହୋଇ ଏକ ଯୁକ୍ତିଯୁକ୍ତ ଏବଂ ବ୍ୟବହାରିକ ସମାଧାନ ଉପରେ ଚିନ୍ତା କରିବା ଉଚିତ କାରଣ ଭାରତ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବା ପାଇଁ ଲକ୍ଷ୍ୟ ରଖିଛି ।

## ସନାତନ ଆସ୍ଥାର ମହାପର୍ବ: ପ୍ରୟାଗରାଜରେ ମହାକୁମ୍ଭ

**ବିପିନ ବିହାରୀ ରାଉତ**

ସନାତନ ଓ ମହାନ ଆର୍ଯ୍ୟ ସଂସ୍କୃତିର ଆସ୍ଥାର ମହାପର୍ବ ମହାକୁମ୍ଭ ମେଳା । ଆମ ହିନ୍ଦୁ ଆଧ୍ୟାତ୍ମିକ ଚେତନାରେ ଆସ୍ଥା ଯେଉଁଠି ବିଶ୍ୱାସ ସେଇଠି । ଏହି ଆସ୍ଥା ଓ ବିଶ୍ୱାସର ସଙ୍ଗମ ହେଉଛି ପ୍ରୟାଗରାଜର ପବିତ୍ର ତ୍ରିବେଣୀ ସଙ୍ଗମ ତଟ । ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ମହାପର୍ବ ମହାକୁମ୍ଭମେଳାରେ ପାଖାପାଖି ୪୦ କୋଟି ସନ୍ଥ, ଶ୍ରଦ୍ଧାଳୁ, ସାଧୁ, ଯୋଗୀ ଓ ତପସ୍ୱୀଙ୍କ ଅପୂର୍ବ ସମାଗମ ହେବାର ସମ୍ଭାବନା ରହିଛି । ଶ୍ରଦ୍ଧାଳୁମାନେ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବା ସହ ୧୦ଲକ୍ଷରୁ ଊର୍ଦ୍ଧ୍ୱ ସାଧୁସନ୍ଥ ସଙ୍ଗମ ତଟରେ ମହାକୁମ୍ଭର ପ୍ରାଚୀନ ପରମ୍ପରା କଳ୍ପବାସରେ ସାମିଲ ହେଇଚାଲିଛନ୍ତି । ପ୍ରୟାଗରାଜର ମହାକୁମ୍ଭର ଆଧ୍ୟାତ୍ମିକ ଚେତନା ଓ ବିକାଶର ଅପୂର୍ବ ଗାଥା ଅସୀମ ଓ ଅକଳ୍ପନୀୟ । ସମଗ୍ର ଭାରତ ବର୍ଷରେ ମହାକୁମ୍ଭ ମେଳା ଏକ ଭବ୍ୟ, ଆଧ୍ୟାତ୍ମିକ, ଧାର୍ମିକ ଆୟୋଜନର ପବିତ୍ର ଅବସର । ଏହାର ଐତିହାସିକ ଗୁରୁତ୍ୱ ସହିତ ଆଧ୍ୟାତ୍ମିକ ମହତ୍ତ୍ୱ ମଧ୍ୟ ଅତୀବ ପ୍ରାଚୀନ ଯାହାର ମୌଳିକତା ପ୍ରାଚୀନ ଭାରତୀୟ ଗ୍ରନ୍ଥରେ ଉଲ୍ଲେଖ ରହିଥିବାବେଳେ ବିଶ୍ୱର ସବୁଠୁ ବଡ଼ ଧାର୍ମିକ ମେଳାରେ କୋଟି କୋଟି ଶ୍ରଦ୍ଧାଳୁଙ୍କ ସମର୍ପିତ ମନୋଭାବରେ ସଙ୍ଗମ ନଗରୀର ମହାକୁମ୍ଭ ସ୍ଥାନ ଅନେକଙ୍କ ପାଇଁ ସ୍ମରଣୀୟ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଜୀବନାଦର୍ଶର ପବିତ୍ର ଆଲୋକବର୍ତ୍ତିକା । ଜୀବନରେ କ୍ଳେଶ, ପାପ ଓ ଜୀବନ ଚକ୍ରରୁ ମୁକ୍ତି ସହ ଜୀବନରେ ସଫଳତା ପାଇଁ ବିଶ୍ୱର ପ୍ରତ୍ୟେକ କୋଣ ଅନୁକୋଣରୁ ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନେ ଏହି ମହାକୁମ୍ଭରେ କିଛି କ୍ଷଣ ନିଜକୁ ହଜାଇ ଦେବା ପାଇଁ ନିଜ ଆସ୍ଥାକୁ ଦୃଢ଼ୀଭୂତ କରିବା ପାଇଁ ଛୁଟି ଆସୁଛନ୍ତି । ଏହା କେବଳ ଏକ ଧାର୍ମିକ ଆୟୋଜନ ନୁହଁ । ବିଶ୍ୱାସ, ସମର୍ପଣ, ଆସ୍ଥା, ପରମ୍ପରା, ସଂସ୍କୃତି ଓ ବିଜ୍ଞାନର ଅପୂର୍ବ ଅଦ୍ୱିତୀୟ ଓ ଉତ୍କର୍ଷର ବିରଳ ସଙ୍ଗମ । ଆଧ୍ୟାତ୍ମିକତା, ଭୂଗୋଳ ଓ ନକ୍ଷତ୍ର ବିଜ୍ଞାନର ଏହା ତ୍ରିଭୁଜ ମିଳନ କହିଲେ ଅତ୍ୟୁକ୍ତି ହେବନାହିଁ ।

ପୁରାଣର କିମ୍ବଦନ୍ତୀର ଘଟଣାବଳୀ ଆମକୁ ଯୁଗ ଯୁଗ ପାଇଁ ମାର୍ଗ ଦେଖାଏ ଯେ ସମୁଦ୍ର ମନ୍ଥନରୁ ନିର୍ଗତ ଏହି ଅମୃତ କୁମ୍ଭମେଳାକୁ ଜନ୍ମ ଦେଇଥିଲା । ଆଉ ସେହି କୁମ୍ଭରୁ ଯେଉଁ ପବିତ୍ର ଓ ଦିବ୍ୟ ଅମୃତ ଉଛୁଳି ଯେଉଁ ସ୍ଥାନରେ ପଡ଼ିଥିଲା ସେହି ସମସ୍ତ ସ୍ଥାନରେ ହିଁ ଆୟୋଜିତ ହେଉଛି ଏହି ପବିତ୍ର ଓ ବିରଳ କୁମ୍ଭମେଳା। ଏହା ଆମ ଜୀବନ ଚେତନାକୁ ଶିକ୍ଷା ଦେବା ସହ ମାନବତାର ମାର୍ଗ ଦର୍ଶାଉଛି ଯେ ଆସ୍ଥା ଓ ବିଜ୍ଞାନ ଭିତରେ କୌଣସି ପାର୍ଥକ୍ୟ ନାହିଁ । ବରଂ ଉଭୟ ହେଉଛନ୍ତି ଜୀବନ ଆସ୍ଥାର ମିଳିତ ଯୁଗଳବନ୍ଦୀ । ଗତ ପୌଷ ପୂର୍ଣ୍ଣିମାରୁ ଆରମ୍ଭ ହୋଇ ପବିତ୍ର ମହାଶିବ ରାତ୍ରି ଯାଏ ଅନୁଷ୍ଠିତ ହେବାକୁ ଥିବା ଏହି ଭବ୍ୟ, ଦିବ୍ୟ ଓ ଗାମ୍ଭୀର୍ଯ୍ୟପୂର୍ଣ୍ଣ କେବଳ ଏକ ଉତ୍ସବ ନୁହେଁ ମହାନ ସନାତନ ଭାରତୀୟ ଆଧ୍ୟାତ୍ମିକତା, ଏକତା ଓ ସଂସ୍କୃତିର ପ୍ରତୀକ । ଏହି ମହାକୁମ୍ଭର ଆଧ୍ୟାତ୍ମିକ ଚେତନା ଭିତରେ ଭାରତୀୟ ନକ୍ଷତ୍ର ବିଜ୍ଞାନର ଗୁଢ଼ ଚେତନାଦାୟୀ ଜ୍ଞାନ ସୂଚୀତ କରିଛି କି ଯେ ଏହି କୁମ୍ଭମେଳା ସଂସ୍ଥାପନ ବା ଆୟୋଜନ କ୍ଷେତ୍ରଟି ସ୍ଥଳ ଓ ସମୟର ପ୍ରଭାବକୁ ଦୃଷ୍ଟିରେ ରଖି ପୃଥିବୀର ଚୁମ୍ବକୀୟ କ୍ଷେତ୍ର ଓ ଗ୍ରହଙ୍କ ସ୍ଥିତି ଆଧାରରେ ନିର୍ଦ୍ଧାରିତ । ଆମ ପୂର୍ବସୁରୀମାନେ ଜୈବିକ ପ୍ରଭାବ ଓ ନକ୍ଷତ୍ର ବିଜ୍ଞାନର ଯେ ସଫଳତମ ଗହନ ଜ୍ଞାନର ମହାଧିକାରୀ ଥିଲେ କୁମ୍ଭମେଳା ତାର ଏକ ଆଦର୍ଶଗତ ଓ ସମ୍ପୂର୍ଣ୍ଣ ଉଦାହରଣ । ଅନେକ ହୁଏତ ଜାଣିନଥିବେ ଭୂଚୁମ୍ବକୀୟ ଉର୍ଜ୍ଜା ତତ୍ତ୍ୱ ଆଧାରରେ କୁମ୍ଭମେଳାର ଆୟୋଜନ ସ୍ଥଳ ନିରୂପିତ ହୁଏ । ପବିତ୍ର ନଦୀ ସଙ୍ଗମ କ୍ଷେତ୍ରଗୁଡ଼ିକ ଏହି ଆଧ୍ୟାତ୍ମିକ ବିକାଶର ଅନୁକୂଳ ଓ ଜୀବନ ତତ୍ତ୍ୱର ମୂଳମନ୍ତ୍ରର ମାର୍ଗଦର୍ଶକ । ପ୍ରାଚୀନ ସମୟର ଯୋଗୀ, ମୁନି, ଋଷି, ତପସ୍ୱୀ ଓ ସାଧକମାନେ ଏ ସମସ୍ତ ସ୍ଥାନରେ ଯୋଗ, ଧ୍ୟାନ ଓ ଆତ୍ମିକ ଉନ୍ନତି ସହ ବିଶ୍ୱର କଲ୍ୟାଣ ପାଇଁ ଉପଯୁକ୍ତ ଉର୍ଜ୍ଜା ପ୍ରବାହକୁ ଅନୁଭବ କରି ଏଗୁଡ଼ିକୁ ତାଙ୍କ ଦୂରଦୃଷ୍ଟିର ସଙ୍କଳ୍ପରେ ଘୋଷଣା କରିଥିଲେ । ସେହିପରି ଆଜିର ବୈଜ୍ଞାନିକ ତତ୍ତ୍ୱକୁ ମଧ୍ୟ ଏଠାରେ ଅବତରଣ କରାଯାଇପାରେ । କାରଣ ବୈଜ୍ଞାନିକ କାରଣ ଦୃଷ୍ଟିରୁ ଟିକିଏ ନିରିଖେଇ ଦେଖିଲେ ମାନବ ଶରୀର ଉପରେ କୁମ୍ଭମେଳା ଗ୍ରହ ଓ ଚୁମ୍ବକୀୟ କ୍ଷେତ୍ରର ପ୍ରଭାବକୁ ବୁଝିବାର ପ୍ରକୃଷ୍ଟ ଓ ଉତ୍କୃଷ୍ଟ ସମୟ । ବାୟୋ ମାଗ୍ନେଟିଜିମ ତତ୍ତ୍ୱ ଅନୁସାରେ ଆମ ଶରୀର ଚୁମ୍ବକୀୟ କ୍ଷେତ୍ରର ଉତ୍ସର୍ଜନ କରେ ଓ ଏହା ବାହ୍ୟ ଉର୍ଜ୍ଜା କ୍ଷେତ୍ର ଦ୍ୱାରା ପ୍ରଭାବିତ । ପବିତ୍ର ସଙ୍ଗମ ସ୍ଥଳ କୁମ୍ଭରେ ଧ୍ୟାନ ଓ ସ୍ନାନ ସମୟରେ ଅନୁଭୂତ ଶାନ୍ତି ଓ ସକାରାତ୍ମକ ଉର୍ଜ୍ଜା ପ୍ରଭାବ ଆମ ଜୀବନ ଚେତନାକୁ ଆହୁରି ପବିତ୍ର ଓ ଜୀବନ ଆଗେଇ ନେବା ପାଇଁ ଦୃଢ଼ ସଞ୍ଜିବନୀର ଆଲୋକ ଦେଖାଏ । କେବଳ ଏତିକି ନୁହେଁ ଗ୍ରହଙ୍କ ସ୍ଥିତିଚକ୍ରକୁ ଦେଖିଲେ ଏ ସବୁରେ ଆଧ୍ୟାତ୍ମିକ ମହତ୍ତ୍ୱ ମଧ୍ୟ ଯେ ରହିଛି ତାହା ନୁହଁ ବୈଜ୍ଞାନିକ ଚିନ୍ତା ଚେତନା ଦୃଷ୍ଟିରୁ ଏହା ମାନବ ଓ ପୃଥିବୀ ଉପରେ ପଡୁଥିବା ପ୍ରଭାବକୁ ମଧ୍ୟ ଦର୍ଶାଏ । ନ୍ୟାକ୍ଷତ୍ରିକ ତତ୍ତ୍ୱ ଚେତନା ସୂଚୀତ କରେ ଯେ ସୂର୍ଯ୍ୟ, ଚନ୍ଦ୍ର ଓ ବୃହସ୍ପତିର ସ୍ୱତନ୍ତ୍ର ସଂଯୋଗ ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ଉଜ୍ଜୀବିତ ପୂର୍ବକ ପ୍ରଭାବିତ କରେ । ଏହି ନକ୍ଷତ୍ର ବିଜ୍ଞାନ ସଂଯୋଗ ସମୟରେ କୁମ୍ଭ ସ୍ଥାନରେ ଉଭୟ ବିଜ୍ଞାନ ଓ ଆଧ୍ୟାତ୍ମ୍ୟର ସମନ୍ୱୟ ହୋଇଥାଏ ।

ଅଗ୍ନି ପୁରାଣ ଓ ମତ୍ସ୍ୟ ପୁରାଣରେ ସଙ୍ଗମର ପ୍ରୟାଗରାଜକୁ ସଙ୍ଗମର ତୀର୍ଥରାଜ ଭାବେ ବର୍ଣ୍ଣନା କରାଯାଇଛି । ଚୀନର ପରିବ୍ରାଜକ ହୁଏନସାଂ ସପ୍ତମ ଶତାବ୍ଦୀରେ ପ୍ରୟାଗରାଜର ଏହି ଭବ୍ୟ ଆୟୋଜନ ସମ୍ପର୍କରେ ଉଲ୍ଲେଖ ରଖିଛନ୍ତି । ସେହିପରି ପ୍ରାଚୀନ ଶିଳାଲେଖାର ପ୍ରାମାଣିକ ତଥ୍ୟ ମଧ୍ୟ ସୂଚୀତ କରେ ଯେ ଗୁପ୍ତଯୁଗ ଓ ମୌର୍ଯ୍ୟଙ୍କ ସମୟରେ ମଧ୍ୟ ଏହି ପବିତ୍ର କୁମ୍ଭମେଳାର ଅସ୍ତିତ୍ୱ ରହିଥିଲା । ମୋଗଲ ସମ୍ରାଟ ଆକବର ପ୍ରୟାଗରାଜର କୁମ୍ଭମେଳାର ପବିତ୍ରତାକୁ ସ୍ୱୀକୃତି ଓ ମାନ୍ୟତା ଦେଇଥିଲେ । ଏହାର ଐତିହାସିକ ତଥ୍ୟ ଅବୁଲ ଫଜଲଙ୍କ ପୁସ୍ତକ 'ଆଇନ–ଏ–ଆକବରୀ'ରେ ଉଲ୍ଲେଖ ରହିଛି । ୧୮୫୮ରେ ଇଂରେଜ ସରକାର ଏହାକୁ ସ୍ୱୀକୃତି ଦେଇଥିଲେ କିନ୍ତୁ ୧୯୪୭ରେ ଭାରତ ସ୍ୱାଧୀନ ହେବା ପରେ ୧୯୫୪ ମସିହାର କୁମ୍ଭମେଳା ବିଶେଷ ଭାବେ ଆରମ୍ଭ ହୋଇଥିଲା । ୨୦୧୭ରେ ୟୁନେସ୍କୋ ଏହି କୁମ୍ଭମେଳାକୁ ମାନବତାର ଅନନ୍ୟ ସାଂସ୍କୃତିକ ଐତିହ୍ୟ ଭାବେ ମାନ୍ୟତା ପ୍ରଦାନ କରିଥିଲା । ବିଶ୍ୱାସ, ଆସ୍ଥା, ପରମ୍ପରା ଓ ଅପୂର୍ବ ଭକ୍ତି ସମର୍ପଣର ଏହି ମହାକୁମ୍ଭ ମେଳା ଭିତରେ ଛଅଟି ସ୍ମରଣୀୟ ଓ ଅପୂର୍ବ ପବିତ୍ର ସ୍ନାନ ଦିବସ ରହିଛି । ପୌଷ ପୂର୍ଣ୍ଣିମା ଜାନୁଆରୀ ୧୩ରୁ ପ୍ରଥମ ସ୍ନାନ ଅନୁଷ୍ଠିତ ହେଇଥିବାବେଳେ ମକର ସଂକ୍ରାନ୍ତିରେ ପ୍ରଥମ ଶାହୀ ସ୍ନାନ, ଜାନୁଆରୀ ୨୯ରେ ମୌନୀ ଅମାବାସ୍ୟା, ଫେବୃଆରୀ ୨ ବସନ୍ତ ପଞ୍ଚମୀରେ ଶେଷ ଶାହୀ ସ୍ନାନ ଅନୁଷ୍ଠିତ ହେବାର ନିରୂପିତ ହୋଇଥିବାବେଳେ ଫେବୃଆରୀ ୧୨ରେ ମାଘ ପୂର୍ଣ୍ଣିମା ଓ ଫେବୃଆରୀ ୨୬ରେ ମହାଶିବରାତ୍ରି ଅବସରରେ ଶେଷ ସ୍ନାନ ଉତ୍ସବ ସହ ମହାକୁମ୍ଭ ମେଳା ଉଦ୍‌ଯାପିତ ହେବ । ଅନ୍ୟୁନ ୪ହଜାର ହେକ୍ଟରରେ ପରିବ୍ୟାପ୍ତ ଏହି ମହାକୁମ୍ଭ ସ୍ଥଳରେ ସ୍ନାନ ଲାଗି ୧୨ କିଲୋମିଟର ବ୍ୟାପୀ ଘାଟ ନିର୍ମାଣର ବ୍ୟବସ୍ଥା ରହିଛି ଏବଂ ସୂଚନା ପ୍ରଯୁକ୍ତିର ସମସ୍ତ ଉପାଦେୟ ସୁରକ୍ଷା ଓ ସହାୟତା ବ୍ୟବସ୍ଥା ତଥା ନାଭିଗେସନ ମ୍ୟାପ ଡିଭାଇସ ବ୍ୟବସ୍ଥା ରହିଛି । ଉତ୍ତର ପ୍ରଦେଶ ସରକାର କେନ୍ଦ୍ର ସରକାରଙ୍କ ସହଯୋଗରେ ସାତ ଥାକିଆ ସୁରକ୍ଷା ବ୍ୟବସ୍ଥା ମଧ୍ୟ କରିଛନ୍ତି ।

ଆସ୍ଥା ବିଶ୍ୱାସର ଏହି କୁମ୍ଭମେଳାର ମହତ୍ତ୍ୱ ଓ ଚେତନା ବିଭିନ୍ନ ରହିଥିଲେ ମଧ୍ୟ ଚାରି ପ୍ରକାର କୁମ୍ଭମେଳା ଅନୁଷ୍ଠିତ ହୋଇଥାଏ । ପ୍ରୟାଗରାଜରେ ସଂପ୍ରତି ଆୟୋଜିତ ମହାକୁମ୍ଭମେଳା ପ୍ରତି ୧୪୪ ବର୍ଷରେ ଥରେ ଅନୁଷ୍ଠିତ ହେଉଥିବାବେଳେ ପ୍ରତି ବାର ବର୍ଷରେ ଥରେ ପୂର୍ଣ୍ଣ କୁମ୍ଭମେଳା ଓ ପ୍ରତି ଛଅ ବର୍ଷରେ ଥରେ ଅର୍ଦ୍ଧ କୁମ୍ଭମେଳା ଓ ପ୍ରତି ବର୍ଷ ମାଘ ମେଳା ଅନୁଷ୍ଠିତ ହୋଇଥାଏ । ତେବେ ମହାକୁମ୍ଭ ମେଳାର ସ୍ୱତନ୍ତ୍ରତା ହେଉଛି ଏହା ଅତି ବିରଳ ଭାବେ ୧୪୪ ବର୍ଷରେ ଥରେ ଅନୁଷ୍ଠିତ ହେଉଥିବାରୁ ପ୍ରାୟତଃ ଆମ ଜୀବନ ଧାରଣର ନିରୂପିତ ସମୟ ସତୁରୀରୁ ଅଶୀ ବର୍ଷ ଭିତରେ ରହୁଥିବାରୁ ଏହା ଜଣଙ୍କ ପାଇଁ ଆସନ୍ତା ମହାକୁମ୍ଭ ଏକ ପ୍ରକାର ଅସମ୍ଭବ ହୋଇପାରେ । ତେଣୁ ଚଳିତ ମହାକୁମ୍ଭରେ ଯୋଗଦାନ କରି ପବିତ୍ର ପାବନ ଧାମରେ ନିଜକୁ ଆଧ୍ୟାତ୍ମିକ ଚେତନାରେ ବିଛୁରିତ କରିବା ପାଇଁ ଭାରତର ସମସ୍ତ ରାଜ୍ୟ ଓ ପୃଥିବୀର କୋଣ ଅନୁକୋଣରୁ ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନେ ଏଠାକୁ ଆଗମନ କରୁଛନ୍ତି । ସେହିପରି ଏହି ମହାକୁମ୍ଭରେ ସ୍ୱତନ୍ତ୍ର ଓ ପ୍ରମୁଖ ଆକର୍ଷଣ ହେଉଛି ପ୍ରୟାଗରାଜର ସଙ୍ଗମ ତଟରେ ରହିଥିବା ପବିତ୍ର ଅକ୍ଷୟବଟ । ପାଖାପାଖି ପାଞ୍ଚ ହଜାର ବର୍ଷର ପୁରୁଣା ଏହି ଅକ୍ଷୟ ବଟ ରାମାୟଣ ସହ ଜଡ଼ିତ ବୋଲି କୁହାଯାଏ । ହିନ୍ଦୁ ଆସ୍ଥା ଓ ବିଶ୍ୱାସ ରହିଛି ଯେ ମହାକୁମ୍ଭ ସମୟରେ ଅକ୍ଷୟ ବଟର ଦର୍ଶନ ମାତ୍ରେ ମଣିଷର ସମସ୍ତ ପାପନାଶ ହୁଏ । ସେ ଜୀବନ ଚକ୍ରର ବନ୍ଧନରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇଯାଏ । ସେହିପରି ମହାଭାରତ ଓ ଅନ୍ୟ ପୁରାଣରେ ଉଲ୍ଲେଖ ରହିଛି ଯେ ଋଷି ମୁନୀଙ୍କ ପବିତ୍ର ତପସ୍ଥଳୀ ଏହି ଅକ୍ଷୟ ବଟ ତଳେ ମହାନ ଋଷି ମାର୍କଣ୍ଡେୟ ତାଙ୍କ ତପସ୍ୟା ସାଧନ କରିଥିଲେ । ସେହିପରି ଜୈନ ଧର୍ମାବଲମ୍ବୀ ବିଶ୍ୱାସ ରଖନ୍ତି ଯେ ତୀର୍ଥଙ୍କର ଋଷଭଦେବ ଅକ୍ଷୟ ବଟ ତଳେ ତପସ୍ୟା କରିଥିଲେ । ବହୁ ଆହ୍ୱାନ ଭିତରେ ଏହା କୋଟି କୋଟି ଶ୍ରଦ୍ଧାଳୁଙ୍କ ଭିତରେ ଭକ୍ତି, ଶ୍ରଦ୍ଧା, ସେବା, ଭଲପାଇବା, ଭାଇଚାରା ଓ ଏକତାର ଦୃଢ଼ୀଭୂତ ତଥା ଉଜ୍ଜୀବିତ ଭାବନାକୁ ଜାଗରିତ କରୁଛି । ମହାକୁମ୍ଭ ଭାରତର ଶତାବ୍ଦୀ ପ୍ରାଚୀନ ପରମ୍ପରାର ପ୍ରତୀକ, ଯାହା ଆମକୁ ବିଶ୍ୱାସର ଶକ୍ତି, ସାଂସ୍କୃତିକ ସଂରକ୍ଷଣ, ମାନବତାର ମନ୍ତ୍ର ଶିକ୍ଷା ଦେଇଛି ଏବଂ ବିଶ୍ୱାସର ଏହି ମହାକୁମ୍ଭ ମେଳା ଆମ ପ୍ରାଚୀନତମ ପ୍ରତିଟି ମଣିଷର ଜୀବନ ରେଖା କୁହାଯାଉଥିବା ନଦୀମାନଙ୍କ ସହ ଏକ ଭାବପୂର୍ଣ୍ଣ ସମ୍ପର୍କ ରଖିଛି । ଗଙ୍ଗାନଦୀ ହରିଦ୍ୱାରରୁ ଭୂଖଣ୍ଡକୁ ପ୍ରବାହିତ ହେଉଛି । ଏଠାରେ ଗଙ୍ଗାକୁ ଅମୃତ ବୋଲି ବିଶ୍ୱାସ କରାଯାଏ । ଆଉ ପ୍ରୟାଗରାଜ ହେଉଛି ଗଙ୍ଗା, ଯମୁନା ଓ ସରସ୍ୱତୀର ଦିବ୍ୟ ସଙ୍ଗମ ସ୍ଥଳ ଯାହାପାଇଁ ଏହି ଜଳକୁ ମହା ଅମୃତ କୁହାଯାଇଥାଏ ।

ନାସିକରେ ଗୋଦାବରୀ ନଦୀ ଦକ୍ଷିଣର ଗଙ୍ଗା ଭାବେ ପରିଚିତ । ଉଭୟ ଅରୁଣା ଓ ବରୁଣା ସହ ଗୋଦାବରୀର ସଙ୍ଗମ ହୋଇଛି । ଉଜ୍ଜୟିନୀରେ ସିପ୍ରା ନଦୀ ଉତ୍ତର ଦିଗାଭିମୁଖୀ ହୋଇ ଆଗେଇ ଥିବାବେଳେ ବାରଣାସୀର ଗଙ୍ଗା ଉତ୍ତର ଦିଗକୁ ପ୍ରବାହିତ ହୋଇଛି । ଏହି ମହାକୁମ୍ଭ ବିକାଶର ଗାଥା ଓ ଜୀବନ ଚେତନାର ଯେଉଁ ଆଲୋକ ଦେଖାଏ, ତାହା ଅକଳ୍ପନୀୟ । ବିଶ୍ୱର ସବୁଠୁ ବଡ଼ ଧାର୍ମିକ ମେଳାର ମର୍ଯ୍ୟାଦା ପାଇଥିବା ଏହି ଅପୂର୍ବ ମହାକୁମ୍ଭର ଚେତନା ଆମ ଆସ୍ଥା, ଆମ ଭକ୍ତି, ଆମ ବିଶ୍ୱାସକୁ ଦୃଢ଼ୀଭୂତ କରି ସନାତନାର ଅମୃତ ଧାରାକୁ ଚିରନ୍ତନ ଭାବେ ଉଜ୍ଜୀବିତ କରି ଜୀବନକୁ ସତ୍‌କର୍ମ ଓ ଦିବ୍ୟକର୍ମରେ ନିୟୋଜିତ ପାଇଁ ଆଲୋକ ଦେଖାଇବ ନିଶ୍ଚୟ ।

**ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ**

## ଜୀବନର ଆଲୋକ

**ଦମୟନ୍ତୀ ନାୟକ**

ଜୀବନରେ ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜର ଆତ୍ମନିରୀକ୍ଷଣ କରି ନିଜେ ନିଜର ଆଲୋକ ଶିଖା ହେବା ଓ ଦ୍ୱିପଜ୍ୟୋତି ହେବା ଆବଶ୍ୟକ । ମନୁଷ୍ୟର ସବୁଠାରୁ ଶ୍ରେଷ୍ଠ ଜିନିଷ ହେଉଛି ତା'ର ମନ । ତେଣୁ ତା'ର ସେହି ମନଟି ଶୁଦ୍ଧ ସକରାତ୍ମକ ହେବା ଦରକାର । ତା'ର ମନ ଓ କର୍ମ ସବୁବେଳେ ଯଦି ସକାରାତ୍ମକ ଚିନ୍ତନ କରେ, ତେବେ ସେହି ସକାରାତ୍ମକ ମନ ଦ୍ୱାରା ମନୁଷ୍ୟ ନିଶ୍ଚୟ ତାର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବ । ଈଶ୍ୱରଙ୍କ ଆଶୀର୍ବାଦରୁ ମନୁଷ୍ୟ ଏ ଧରାପୃଷ୍ଠକୁ ଆସିଛି ଓ ପିତାମାତାଙ୍କ ଆଶୀର୍ବାଦରୁ ଏ ମନୁଷ୍ୟ ଜୀବନକୁ ପ୍ରାପ୍ତ ହୋଇଛି । କିନ୍ତୁ ସେ କେଉଁଠାରୁ ଆସିଲା ଓ କେଉଁଠାକୁ ଚାଲିଯିବ, ସେ ବିଷୟରେ ସେ ପୁରା ଅଜ୍ଞ । ତାକୁ କିଛି ଜଣା ନାହିଁ । ସେ ଜୀବନରେ ଯେତେ ଚେଷ୍ଟା କଲେ ମଧ୍ୟ ସେ ନିଜ ଇଚ୍ଛାରେ ଏ ଦୁନିଆକୁ ବା ପୃଥିବୀପୃଷ୍ଠକୁ ଆସିପାରିବ ନାହିଁ । କିନ୍ତୁ ଏହା ନିଃସନ୍ଦେହ ଯେ ନିଜକୁ ନିଜେ ଆତ୍ମନିରୀକ୍ଷଣ କରିବା ଦ୍ୱାରା ମନୁଷ୍ୟ ଈଶ୍ୱରଙ୍କ ଠାରେ ଅନନ୍ୟ ଏବଂ ନିଷ୍କାମ (ଭକ୍ତି) ଜାଗରଣ କରିପାରିବ । ନିଷ୍କାମ (ଭକ୍ତି) ହିଁ ଶୁଦ୍ଧ (ଭକ୍ତିର) ଲକ୍ଷଣ । ତୁମେ ଯଦି ଜୀବନରେ କାହାକୁ ଭଲପାଇବ ତ ତା'ହେଲେ ବିଶ୍ୱକର୍ତ୍ତା ପରମେଶ୍ୱରଙ୍କୁ ଭଲପାଅ । ତାଙ୍କୁ ହିଁ ତୁମର ଅନ୍ତରର ଆତ୍ମାଟିକୁ ସମର୍ପଣ କରିଦିଅ । କାରଣ ତେଣୁ ଏ ଇହଧାମରେ ଯେତଦିନ ବଞ୍ଚିବ, ସବୁବେଳେ ଓ ସବୁସମୟରେ ତୁମର ସବୁ କର୍ମଗୁଡିକୁ ଠାକୁରଙ୍କ କର୍ମ ଭାବି ସମ୍ପାଦନ କରିବା ଉଚିତ ।

ସବୁ ସମୟରେ ଖୁସିରେ ରହି–ପରମପିତାଙ୍କୁ ଭଲପାଇବା । ସେଥିରେ ଟିକିଏ ଊଣା କରିବା ନାହିଁ । ମଣିଷ ତା'ର ଜୀବନ କାଳ ମଧ୍ୟରେ ଏ ସଂସାର ମଧ୍ୟରେ ଯାହାକୁ ଯାହାକୁ ଭଲପାଇବ, ସେମାନେ ତା'ର ପରିବାର ବା ବନ୍ଧୁବାନ୍ଧବ ହୁଅନ୍ତୁ, ସେମାନେ ଯଦି ତା'ର କେଉଁ କାରଣରୁ ଭଲପାଇବା ଟିକିଏ କମିଯାଏ, ତାହାକୁ ସମସ୍ତେ ଅଣଦେଖା କରନ୍ତି । ତା'ର ସ୍ନେହ ମମତାର କିଛି ବି ମୂଲ୍ୟ ନଥାଏ । କିନ୍ତୁ ମନୁଷ୍ୟ ଯଦି ପରମପିତାଙ୍କୁ ନିଜର ହୃଦୟ ଦେଇ ଭଲପାଇବ, ସେ ତାକୁ ଏତେ ଭଲପାଇବେ ଯେ ତାହାର ମୂଲ୍ୟକୁ କେହି ମାପି ପାରିବେ ନାହିଁ । ସେ ଆମକୁ କୋଳେଇ ନେବେ ଓ ଆମକୁ ସେ ତାଙ୍କର ଶ୍ରୀଚରଣ ତଳେ ଆଶ୍ରୟ ଦେବେ ଓ ଜନ୍ମଜନ୍ମାନ୍ତର ପାପରୁ ସେ ଆମକୁ ଉଦ୍ଧାର କରିଦେବେ । ଈଶ୍ୱର ସଦା ସର୍ବଦା ଆମର ଚଲାପଥରେ ସାହାହେବେ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଈଶ୍ୱରଙ୍କୁ ପାଇବା କେବଳ ମନୁଷ୍ୟ ଜୀବନରେ ଏକ ହିଁ ମାଧ୍ୟମ । ଈଶ୍ୱର ହେଉଁଛନ୍ତି ଆମର ପିତା ଓ ମାତା । ସେ ଆମକୁ ଜନ୍ମ ଦେଇଛନ୍ତି ସେ ଆମକୁ କାହିଁକି ଦେଖା ଦେବେନାହିଁ ? ନିଶ୍ଚୟ ଦେଖା ଦେବେ । ଯେଉଁ ଠାକୁରେ ଧ୍ରୁବ, ପ୍ରହଲ୍ଲାଦ ଓ ମୀରାବାଈଙ୍କୁ ଦେଖା ଦେଲେ ଓ ବନ୍ଧୁ ମହାନ୍ତିଙ୍କୁ ନିଜ ହାତରେ ସୁବର୍ଣ୍ଣ ଥାଳିରେ ଖାଇବାକୁ ଦେଲେ, ଏଇ ପୁରୁଷୋତ୍ତମ ମାଟିରେ ଓ ଏଇ ଓଡ଼ିଶାର ମାଟିରେ ଓ ତାଙ୍କର ଦୁଃଖକୁ ଦୂର କରି ପାରିଲେ– ଆମେ ତାଙ୍କୁ କାହିଁକି ଦେଖି ପାରିବା ନାହିଁ ? କିନ୍ତୁ ତାଙ୍କୁ ଦେଖିବାକୁ ହେଲେ ଆମକୁ ସେହିପରି ଧ୍ରୁବ, ପ୍ରହଲ୍ଲାଦ, ବନ୍ଧୁ ମହାନ୍ତି ଓ ଦାସିଆ ବାଉରୀ ପରି ହେବାକୁ ପଡିବ । ଈଶ୍ୱର ଆମକୁ ପ୍ରତି ମୁହୂର୍ତ୍ତରେ ସବୁ ସମୟରେ ରକ୍ଷା କରୁଛନ୍ତି । ସେ ଆମକୁ ରକ୍ଷା କରୁଛନ୍ତି ବୋଲି ତ ଆମେ ବଞ୍ଚିଛୁ ବା ଜୀବିତ ଅଛୁ । କିନ୍ତୁ ମନୁଷ୍ୟ ତାହାଙ୍କୁ ଅନୁଭବ କରିପାରୁନାହିଁ । ପରମାତ୍ମା ମନୁଷ୍ୟ ସାଥୀରେ ସବୁବେଳେ ଅଛନ୍ତି ଓ ଆଗରୁ ଥିଲେ ଓ ତା' ସହିତ ଆଗକୁ ମଧ୍ୟ ରହିଥିବେ ମଧ୍ୟ । କିନ୍ତୁ ଏ ସଂସାରରେ ମନୁଷ୍ୟ ମାୟା ମରୀଚିକା ପଛରେ ଗୋଡାଉଛି ଓ ଭାବୁଛି ଯାହା ହେଉଛି ମୁଁ ସବୁ କରୁଛି କିନ୍ତୁ ସବୁ ସେହି ସୃଷ୍ଟିକର୍ତ୍ତା ହିଁ କରୁଛନ୍ତି । ମନୁଷ୍ୟ ହେଉଛି ନିମିତ୍ତ ମାତ୍ର । ଜୀବନରେ ମନୁଷ୍ୟ ଭାବେ– ମୁଁ ଯାହା କରୁଛି ଓ ଯେଉଁ କର୍ମଗୁଡିକ କରୁଛି–ତାକୁ କେହି ଦେଖିପାରୁନାହାନ୍ତି ବା ଜାଣିପାରୁନାହାନ୍ତି । କିନ୍ତୁ ମନୁଷ୍ୟର ଅନ୍ତର ଆଢୁଆଳରେ ପରମେଶ୍ୱର ପରମପିତା ସବୁ ଦେଖୁଛନ୍ତି । ଆମର ଦୈନନ୍ଦିନର ଭଲ କର୍ମ ଓ ମନ୍ଦ କର୍ମକୁ ଦୃଷ୍ଟି ଦେଇଛନ୍ତି ଓ ସେହି କର୍ମର ଫଳକୁ ଆମକୁ ଦେଇଥାଆନ୍ତି ଓ ସେହି କର୍ମଫଳକୁ ମନୁଷ୍ୟକୁ ଭୋଗ କରିବାକୁ ପଡେ । ମନୁଷ୍ୟ ଯଦି ଭାବୁଥାନ୍ତା ଯେ ତା'ର ଉପରେ ଜଣେ କେହି ଅଦୃଶ୍ୟ ଶକ୍ତି ଅଛି, ତା'ହେଲେ ଏ ସଂସାରରେ ଏତେ ଅନ୍ୟାୟ ଅତ୍ୟାଚାର ବ୍ୟଭିଚାର କରିବାକୁ ଆଗଭର ହୋଇନଥାନ୍ତା ।

ମନୁଷ୍ୟର ସୃଷ୍ଟି କେବଳ ପରମାତ୍ମାଙ୍କର ସାନିଧ ପାଇବା ପାଇଁ କିନ୍ତୁ ପରମାତ୍ମାଙ୍କୁ ପାଇପାରିବା ଏତେ ସହଜ ନୁହେଁ । ମନୁଷ୍ୟକୁ ଯେପରି ଧନ ରୋଜଗାର କରିବା ପାଇଁ କଠିନ ପରିଶ୍ରମ କରିବାକୁ ପଡେ– ସେହିପରି ପରମାତ୍ମାଙ୍କୁ ପାଇବାକୁ ହେଲେ ଆମକୁ ପରିଶ୍ରମ କରିବାକୁ ପଡିବ । ବିନା ପରିଶ୍ରମରେ ଠାକୁରଙ୍କୁ ପାଇବା ଏତେ ସହଜ ନୁହେଁ ବରଂ କଷ୍ଟସାଧ୍ୟ । ମନୁଷ୍ୟ ଶୁଦ୍ଧ ସାଧନା ଓ ଭାବନା ଦ୍ୱାରା ଚିତ୍ତ ଶୁଦ୍ଧ ହୁଏ । ବିଶୁଦ୍ଧତା ଆସିଲେ ହିଁ ପ୍ରେମର ଆର୍ବିଭାବ ଘଟେ । ଭକ୍ତି ହିଁ ସାଧକକୁ ପରମାତ୍ମାଙ୍କ ନିକଟକୁ ନେଇଯାଏ ଓ ସେହି ଭକ୍ତି ଦ୍ୱାରା ପରମାତ୍ମା ବଶୀଭୂତ ହୁଅନ୍ତି । ଭକ୍ତ ପାଇଁ ପ୍ରେମ ଅନିବାର୍ଯ୍ୟ । ମନୁଷ୍ୟର ଈଶ୍ୱରଙ୍କ ପାଇଁ ପ୍ରେମ ନ ଆସିଲେ ଭକ୍ତି ଆସିବ ନାହିଁ । ମନୁଷ୍ୟର ପରମାତ୍ମାଙ୍କ ସହିତ ଅନ୍ତରଙ୍ଗ ସମ୍ବନ୍ଧ ସ୍ଥାପିତ ହୋଇଗଲେ, ତା'ର ଜନ୍ମ ଜନ୍ମାନ୍ତର ସେହି ସମ୍ବନ୍ଧ ହିଁ ପଥ ଦେଖାଏ । କୌଣସି ଅବସ୍ଥାରେ ପରମାତ୍ମା ତାଙ୍କର ଭକ୍ତକୁ ପରିତ୍ୟାଗ କରନ୍ତି ନାହିଁ । ଏ ସୃଷ୍ଟିରେ ଈଶ୍ୱରଙ୍କର ଭକ୍ତର କେବେ ବି ବିଘ୍ନ ଘଟେ ନାହିଁ । ଜୀବନରେ ପ୍ରକୃତ ସତ୍ୟ ହେଲା ମନୁଷ୍ୟ ଏକୁଟିଆ ହୋଇ ଜନ୍ମ ହୁଏ– ଏକୁଟିଆ ହୋଇ ନର୍କକୁ ଯାଏ ବା ଏକୁଟିଆ ହୋଇ ସ୍ୱର୍ଗରେ ପରମପଦ ପ୍ରାପ୍ତ ହୁଏ । ଅର୍ଥାତ୍– ସବୁଥିରେ ତା'ର କେହି ସହାୟକ ନ ଥାନ୍ତି । ଜୀବନରେ ମୋକ୍ଷ ପାଇଁ ନିଜେ ଚେଷ୍ଟା କରିବାକୁ ପଡିବ । ଜୀବନ ହେଉଛି କ୍ଷଣଭଙ୍ଗୁର । ଜୀବନରେ ସବୁବେଳେ ନିଜ ପାଇଁ ନିଜେ ନିଜର ଆଲୋକ ହେବା ଜରୁରୀ । ଦୀପଶିଖା ହୋଇ ଜୀବନର ସଦ୍‌ଗତି ପାଇଁ ମନୁଷ୍ୟ ରାମ ରତନ ଧନକୁ ସବୁବେଳେ ଧ୍ୟାନ କରିବା ଉଚିତ । ରାମ ନାମକ ଧନ ଜୀବନରେ ସବୁ କଳୁଷିତ ନଷ୍ଟ କରିଦେବ । ପ୍ରଭୁ ଶ୍ରୀରାମ ସମସ୍ତଙ୍କ ଜୀବନରେ ଆଲୋକ ପ୍ରଦାନ କରି ସତ୍‌ପଥରେ କଢେଇ ନିଅନ୍ତି ।

**ପ୍ଲଟ–୧୮୩୯/୪୫୫୫**
**ମହାଦେବ ନଗର, ଝାରପଡା**
**ଭୁବନେଶ୍ୱର, ମୋ–୯୩୩୮୭୦୪୫୧୩**

## ସମ୍ମାନରୁ ସଂସ୍କାର

ସଂସ୍କାର, ଯାହା ଜଣେ ଘରୁ ଶିକ୍ଷା ପାଇଥାଏ । କୁହାଯାଇଥାଏ ଗୋଟେ ପିଲାକୁ ଦେଖିଲେ ଜାଣିହୁଏ ତା' ବାପାମାଆ କେମିତି ହୋଇଥିବେ କାରଣ ବାପାମାଆ ଯାହା ସଂସ୍କାର ଦେଇଥିବେ ପିଲାମାନେ କେବଳ ବାହାରେ ସେଇ ପ୍ରକାର ଅନ୍ୟମାନଙ୍କ ସହ ବ୍ୟବହାର କରିଥାନ୍ତି । ଛୋଟବେଳୁ ବାପା ମାଆଙ୍କ ଛତ୍ରଛାୟା ତଳେ ରହି ପିଲାଟି ମଣିଷ ହୁଏ । କିନ୍ତୁ ଦୁଃଖର ବିଷୟ ସେଇ ପିଲା ଯେତେବେଳେ ବଡ଼ ହୁଏ, ଯେତେବେଳେ ବାପାମାଆ ପିଲାର ଯେତେବେଳେ ଆବଶ୍ୟକତା କରନ୍ତି, ପିଲାଟି ବିଭିନ୍ନ ପ୍ରକାର ବାହାନା ଦେଖାନ୍ତି । ଯଦି ଗୋଟେ ପିଲା ପ୍ରକୃତ ମନରେ ବାପା ମାଆଙ୍କ ସେବା କରିବ, ତେବେ ତାକୁ କୌଣସି ମନ୍ଦିର ଯିବା ଦରକାର ହୁଏନି । ଗୋଟିଏ ଗାଁ ରେ ବାପାମାଆ, ଆଉ ପୁଅ ରହୁଥିଲେ । ପିଲାଟି ପଢା ସରିଲା ସେ ସହରରେ ଚାକିରି ପାଇଲା । ପୁଅ ଚାହିଁଲା ବାପା ମାଆଙ୍କୁ ସହରକୁ ନେଇ ଆସିବାକୁ କିନ୍ତୁ ବାପାମାଆ ରାଜି ହେଲେ ନାହିଁ । ତେଣୁ ବାପାମାଆ ଗାଁରେ ରହୁଥିଲେ ଆଉ ପୁଅ ସହରରେ ଚାକିରି କରୁଥିଲା । ଦିନେ ପୁଅର ବହୁତ ଅନୁରୋଧ ପରେ ବାପା ମାଆସହରକୁ ବୁଲିବାକୁ ଆସିଲେ । ପୁଅର ଖୁସରେ ସାରା ଦିନ ସହରର ସବୁ ଜାଗା ବାପାମାଆଙ୍କୁ ବୁଲେଇକି ଗୋଟେ ଦାମୀ ହୋଟେଲକୁ ନେଇକି ଗଲା ଖାଇବାକୁ । କିନ୍ତୁ ବୁଢା ବାପାମାଆଙ୍କ ପାଇଁ ଏମିତି ହୋଟେଲ ଆସିବା ଥିଲା ପ୍ରଥମ ଅନୁଭୂତି । ପୁଅ ସ୍ୱାଭାବିକ ଭାବରେ ସବୁ ଜିନିଷ କରୁଥାନ୍ତି ଯେପରି ବାପାମାଆଙ୍କୁ କୌଣସି ଜିନିଷ ଖରାପ ନ ଲାଗିବ । ବାପାମାଆ ଯେତେବେଳେ ଖାଇଲେ ତାଙ୍କ ଉପରେ ଖାଇବା ପଡ଼ିଗଲା । ପାଖ ଟେବୁଲରେ ବସିଥିବା ଅନ୍ୟଲୋକମାନେ ଅଳ୍ପ ଅଳ୍ପ ହସୁଥାନ୍ତି । ପୁଅଟି ନିଜ ଖାଇବା ପାଖରୁ ଉଠିକି ବାପାମାଆଙ୍କୁ ଆଗେ ଖୁଆଇଲା ତା' ପରେ ନିଜେ ବସିକି ଖାଇଲା । ପୁଅ ଯେତେବେଳେ ପଇସା ଦେଇକି ବାହାରକୁ ବାହାରିଲାବେଳେ ଜଣେ ମଉସା ପଛରୁ ଡାକିଲେ ପୁଅ, ତମେ ଏଇଠି ଦୁଇଟା ଭଲ ଜିନିଷ ଛାଡ଼ିକି ଗଲ । ପୁଅ ପଚାରିଲା କଣ ? ମଉସା କହିଲେ ଗୋଟିଏ ଆମ ପରି ବୟସ୍କ ଲୋକଙ୍କ ପାଇଁ ଆଶା ଦେଇକି ଗଲ ଯେ ଏମିତି ପିଲା ଅଛନ୍ତି ଆଉ ସବୁ ପିଲାଙ୍କୁ ଏହା ଶିକ୍ଷା ପାଇବେ ସବୁ ପିଲା ବାପାମାଆଙ୍କ ସେବା କରିବା ଉଚିତ ।

**ରବିନାରାୟଣ ପଟ୍ଟନାୟକ**
**ପଟିଆ, ଭୁବନେଶ୍ୱର**
**ମୋ–୯୯୩୮୧୧୩୨୨୬**


ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର,
ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ
ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଉଦ୍‌ଘାଟନ...

ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମ ସ୍ଥଳ ଓ ତାଙ୍କର ଯିବା ଆସିବା ପଥରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

ଦୁଇଦିନ ଧରି ଚାଲିବାକୁ ଥିବା ଏହି କନକ୍ଲେଭରେ ମୋଟ ୧୫ଟି ସ୍ୱତନ୍ତ୍ର ଅଧିବେଶନ ହେବ । ପ୍ରଥମ ଦିନରେ ୫ଟି ଓ ଦ୍ୱିତୀୟ ଦିନରେ ୧୦ଟି ଅଧିବେଶନ ଅନୁଷ୍ଠିତ ହେବ । ଉତ୍କର୍ଷ ଓଡ଼ିଶା କନକ୍ଲେଭର ଉଦଯାପନୀ ସମାରୋହରେ ପ୍ରତ୍ୟେକ ଜିଲ୍ଲାରୁ ୨ଜଣ ଲେଖାଏଁ ଯୁବ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୁବ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି ।

ଏହି କାର୍ଯ୍ୟକ୍ରମରେ ସୁରକ୍ଷା ପାଇଁ ପ୍ରାୟ ୬୦ ପ୍ଲାଟୁନ୍ ପୋଲିସ ଫୋର୍ସ ଏବଂ ବିଭିନ୍ନ ପଦବୀର ୪୦୦ରୁ ଅଧିକ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଭିଭିଆଇପି, ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଶିଳ୍ପପତିଙ୍କ ସମେତ ବହୁ ସାଧାରଣ ଲୋକ ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ପାଇଁ ଜନତା ମେଦାନରେ ଏକାଠି ହେବେ । ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ଆସନ୍ତା ତିନି ଦିନ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିଛି । ବ୍ଲୁ ବୁକରେ ଦର୍ଶାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

## ଓଡ଼ିଶା...

ଗ୍ରହଣ କରିଛୁ । ନିଜ ବଜେଟ୍‌ରେ ଆମେ ମଧ୍ୟ ଭିତ୍ତିଭୂମି ପ୍ରକଳ୍ପ ଲାଗି ଆଖିଦୃଶିଆ ସମ୍ବଳ ବରାଦ କରିଛୁ । ଆମର ଲକ୍ଷ୍ୟ ଓ ମିଶନ ହେଉଛି ପୁଞ୍ଜି ନିବେଶରେ ଓଡ଼ିଶା କେବଳ ସ୍ଥାନ ପାଇବା ନୁହେଁ ବରଂ ବିକାଶର ଯାତ୍ରାରେ ଅଂଶୀଦାର ହେବା । ଆମର ମୁଖ୍ୟ ଏଜେଣ୍ଡା ହେଉଛି ଗୁଣାତ୍ମକ ନିଯୁକ୍ତି ସୃଷ୍ଟି କରିବା ଓ ଉତ୍ତମ ମାନର ନିଯୁକ୍ତି ପ୍ରଦାନ କରିବା । ଆମେ ଆମର ଲକ୍ଷ୍ୟକୁ ବୈଷୟିକ ଜ୍ଞାନ କୌଶଳ ଜରିଆରେ ଅଧିକ ତ୍ୱରାନ୍ୱିତ କରିଛୁ । ସିଆଇଆଇକୁ ମୁଁ ମଧ୍ୟ ଗଭୀର କୃତଜ୍ଞତା ଜଣାଉଛି । ସେମାନେ ଏହି କାର୍ଯ୍ୟକ୍ରମର ସହଭାଗିତା ହୋଇ ସରକାରଙ୍କ ସହ ମିଶି ଏହାକୁ ସଫଳ କରିଛନ୍ତି । ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେଉଛି, ଓଡ଼ିଶା ପ୍ରତି ତାଙ୍କର ଏହି ଅସିମୀତ ଭଲପାଇବା ଏବଂ ଓଡ଼ିଶା ପ୍ରତି ଫୋକସ ଲାଗି ଏହି କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସିଆଇଆଇ ସଭାପତି ଏବଂ ଆଇଟିସି ସିଏମ୍‌ଡି ସଞ୍ଜୀବ ପୁରୀ, ସିଆଇଆଇ ମହାନିର୍ଦ୍ଦେଶକ ଚନ୍ଦ୍ରଜିତ୍ ବାନାର୍ଜୀ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ୨ କୋଟି...

ଅହମଦ ଖାନ(୫୬), ଗୋବିନ୍ଦପୁରର ବ୍ରହ୍ମାନନ୍ଦ ପତ୍ର (୪୫) ଦିଲ୍ଲୀର ରବୀନ୍ଦ୍ର କୁମାର(୪୯)। ପୋଲିସ ଘଟଣା ସ୍ଥଳକୁ ସିଲ କରି ଅଧିକ ଯାଞ୍ଚ ଚଳାଇଛି। ଉକ୍ତ ପରିତ୍ୟକ୍ତ ଘର ନିକଟରେ ଥିବା ତିନୋଟି ବିଷଧର ସାପ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରାଯାଇଛି ବୋଲି ବ୍ରହ୍ମପୁର ଏସପି ଡା.ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ସେହିପରି ସେଠାରେ ଥିବା ଏକ ଫାର୍ମ ହାଉସ ପରିସରରେ ଗଞ୍ଜେଇ ଚାଷ ହେଉଥିବା ଅଭିଯୋଗ ଆଧାରରେ ପୋଲିସ ଘଟଣାର ଖୋଳତାଡ କରୁଛି । ପୋଲିସ ଉକ୍ତ ଥାନା ଅନ୍ତର୍ଗତ ଭୋଳାସିଙ୍ଗି ଗ୍ରାମର ପୃଥୀବିରାଜ ସାହୁ(୨୪) ଙ୍କୁ ମାମଲା ନମ୍ବର ୪୧/୨୫ ରେ ଗିରଫ କରିଛି। ପୋଲିସ ଘଟଣାର ବିଭିନ୍ନ ଦିଗକୁ ନେଇ ତାର ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଥିବା ସେ କହିଛନ୍ତି। ଏହି ଅପହରଣ ଘଟଣାର ମାଷ୍ଟରମାଇଣ୍ଡ ବ୍ରହ୍ମପୁରର ହୋଇଥିବା ବେଳେ ଏଥିରେ ଜିଲାର ୧୦ ଜଣିଆ ଗ୍ୟାଙ୍ଗ ସାମିଲ ଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଏକ ଅବ୍ୟବହୃତ ଘରେ ଦୁଇକୋଟି ମୁଣ୍ଡ ଜାମିନରେ ଥିବା ୪ଜଣଙ୍କ ମଧ୍ୟରୁ ଉକ୍ତ ଅମରଜିତ ମୁକୁଳି ଆସି ନିକଟରେ ଥିବା ଚିକିଟି ତହସିଲ କାର୍ଯ୍ୟାଳୟକୁ ଘଟଣା ସମ୍ପର୍କରେ କହିଥିଲେ। ଖବର ପାଇ କେ. ନୂଆଗାଁ ପୋଲିସ ସେଠାରୁ ପ୍ରଥମେ ଅମରିଜିତଙ୍କୁ ଉଦ୍ଧାର କରିଥିଲା। ପରେ ଅନ୍ୟ ୩ଜଣଙ୍କୁ ଉଦ୍ଧାର କରିଥିଲା। ତାଙ୍କରି ବୟାନ ଅନୁସାରେ ଅପହରଣକାରୀ ମାନେ ସେମାନଙ୍କୁ କୌଶଳକ୍ରମେ ଗତ ୨୩ ତାରିଖରୁ ଭୁବନେଶ୍ୱରରୁ ବ୍ରହ୍ମପୁର ଆଣି ଦୁଇଟି କାରରେ ଘଟଣା ସ୍ଥଳକୁ ଅପହରଣ କରି ନେଇ ଉକ୍ତ ଘରେ ବନ୍ଧକ ରଖିଥିଲେ। ଦୁଇକୋଟି ଟଙ୍କା ଦାବି କରିବା ସହ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଏପରିକି ଦୁଇକୋଟି ଟଙ୍କା ନଦେଲେ ଜୀବନରେ ମାରିଦେବାକୁ ଧମକଚମକ ଦେଉଥିଲେ ବୋଲି ସେ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ପୋଲିସ ଏହାର ଛାନଭିନ କରୁଛି। ଖୁବଶୀଘ୍ର ଏଥିରେ ସମ୍ପୃକ୍ତ ରହି ଫେରାର ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସପି କହିଛନ୍ତି ।

## ପୂର୍ବ...

ହୋଇପାରିବ ସେ ଦିଗରେ କାର୍ଯ୍ୟ କରିବି । ଲୋକଙ୍କ ସମସ୍ୟା ସମାଧାନକୁ ପ୍ରାଥମିକତା ଦେବି । ସେହିଭଳି ରାଜ୍ୟ ନିର୍ବାଚନ କମିଶନ ଭାବେ ଅବସରପ୍ରାପ୍ତ ଆଇଏଏସ୍ ମଧୁସୂଦନ ପାଢ଼ୀଙ୍କୁ ନିଯୁକ୍ତି ଦିଆଯାଇଛି । ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ରାଜ୍ୟ ନିର୍ବାଚନ କମିଶନ ପଦବୀରୁ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ କାର୍ଯ୍ୟକାଳ ୨୦୨୪ ଅଗଷ୍ଟରୁ ଶେଷ ହେବାପରେ ଏହି ପଦବୀ ଖାଲି ରହିଥିଲା ।

## ମହାକୁମ୍ଭରେ...

ତେବେ ବିଜେପି ମୁଖପାତ୍ର ସମ୍ବିତ୍ ପାତ୍ର ଖଡ୍‌ଗେଙ୍କ ମନ୍ତବ୍ୟକୁ ସମାଲୋଚନା କରି କହିଛନ୍ତି ଯେ ଏହା ସନାତନ ଧର୍ମ ଉପରେ ଆକ୍ରମଣ । ଅନ୍ୟ କୌଣସି ଧର୍ମ ଉପରେ ସେ ଏଭଳି ମନ୍ତବ୍ୟ ଦେଇପାରିବେ କି । ଏହା ନିନ୍ଦନୀୟ । କଂଗ୍ରେସ ଏଥିପାଇଁ ଜବାବ ରଖୁ । ଅମିତ୍ ମାଲବ୍ୟ କହିଛନ୍ତି ଯେ କଂଗ୍ରେସ ହିନ୍ଦୁମାନଙ୍କୁ ହାରାସ କରୁଛି । ଖଡ୍‌ଗେ ଯାହା କହିଛନ୍ତି ଏହା ହେଉଛି ଗାନ୍ଧି ପରିବାରର ଭାଷା ।

## ଭଡ଼ା...

ଲାଗି ଟିକେଟର ମୂଲ୍ୟ ଆହୁରି ଅଧିକ ରହିଛି । ନୂଆଦିଲ୍ଲୀରୁ ପ୍ରୟାଗରାଜକୁ ଜାନୁଆରୀ ୩୧ ମଧ୍ୟରେ ପ୍ରାୟ ଟିକେଟର ମୂଲ୍ୟ ୪୯ ହଜାର ୬୦୦ ରହିଛି । କିନ୍ତୁ ଏହାର ପ୍ରକୃତ ଭଡା ହେଉଛି ୯ ହଜାର ୬୦ ଟଙ୍କା । ଡିଜିସିଏ ପକ୍ଷରୁ ବିମାନ ସେବା ପ୍ରାଦନକାରୀ କମ୍ପାନୀଗୁଡ଼ିକୁ ଏନେଇ ବିମାନ ଭଡାରେ ସରଳୀକରଣ କରିବାକୁ କୁହାଯାଇଛି । ଡିଜିସିଏ ମଧ୍ୟ ଜାନୁଆରୀରେ ଆଉ ୮୧ ଅତିରିକ୍ତ ବିମାନ ଚଳାଚଳକୁ ଅନୁମୋଦନ ଦେଇଛନ୍ତି । ସମଗ୍ର ଦେଶରୁ ପ୍ରୟାଗରାଜକୁ ବିମାନ ସେବାରେ ୧୩୨ ନୂଆ ବିମାନ ଯୋଗାଇ ଦିଆଯାଇଛି । ବିଶ୍ୱ ହିନ୍ଦୁ ପରିଷଦର ମୁଖପାତ୍ର ବିନୋଦ ବଂଶଲ କହିଛନ୍ତି ଯେ ଉତ୍ତରପ୍ରଦେଶ ସରକାର ଶ୍ରଦ୍ଧାଳୁମାନଙ୍କର ସୁରକ୍ଷା ଓ ଅନ୍ୟାନ୍ୟ ସୁବିଧାକୁ ସୁନିଶ୍ଚିତ କରିବା ଉଚିତ୍ । କୁମ୍ଭମେଳା ସମୟରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ, ସାମାଜି ଓ ଅନ୍ୟାନ୍ୟ ସଂଗଠନଗୁଡ଼ିକ ନିଃସ୍ୱାର୍ଥପର ସେବା ଯୋଗାଇବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି । ବିମାନର ଭଡା ବୃଦ୍ଧିକୁ ସେ ସମାଲୋଚନା କରିଛନ୍ତି । ୨୦୦ ରୁ ୭୦୦% ବୃଦ୍ଧି ଏହା ଶ୍ରଦ୍ଧାଳୁଙ୍କ ପାଇଁ ଗୁରୁତର ଅସୁବିଧା ସୃଷ୍ଟି କରିବ । ଫେବୃଆରୀ ୧୪ରେ ପ୍ରୟାଗରାଜ ଯିବାପାଇଁ ଦିଲ୍ଲୀରୁ ୩୩ ହଜାର, ହାଇଦ୍ରାବାଦ, ଚେନ୍ନାଇ ଓ କୋଲକାତାରୁ ୪୦ ହଜାରରୁ ଅଧିକ, ମୁମ୍ବାଇ ଓ ବେଙ୍ଗାଲୁରୁରୁ ୪୫ ହଜାରରୁ ଅଧିକ ଭଡା ରହିଛି । ଅଧିକାଂଶ ଶ୍ରଦ୍ଧାଳୁ ମଧ୍ୟ ବିକଳ୍ପ ରାସ୍ତାରେ ଆସୁଛନ୍ତି । ଲକ୍ଷ୍ନୌ ଯାଏ ବିମାନରେ ଯାଇ ସେଠାରୁ ବସ୍‌ରେ ଯାଉଛନ୍ତି । ଆଉ କେତେକ ମଧ୍ୟ ରାସ୍ତାରେ ଯିବାଲାଗି ଚିନ୍ତା କରୁଛନ୍ତି ।

## ଅନ୍ତେବାସୀଙ୍କୁ...

ରହିବା ଭଳି ଅମାନବୀୟ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି । ଏପରିକି କିଛି ମହିଳା ଅନ୍ତେବାସୀ ଅସଦାଚରଣ ଶିକାର ହୋଇଥିବା ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି ।

ପୂର୍ବତନ କର୍ମଚାରୀ ଲିପିକା ଦର୍ଜିଙ୍କ ଅଭିଯୋଗ ପରେ ଏସବୁ ଘଟଣା ପଦାକୁ ଆସିଛି । ଅନ୍ତେବାସୀଙ୍କୁ ନିର୍ଯାତନା ଦେବାର ଏକାଧିକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି । ଅଭିଯୋଗ ପାଇବା ପରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ସୋମବାର ପୂର୍ବାହ୍ନ ସାଢେ ୧୧ଟାରେ ଏହି କେନ୍ଦ୍ରକୁ ଆସିଥିଲେ । ଅନ୍ତେବାସୀଙ୍କୁ ଭାତ ଓ ଟମାଟୋ ଖଟା ଖାଇବାକୁ ଦିଆଯାଉଥିବା ଦେଖିବାକୁ ପାଇଥିଲେ । କିଛି ଅନ୍ତେବାସୀ ଓ ପୂର୍ବତନ କର୍ମଚାରୀଙ୍କ ଠାରୁ ଅଭିଯୋଗ ଶୁଣିବା ପରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଏସମ୍ପର୍କରେ ଅବଗତ କରିଥିଲେ । ଜିଲ୍ଲାପାଳ ଘଟଣା ସମ୍ପର୍କରେ ଜାଣିବା ପରେ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ସଦର ଏସ୍‌ଡିପିଓ ତୋଫାନ ବାଗ, ଧନୁପାଲି ଥାନା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ଓ ଟାଉନ ଥାନା ଅଧିକାରୀ ରଞ୍ଜନ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଅଭିଯୋଗକାରୀଙ୍କ ବୟାନ ରେକର୍ଡ କରିଥିଲେ । ଡିଏସ୍‌ଏସ୍‌ଓ ଥବୀର ମହାନନ୍ଦଙ୍କୁ ଏ ସମ୍ପର୍କରେ ପୋଲିସ ଏସ୍‌ଡିପିଓ ଜଣାଇଛନ୍ତି । ଅଭିଯୋଗ ଆଧାରରେ ତଦନ୍ତ କରାଯାଉଛି । ଅଭିଯୁକ୍ତଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତଦନ୍ତ ଅଧିକାରୀ କହିଛନ୍ତି । ଏହି ଘଟଣାଟି ସାମ୍ନାକୁ ଆସିବା ପରେ ସାଧାରଣରେ ନିନ୍ଦା କରାଯାଇଛି । ତୁରନ୍ତ ଅନ୍ତେବାସୀଙ୍କୁ ଅନ୍ୟତ୍ର ଥଇଥାନ କରିବାକୁ ଦାବି ହେଉଛି ।

# ଏଫଏମ କଲେଜରେ ଏବିଭିପିର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ବାଲେଶ୍ୱର,(ସବ୍ୟୁ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବାଲେଶ୍ୱର ଜିଲ୍ଲା ତରଫରୁ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ମିଶନ ସାହସୀ କାର୍ଯ୍ୟକ୍ରମ ଅଗ୍ନିଶିଖା ଆୟୋଜିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଓଡ଼ିଶା ବିଧାନସଭାର ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସମ୍ମାନୀୟ ଅତିଥିଭାବେ ଡିସିପିଓ ଦେବାଙ୍ଗନା ବାରିକ, ମୁଖ୍ୟବକ୍ତାଭାବେ ଏବିଭିପିର କବିତା କହଁର, ଅନ୍ୟଅତିଥିମାନଙ୍କ ମଧ୍ୟରେ ଗୀତାଞ୍ଜଳୀ ସେଠୀ, ଡକ୍ଟର ଲେଖାରାଣୀ ଦାସ, ଜିତମ ଦାସ, ଜ୍ୟୋତିରେଖା ଭୂୟାଁ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ, କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ରଣା ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ୭ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ମାଷ୍ଟର ଟ୍ରେନର ଦେବସ୍ମିତା ଜେନା, ବବିତା ସେଠୀ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏବିଭିପିର ଶୁଭ୍ରସମ୍ବିତ ନାୟକ, ସଂଜୀବ କୁମାର ମହାରଣାଙ୍କ ସମେତ ବହୁ ବରିଷ୍ଠ ଓ ପୂର୍ବତନ କାର୍ଯ୍ୟକର୍ତ୍ତାମାନେ ସାମିଲ ଥିଲେ ।

# ମଦ୍ରାସା ଫୈଜାନେ ଗରୀବ ନୱାଜରେ ଜାତୀୟ ପତାକା ଉତ୍ତୋଳନ

ଭଦ୍ରକ,(ସବ୍ୟୁ):ଭଦ୍ରକ କୁଆଁସ ସ୍ଥିତ କଣ୍ଟାବଣିଆ ଗ୍ରାମ ମଦ୍ରାସା ଫୈଜାନେ ଗରୀବ ନୱାଜରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭଦ୍ରକ ମୁସଲିମ ଜମାତର ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପୂର୍ବତନ ପାରିଷଦ ଅସରଫ ଅଲ୍ଲୀ ଖାନ,ଶେଖ ଅବଦୁଲ ବାରୀ,ଆଇନଯିବି ତାହେର ମହମ୍ମଦ,ଅତାଏ ମହମ୍ମଦ,ଶେଖ ଗୋଲାମ ମହମ୍ମଦ,ଇସ୍ତାକ ଖାନ,ଆବିଦ ଖାନ,ମାଇନୁଦ୍ଦିନ ଖାନ,ଇଜାଜ ଅହେମଦ,ସାଜନ ଖାନ,ଶେଖ ରଫିକ,ଶେଖ ଆସିକ ପ୍ରମୁଖ ମଦ୍ରାସାର ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

# ଭୀମକୁଣ୍ଡରେ ନିଖୋଜ ଯୁବକ ଉଦ୍ଧାର

ଠାକୁରମୁଣ୍ଡା,(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳୀକୁ ଗତ ୨୬ ତାରିଖ ପିକନିକ ପାଇଁ ଆସି ନିଖୋଜ ହୋଇଯାଇଥିବା ଯୁବକ ବିଶ୍ୱଜିତ ଦାସଙ୍କୁ ୨୭ ତାରିଖରେ ଓଡ୍ରାଫ ଟିମ ଓ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି ।ବୈତରଣୀ ନଦୀର ଭୀମକୁଣ୍ଡରେ ଗାଧୋଉଥିବା ବେଳେ ପାଣିରେ ବୁଡ଼ିଯାଇ ପଥର ଖୋଲରେ ଲାଗି ରହିଥଲେ। ଘଟଣାରୁ ପ୍ରକାଶଯେ, ଜ୍ୟୋତି ମୋଟର୍ସ ଭୁବନେଶ୍ୱରରେ କାମ କରୁଥିବା କର୍ମଚାରୀ ରବିବାର ଭୋଜି ପାଇଁ ଭୀମକୁଣ୍ଡ ଆସିଥିଲେ ।ପୂର୍ବାହ୍ନ ସାଢ଼େ ୧୧ଟାରେ ରେ ପହଞ୍ଚିବା ପରେ କିଛି ଯୁବକ ଗାଧୋଇବାକୁ ବୈତରଣୀରେ ପଶିଥିଲେ । ପ୍ରାୟ ଦିନ ସାଢ଼େ ଗୋଟାଏରେ ବିଶ୍ୱଜିତ ପାଣି ଭିତରେ ନିଖୋଜ ହୋଇ ଯାଇଥିଲା । ଫଳରେ ତାର ସନ୍ଧାନ ମିଳିନଥିଲା ।ବିଶ୍ୱଜିତ ଦାସଙ୍କ ଘର ଜଗତସିଂହପୁର ବାଲିକୁଦାରେ ଓ ବାପାଙ୍କ ନାମ ନିତ୍ୟାନନ୍ଦ ଦାସ । ବିଶ୍ୱଜିତ ଡିପ୍ଲୋମା ଛାତ୍ର ଏବଂ ବାପା ମା ଙ୍କ ଏକମାତ୍ର ପୁଅ ବୋଲି ଜଣାପଡିଛି ।ସେ ଅସ୍ଥାୟୀ ଭାବେ ଜ୍ୟୋତି ମୋଟର୍ସ ରେ କାମ କରୁଥିଲେ । ସୋମବାର ସକାଳ ୯.୪୫ ରେ ଉଦ୍ଧାର କରି ଅଗ୍ନିଶମ ବାହିନୀ ଗାଡ଼ିରେ ଠାକୁରମୁଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ। ଉଦ୍ଧାର ସମୟରେ ଠାକୁରମୁଣ୍ଡା ବିଡ଼ିଓ ସ୍ୱପ୍ନେଶ୍ ବେହେରା, ତହସିଲଦାର ସମ୍ବିତ କୁମାର କର, ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଦେବୋତ୍ତର କମିଶନରଙ୍କ ଓଡ଼ିଶାର ପଶ୍ଚିମାଞ୍ଚଳ ଗସ୍ତ



ଭୁବନେଶ୍ୱର (ସବ୍ୟୁ) : ଦେବୋତର କମିଶନର ଲଲାଟେନ୍ଦୁ ଜେନା ବଲାଙ୍ଗିର, ବରଗଡ ଓ ସମ୍ବଲପୁର ଜିଲ୍ଲାର ବିଭିନ୍ନ ହିନ୍ଦୁ ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ଗସ୍ତ କରିଥିଲେ । ଏହି ଗସ୍ତ ସମୟରେ ସେ ବଲାଙ୍ଗିର ଜିଲ୍ଲାର ପାଟଣେଶ୍ୱରୀ ମନ୍ଦିର, ମା' ସମଲେଶ୍ୱରୀ ମନ୍ଦିର ଓ ଶ୍ରୀ ଗୋପାଳଜିଉ ମନ୍ଦିର, ବରଗଡ ଜିଲ୍ଲାର ଶ୍ରୀ ନୃସିଂହନାଥ ମନ୍ଦିର ଓ ମା' କାଳୀ ମନ୍ଦିର, ଭେଡେନ ବ୍ଲକ୍‌ରେ ଥିବା ଶ୍ୟାମବିହାରୀ ମନ୍ଦିର ଓ ସମ୍ବଲପୁରର ପ୍ରସିଦ୍ଧ ମା' ସମଲେଶ୍ୱରୀ ମନ୍ଦିର, ମା' ଘଣ୍ଟେଶ୍ୱରୀ ମନ୍ଦିର ଓ ହୁମାରେ ଥିବା ଶ୍ରୀ ବିମଳେଶ୍ୱର ମହାଦେବ ପୀଠକୁ ପରିଦର୍ଶନ କରି ଟ୍ରଷ୍ଟି ମଣ୍ଡଳି ଓ ଅନୁଷ୍ଠାନ ସହ ଜଡିତ ଥିବା ବ୍ୟକ୍ତି ବିଶେଷଙ୍କ ସହିତ ଅନୁଷ୍ଠାନ ଗୁଡ଼ିକର ସୁପରିଚାଳନା ଓ ପରିଚାଳନା ଗତ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ଦେବୋତ୍ତର ଆୟୁକ୍ତ ବିଭି୪ନ୍ନ ଅନୁଷ୍ଠାନଗୁଡ଼ିକରେ ଚାଲୁଥିବା ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକର ସମୀକ୍ଷା କରିଥିଲେ । ଉନ୍ନୟନ ମୂଳକ କାର୍ଯ୍ୟଗୁଡ଼ିକ ଦେବୋତର କମିଶନରଙ୍କର ଅନେକ ସ୍ଥଳରେ ମଞ୍ଜୁରିପ୍ରାପ୍ତ ହୋଇନଥିବାରୁ ଟ୍ରଷ୍ଟିମାନେ କ୍ଷୋଭ ପ୍ରକାଶ କରିଥିଲେ । ଉପରୋକ୍ତ ଗସ୍ତ ସମୟରେ ଆସିଷ୍ଟାଣ୍ଡ ଦେବୋତର କମିଶନର, ସମ୍ବଲପୁର ଜୋନ ଶ୍ରୀ ବିକାଶ ଗୋଏଲ, ଡିଭିଜନାଲ ଇନ୍‌ସପେକ୍ଟର ଶ୍ରୀ ମାମରାଣ୍ଡି, ଦୋବୋତର ଅନୁଷ୍ଠାନ ଗୁଡ଼ିକର ଭାରାପ୍ରାପ୍ତ ଅଧିକାରୀଗଣ ଏବଂ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

**AFFIDAVIT**

I, Kovvuru Srinwas Rao, S/o Late KovvuruVenkat Rao resident of Ward No 16, AT Puranabasti, PO Kalimandir Road, PS/ DistJharsuguda, PIN-768202, Odisha declare by this affidavit No.23 dated 22.01.2025 that now onwards I shall be known as **KOVVURU SRINIWAS RAO** for all future purposes.

# ବସନ୍ତପୁର ଶ୍ରୀ ଶିରିଡି ସାଇ ମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ




କେନ୍ଦ୍ରାପଡା (ସବ୍ୟୁ) : କେନ୍ଦ୍ରାପଡ଼ାଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ, ତେଣ୍ଡାକୁଡା ପଞ୍ଚାୟତ ଅନ୍ତର୍ଗତ ବସନ୍ତପୁର ଶ୍ରୀ ଶିରିଡି ସାଇ ମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ ଗତ ୨୬ ଜାନୁଆରୀରେ ଅନୁଷ୍ଠିତ ହୋଇଯାଇଛି । ଏହି ଦିବସଟି ଗୁରୁତ୍ୱପୂର୍ଣ ଗଣତନ୍ତ୍ର ଦିବସ ହୋଇଥିବାରୁ ପ୍ରଥମେ ସ୍ଥାନୀୟ ଅନେକ ବିଦ୍ୟାଳୟରୁ ଆସିଥିବା ଛାତ୍ର ଛାତ୍ରୀଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ ଓ ଜାତୀୟ ସଂଗୀତ ଗାନ କରାଯାଇଥିଲା ।

ଏହି ଅବସରରେ ଛାତ୍ର ଛାତ୍ରୀମାନଙ୍କ ପାଇଁ ଚାରିଗୋଟି ବିଭାଗରେ ଆୟୋଜିତ ଚିତ୍ରାଙ୍କନ, ଗୀତ ଓ ନୃତ୍ୟ ପ୍ରତିଯୋଗିତା ମନ୍ଦିର ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ଡ଼ଃ ରୁଦ୍ର ମହାନ୍ତିଙ୍କ ଦ୍ୱାରା ଆୟୋଜିତ ହୋଇଥିଲା । ଏଥିରେ ଉଦଘାଟକ ଭାବେ ଓ ୟୁଟିର ୟୁନିଭରସିଟିର ରେଜିଷ୍ଟ୍ରାର ରେଣୁପ୍ରଭା ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବରେ କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଏବଂ ପ୍ରଖ୍ୟାତ ଗାୟିକା ଶୈଳଭାମା ମହାପାତ୍ର ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ ପିଲାମାନଙ୍କୁ ସମ୍ବୋଧିତ କରିବା ସହ ସେମାନଙ୍କ ପିତା ମାତା ଗୁରୁଜନମାନଙ୍କୁ ପିଲାଙ୍କ ଅନ୍ତର୍ନିହିତ ଓ ବିଭୁଦତ୍ତ ପ୍ରତିଭାର ବିକାଶ ପାଇଁ ଉତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ ।

ପ୍ରତି ବିଭାଗରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସାମ୍ବାଦିକ ନବଘନ ନାୟକ ଓ ପ୍ରତୀକ ମିଶ୍ର ମଧ୍ୟ ସମ୍ବର୍ଦ୍ଧିତ ମଧ୍ୟ ହୋଇ ଥିଲେ ।

ରାଜ୍ୟ ମହିଳା କମିଶନର ପରାମର୍ଶଦାତା ଡ଼ଃ ଟୁନା ସାହୁ, ନୃତ୍ୟଗୁରୁ ସୁନନ୍ଦା ସାହୁ, ଗୀତିକାର ଜ୍ଞାନବ୍ରତ ମହାନ୍ତି, ଚିତ୍ରକର ସତ୍ୟ ଶେଖର ପରିଡା ପ୍ରଶାନ୍ତ ପାଲ ଓ ଅମିତ ଦାଶ ପ୍ରମୁଖ ବିଚାରକ ଭାବରେ ଯୋଗଦେଇ ସାଇ ମନ୍ଦିର ଟ୍ରଷ୍ଟର ଏପରି ମହତ ଉଦ୍ୟମକୁ ଭୁୟସୀ ପ୍ରଶଂସା କରିଥିଲେ । ଶେଷରେ ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

**ଦ.ପୂ.ରେଳପଥ -**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଡେପୁଟି ଚିଫ୍ ଇଲେକଟ୍ରିକାଲ ଇଞ୍ଜିନିୟର, ଇଏଲଏସ-ପିଏଚ/ ଖଡଗପୁର ୱାର୍କସପ୍ ନିମ୍ନୋକ୍ତ କାର୍ଯ୍ୟ ପାଇଁ ସୂଚିତ ତାରିଖର ୧୫ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ୧୫.୩୦ ଘଟିକା ପରେ ଖୋଲାଯିବ । **କ୍ର.ନଂ. ଓ ଇ-ଟେଣ୍ଡର ନୋଟିସ ନଂ, କାର୍ଯ୍ୟର ନାମ, କାର୍ଯ୍ୟର ଆନୁମାନିକ ମୂଲ୍ୟ, ଅମାନତ ଅର୍ଥ : ୧. ଇ-ପିୟୁପିଏଆଇଏନଟି-୨୦୨୪-୨୫ ତାରିଖ : ୨୪.୦୧.୨୦୨୫**, ରେଟ୍ରୋ-ରିଫ୍ଲେକ୍‌ଟିଭ୍ ଟେପର ବ୍ୟବସ୍ଥା ଏବଂ ପଲିୟୁରେଥେନ୍ (ପିୟୁ) ପେଣ୍ଟ ଦ୍ୱାରା ଲୋକମୋଟିଭ୍ ପେଣ୍ଟିଂ, ଡିଭି= ଟ. ୬୬,୯୪,୦୯୩.୯୮ ଜିଏସଟି ୧୮% ସମେତ, ଟ. ୧,୩୩,୯୦୦/- । **୨. ଜିଇଏମ୍/୨୦୨୫/ବି/୫୮୫୪୨୨୦, ତାରିଖ : ୨୨.୦୧.୨୦୨୫** ମାସିକିଆ ଭିତ୍ତିରେ କ୍ୟାବ୍ ଓ ଟ୍ୟାକ୍ସି ସର୍ଭିସେସ୍ ଭଡ଼ା, ଡିଭି = ଜିଏସଟି ୧୮% ସମେତ ଟ. ୧୧,୭୩,୬୦୦/-, ଟ.୫୮,୬୮୦/- ସମାପ୍ତି ସମୟ: ଉଭୟ ପାଇଁ ୨୪ ମାସ । ଇ-ଟେଣ୍ଡର ବନ୍ଦ ତାରିଖ ଓ ସମୟ : କ୍ର. ନଂ ୧ ପାଇଁ ୧୭.୦୨.୨୦୨୫ ଅପରାହ୍ନ ୧୫.୦୦ ଘଟିକା ଓ କ୍ର. ନଂ. ୨ ପାଇଁ ୬.୦୨.୨୦୨୫ ଅପରାହ୍ନ ୧୭.୦୦ ଘଟିକା । ୱେବ୍‌ସାଇଟ ବିବରଣୀ କ୍ର. ନଂ. ୧ ପାଇଁ **www.ireps.gov.in** ଏବଂ ଜିଇଏମ୍ ପୋର୍ଟାଲ (କ୍ର.ନଂ. ୨ ପାଇଁ) । ଇଚ୍ଛୁକ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ତଥ୍ୟ / ବିବରଣୀ / ସ୍ପେଶିଫିକେସନ ପାଇଁ ୱେବସାଇଟ୍ **www.ireps.gov.in** (କ୍ର.ନଂ. ୧ ପାଇଁ) ଏବଂ ଜିଇଏମ୍ ପୋର୍ଟାଲ (କ୍ର.ନଂ. ୨ ପାଇଁ ଦେଖିପାରନ୍ତି ଏବଂ ସେମାନଙ୍କର ବିଡ୍ ଅନ୍‌ଲାଇନ ଦାଖଲ କରିବେ । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । (PR-1064)

# ଜଗନ୍ନାଥ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ବନ୍ଧୁମିଳନ



ଭୁବନେଶ୍ୱର (ସବ୍ୟୁ) : ତିର୍ତ୍ତୋଲ ଥାନା ଅନ୍ତର୍ଗତ କୋଲର ସ୍ଥିତ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୫ ବ୍ୟାଚ୍ ଛାତ୍ର-ଛାତ୍ରୀଙ୍କର ସୁବର୍ଣ୍ଣ ଜୟନ୍ତୀ ବନ୍ଧୁମିଳନ ଉତ୍ସବ ବହୁ ଆନନ୍ଦ ଉଲ୍ଲାସରେ ଅନୁଷ୍ଠିତ ହୋଇଯାଇଛି । ଅରିଲୋ ସ୍ଥିତ, ପଦ୍ମଶ୍ରୀ ବାବା ବଳିଆଙ୍କ ଶିଶୁଅନନ୍ତ ଆଶ୍ରମ ପରିସରରେ ଅନୁଷ୍ଠିତ ଉକ୍ତ ଉତ୍ସବରେ, ୧୯୭୫ ବ୍ୟାଚର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଛାତ୍ର-ଛାତ୍ରୀ ସେମାନଙ୍କ ପରିବାର ସହ ଯୋଗଦେଇଥିଲେ । ଏହି ଅବସରରେ ଆୟୋଜିତ ସଭାରେ, ତତ୍କାଳୀନ ଶିକ୍ଷକ ନାରାୟଣ ବାରିକ ସପତ୍ନୀକ ଯୋଗଦେଇଥିବାବେଳେ, ପୁରାତନ ଛାତ୍ର ସଂଘ ସଭାପତି ଯଦୁମଣି ମୁଦୁଲି, ସମ୍ପାଦକ ବସନ୍ତ ମହାନ୍ତି, ବର୍ତ୍ତମାନର ପ୍ରଧାନ ଶିକ୍ଷକ ରମେଶ କୁମାର ସାମଲ ଏବଂ ସନ୍ନ୍ୟାସୀ ଶ୍ରିବାସ ଦାସ, ଯଥାକ୍ରମେ ମୂଖ୍ୟ ଅତିଥି, ମୂଖ୍ୟବକ୍ତା ଓ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସର୍ ପ୍ରଥମେ ଜଗନ୍ନାଥାଷ୍ଟକ ପାଠ କରାଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଶୁଭାରମ୍ଭ କରାଯାଇଥିଲା । ଦିବଂଗତ ଶିକ୍ଷକ ଓ ସହପାଠୀମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା ପରେ, ଛାତ୍ର-ଛାତ୍ରୀମାନେ ସଭାମଞ୍ଚରେ ନିଜର ପରିଚୟ ପ୍ରଦାନ କରିବା ସହିତ ଅତୀତର ସ୍ମୃତି ଚାରଣ କରିଥିଲେ । ଚଳିତ ବର୍ଷ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପୂର୍ଣ୍ଣ ସରକାରୀ ମାନ୍ୟତା ପ୍ରାପ୍ତିର ମଧ୍ୟ ପଚାଶ ବର୍ଷ ଅର୍ଥାତ୍ ସୁବର୍ଣ୍ଣ ଜୟନ୍ତୀ ବର୍ଷ ହୋଇଥବାରୁ, ଏକ କମିଟି ଗଠନ କରାଯାଇ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ କିପରି ଆୟୋଜିତ ହୋଇ ମହା ସମାରୋହରେ ଅନୁଷ୍ଠିତ ହେବ, ସେ ସଂମ୍ପର୍କରେ ସଭାରେ ଆଲୋଚନା କରାଯାଇଥିଲା । ସଂଘର ସମ୍ପାଦକ ଶ୍ରୀ ମହାନ୍ତିଙ୍କ ପ୍ରସ୍ତାବ କ୍ରମେ ଏକ ବୁଲେଟିନ୍ ପ୍ରକାଶ କରାଯିବାକୁ ସ୍ଥିର ହେଲା । ଯୋଗେଶ ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ, ଶେଷରେ ସନ୍ତୋଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ବନ୍ଧୁମାନେ ସଭା କାର୍ଯ୍ୟରେ ସହଯୋଗ କରିଥିଲେଛ ବାବା ବଳିଆଙ୍କ ଆର୍ଶିବାଦ ଏବଂ ଆଶ୍ରମ କର୍ମକର୍ତ୍ତା ମାନଂକ ପୂର୍ଣ୍ଣ ସଦିଚ୍ଛା ସହଯୋଗରେ, ଆଶ୍ରମର ଆକର୍ଷଣୀୟ ମନୋଜ୍ଞ ପରିବେଶ ମଧ୍ୟରେ ଅନୁଷ୍ଠିତ ଉତ୍ସବଟିକୁ ସମସ୍ତେ ଅତି ଆନନ୍ଦ ମନରେ ଉପଭୋଗ କରିଥିଲେ । ଆଶ୍ରମ ପ୍ରସ୍ତୁତ ପ୍ରସାଦ ସେବନ ଉପରାନ୍ତ ସମସ୍ତେ ନିଜ ନିଜ ଠିକଣାରେ ବାହୁଡ଼ିଥିଲେ ।

**GOVERNMENT OF ODISHA : OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE,ANGUL** E-Mail - sencrwangul@yahoo.co.in
No. 342 // Dt. 24.01.25 //

**1st Corrigendum to Bid Identification No. Building Online-AGL-19/2024-25** Ph. 06764 - 236404

**O-1342 :** Due to some unavoidable circumstances the last date of Online for bidding and opening of the date has been modified as follows in respect of the tender for Building work invited vide Tender Call Notice Bid Identification No. Building Online-AGL- 19/2024-25 by the Procurement officer Chief Engineer, Rural Works Circle.Angul.

| Availability of Tender on-line for bidding | | Date & Time of opening Technical Bid |
|---|---|---|
| From | To | |
| 1 | 2 | 3 |
| 17.01.2025 at 10.00 A.M | 15.02.2025 upto 5.00 PM | 17.02.2025 at 11.00 AM |

All other terms and conditions remain unchanged.

Sd/- Chief Engineer
Rural Works Circle.Angul

OIPR : 25180/11/0032/2425

**GOVERNMENT OF ODISHA : DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**BAISINGA CANAL DIVISION,**
AT/PO-LAXMIPOSI DIST : -MAYURBHANJ, PIN: -757107

A-964

**Government of Odisha "e" PROCUREMENT NOTICE**
**Bid Identification No. 14/24-25 of SE, BCD, Laxmiposi**

| | | |
|---|---|---|
| i | Name of Work | "Repair & Raising of boundary wall and barbed fencing at Subarnarekha Irrigation Project (SIP) Composite Campus for the year 2024-25." |
| ii | Estimated Cost | Rs.73.10 Lakh |
| iii | Bid Security/E.M.D. | Rs.73,100.00/- |
| iv | Class of Contractor | 'B' Class |
| v | Period of Completion | 03 (Three) Calendar Months |
| vi | Date & Time of availability of bid document in the portal | 30.01.2025 at 10.30 AM |
| vii | Last date/time for receipt of bid in the portal | 19.02.2025 up to 5.00 PM |
| viii | Date of Opening Bid | 20.02.2025 at 11.00AM |
| ix | Name & Address of the O.I.T. | Superintending Engineer, Baisinga Canal Division, Laxmiposi, Mayurbhanj |

Further details can be seen from the e-Procurement Portal **"https.//tendersodisha.gov.in"**.

Sd/- Superintending Engineer,
Baisinga Canal Division, Laxmiposi
sebaisinga2022@gmail.com

OIPR : 32281/11/0012/2425

**OFFICE OF THE EXECUTIVE ENGINEER (AGRIL.),**
**AGRIL ENGG.DIVISION, NAYAGARH**
E-mail ID - eeagrilnayargarh@gmail com
**INVITATIONS FOR BIDS THROUGH e-Procurement**
**Bid Identification No/e - Procurement Notice No. 29 /2025// Agril. Date - 22/01/2025**
**E.E. (AGRIL.), NAYAGARH-05/2024-25**

**L-153 :** The Executive Engineer (Agril.), Nayagarh Division, Nayagarh on behalf of Governor of Odisha invites Percentage Rate Bids in Single cover system for the works as detailed in table below.

| Sl. No. | Name of the work | Approximate Estimated cost put to Tender (Excluding G.S.T) (Rs.) | Cost of Bid Documents (in Rs.) | EMD (in Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Development & beautification of CDAO campus Khordha including a design of external facade, boundary wall, main gate, landscaping, etc. | 33,00,883.28 | 6,000.00 | 33,500.00 | B & C with valid MV/HT Electrical License | 05 (Five Calendar |

The bidders have to participate in ONLINE bidding only. The web-site for "ONLINE BIDDING" is http://tendersodisha.gov.in. Bid documents will be available in above website from **Dt. 24.01.2025** at **11.00 AM** to **Dt. 05.02.2025** up to **5.00 P.M** for "ONLINE BIDDING". Date of original bid documents submission from **Dt. 24.01.2025** at **11.00 AM** to **Dt. 06.02.2025** up to **5.00 P.M.** Bids shall be opened at 11.00 AM on Dt. 07.02.2025.

The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from DTCN in the e- Procurement web site **www.tendersodisha.gov.in.**

**N.B:** Subsequent corrigendum / addendum if required shall be available in the website as indicated above

Executive Engineer (Agril.)
Nayagarh Division, Nayagarh

OIPR : 01449/11/0005/2425

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଉତ୍କର୍ଷ ଓଡିଶା ଶିଳ୍ପ କ୍ଷେତ୍ରରେ ଆଣିବ ବିପ୍ଳବ: ସୁଶାନ୍ତ ପଣ୍ଡା

କଟକ (ସବ୍ୟୁ): ଆମ ରାଜ୍ୟରେ ସୋମବାର ଠାରୁ ଦୁଇ ଦିନିଆ 'ଉତ୍କର୍ଷ ଓଡିଶା ମେକ୍ ଇନ୍ ଓଡିଶା ୨୦୨୫' କନକ୍ଲେଭ ଆରମ୍ଭ ହେଉଛି । ଏହା ଶିଳ୍ପ କ୍ଷେତ୍ରରେ ବିପ୍ଳବ ଆଣିବାରେ ରାଜ୍ୟ ସରକାରଙ୍କ ଏହି ପ୍ରୟାସ ନିଶ୍ଚୟ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ସମ୍ମିଳନୀ ମାଧ୍ୟମରେ ଓଡିଶା ସରକାର ଏକ ଦୃଢ଼ ଶିଳ୍ପ ଭିତ୍ତିଭୂମି ସୃଷ୍ଟି କରିବାସହ ୨୦୩୬ ସୁଦ୍ଧା ଦେଶର ଶ୍ରେଷ୍ଠ ୫ ଅର୍ଥନୈତିକ ରାଜ୍ୟ ମଧ୍ୟରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଛନ୍ତି । ଭାରତ ତଥା ଅନ୍ୟ ୨୦ ଟି ଦେଶର ଦୂତ, ନିବେଶକ ଏବଂ ଶିଳ୍ପପତିଙ୍କ ସମେତ ୭ ହଜାରରୁ ଅଧିକ ପ୍ରତିନିଧୀ ଏହି କନକ୍ଲେଭରେ ଅଂଶଗ୍ରହଣ କରୁଛନ୍ତି । ଏଥିରେ ଟାଟା, ଏସଏଲ ମିତ୍ତଲ, ଓମ ମଙ୍ଗଳମ ବିର୍ଲା, ଅନିଲ ଅଗ୍ରୱାଲ, ହିତେଶ ଯୋଶୀ, ଟିଭି ନରେନ୍ଦ୍ରନ୍, କରଣ ଆଦାନୀ, ନବୀନ ଜିନ୍ଦଲ, ଆଇକଲାନ୍ ଜିନ୍ଦଲଙ୍କ ଭଳି ଇଣ୍ଡଷ୍ଟ୍ରି ଷ୍ଟାଲୱାର୍ଟ ଯୋଗଦେବେ । ଏହି କାର୍ଯ୍ୟକ୍ରମରେ ୧୦୦ ରୁ ଅଧିକ ନିବେଶକ ବୁଝାମଣା ଚୁକ୍ତି ସ୍ୱାକ୍ଷରିତ ହେବାର ସମ୍ଭାବନାକୁ ଏଡେଇ ଦେଇ ହବନି । ବିଶେଷ କରି ସରକାର ଏଥର ସୂଚନା ଓ ପ୍ରଯୁକ୍ତିବିଦ୍ୟା, ଅକ୍ଷୟ ଶକ୍ତି, ବସ୍ତ୍ର, ରାସାୟନିକ ପଦାର୍ଥ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ସମେତ ପାଞ୍ଚଟି କ୍ଷେତ୍ର ଉପରେ ଫୋକସ କରିଛନ୍ତି । ସେହିଭଳି ଅଷ୍ଟ୍ରେଲିଆ, ମାଲେସିଆ, ଜାପାନ ଜର୍ମାନୀ, ପୋଲାଣ୍ଡ, କ୍ୟୁବା ପରି



ଦେଶକୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ କରାଯାଇଛି ଯାହା ଆମ ପାଇଁ ଏକ ସୁଯୋଗ ସୃଷ୍ଟି କରିବ ବୋଲି ଭାରତ ମସଲା ର ପରିଚାଳନା ନିର୍ଦ୍ଦେଶକ ତଥା ଶିଳ୍ପପତି ସୁଶାନ୍ତ କୁମାର ପଣ୍ଡା କହିଛନ୍ତି । ଓଡ଼ିଶାରେ ପର୍ଯ୍ୟାପ୍ତ କଞ୍ଚାମାଲ, ସୁଦୃଢ଼ ଭିତ୍ତିଭୂମୀ ରହିଥିବା ବେଳେ ନିବେଶକ ମାନଙ୍କୁ ବୃହତ ଶିଳ୍ପ ପ୍ରତିଷ୍ଠା କରିବାରେ ବାଧକ ରହିବ ନାହିଁ ବୋଲି ଶ୍ରୀ ପଣ୍ଡା ମତ ରଖିଛନ୍ତି । ଖାଦ୍ୟ ପ୍ରକ୍ରିୟାକରଣ ଉପରେ ସରକାରଙ୍କ ଫୋକସ ଥିବାରୁ ଭାରତ ମସଲା କମ୍ପାନୀ ମଧ୍ୟ ଏଥିରୁ ଫାଇଦା ନେବା ପାଇଁ ଆଗ୍ରହ ରଖିଛି । ହାଇଜିନିକ ଖାଦ୍ୟ ପ୍ରସ୍ତୁତ କରି ଦେଶ ଏଂ ଦେଶ ବାହାରକୁ ନିଜର ଉତ୍ପାଦନ ସାମଗ୍ରୀକୁ ରପ୍ତାନୀ କରୁଥିବା ଭାରତ ମସଲା ମାନ, ପରିମାଣ ଏଂ ଗୁଣବତ୍ତା କୁ ସର୍ବଦା ବଜାୟ ରଖିଛନ୍ତି । କର୍ମଚାରୀଙ୍କ ସହ ଭାଗିଦାରୀ ହୋଇ ବନ୍ୟା, ବାତ୍ୟା, ମରୁଡି, କୋଭିଡ ବେଳେ ବିପନ୍ନ ମାନଙ୍କୁ ସହଯୋଗ ର ହାତ ବଢ଼େଇଛି । ଚାଷୀ ମାନଙ୍କଠାରୁ ସିଧାସଳଖ ଭାବେ କଞ୍ଚାମାଲ ସଂଗ୍ରହ କରି ତାକୁ ସ୍ୱାସ୍ଥ୍ୟକର ପରିବେଶରେ ଅତ୍ୟାଧୁନିକ ମେସିନ୍ ସାହାଯ୍ୟରେ ପ୍ରୋସେସିଂ କରି ବଜାରକୁ ଛାଡୁଛି । ଫଳରେ ଚାଷୀଟି ଚାଷ କରିବାରେ ଆଗ୍ରହ ରଖୁଛି । ତେଣୁ ସରକାରଙ୍କ ଏହି ଉତ୍କର୍ଷ ଓଡ଼ିଶା ଆମ ପାଇଁ ଆଗକୁ ବଢ଼ିବାରେ ସହାୟକ ହେବ ଏଂ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ଏଥିରେ ସନ୍ଦେହ ନାହିଁ ବୋଲି ଶ୍ରୀ ପଣ୍ଡା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

# ଅଜଣା ଗାଡ଼ି ଧକ୍କାରେ ଯୁବକ ଗୁରୁତର

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ପ୍ରକାଶଯେ ଏହି ଥାନା ଅନ୍ତର୍ଗତ ସୋତି ଗ୍ରାମର ଶରତ ଚନ୍ଦ୍ର ସାହୁଙ୍କ ପୁଅ ଆଶୀଷ ଏକ ବାଇକ ଯୋଗେ ପାଣିକୋଇଲି ଆଡୁ ନିଜ ଗ୍ରାମକୁ ଯାଉଥିବା ବେଳେ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ଫଳରେ ଆଶୀଷ ତଳେ ପଡ଼ି ତାଙ୍କର କାନ୍ଧ ହାଡ଼ ଭାଙ୍ଗି ଯାଇଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଡ଼ାକ୍ତରଖାନାକୁ ପଠାଇଥିଲେ।

## ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ବିକାଶ ପାଇଁ
# ୮୬.୯୧ କୋଟି ଟଙ୍କା ମଞ୍ଜୁର କଲା ଶିକ୍ଷା ମନ୍ତ୍ରଣାଳୟ

ଭୁବନେଶ୍ୱର, (ସବ୍ୟୁ): କଟକର ଅନ୍ୟତମ ପୁରାତନ ସ୍କୁଲ ତଥା ନାରୀ ଶିକ୍ଷାର ଅଗ୍ରଣୀ ଅନୁଷ୍ଠାନ ଭାବରେ ପରିଚିତ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ପୁନଃ ବିକାଶ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶିକ୍ଷା ମନ୍ତ୍ରଣାଳୟର 'ଷ୍ଟାର୍ସ 'ପ୍ରକଳ୍ପ ଅଧୀନରେ ୨୦୨୪-୨୫ ବର୍ଷ ପାଇଁ ୮୬.୯୧ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଶିକ୍ଷାନୁଷ୍ଠାନର ଐତିହାସିକ ପୃଷ୍ଠଭୂମି ଓ ସ୍ଥାପତ୍ୟକୁ ଦୃଷ୍ଟିରେ ରଖି ଏହି ଅର୍ଥ ଅନୁମୋଦିତ ହୋଇଛି । ଗତ ଡିସେମ୍ବର ୧୬ ତାରିଖ ୨୦୨୩ରେ ରେଭେନ୍ସା ବାଳିକା ବିଦ୍ୟାଳୟର 'ଉତ୍କର୍ଷର ୧୫୦ ବର୍ଷ ପୂର୍ତ୍ତି' ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସ୍କୁଲର ପୁର୍ନବିକାଶ ପାଇଁ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ । ଗତ ୩୧ ଅଗଷ୍ଟ ୨୦୨୪ରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ କଟକ ସହରରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ ରେଭେନ୍ସା ବାଳିକା ବିଦ୍ୟାଳୟ ପରିଦର୍ଶନ କରିଥିଲେ । ସେ



ବିଦ୍ୟାଳୟର ବିଭିନ୍ନ ଅସୁବିଧା ସମ୍ପର୍କରେ ଶିକ୍ଷୟିତ୍ରୀ ଏବଂ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ । ରେଭେନ୍ସା ବାଳିକା ବିଦ୍ୟାଳୟର ଐତିହାସିକ ପୃଷ୍ଠଭୂମି ଓ ସ୍ଥାପତ୍ୟକୁ ଦୃଷ୍ଟିରେ ରଖି ବିଦ୍ୟାଳୟର ଭବନ, ଶ୍ରେଣୀଗୃହ, ଛାତ୍ରୀ ନିବାସ ଏବଂ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ପାଇଁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ କଟକ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ ଶ୍ରୀ ପ୍ରଧାନ । ଶ୍ରୀ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ସ୍କୁଲର ଐତିହ୍ୟକୁ ଦୃଷ୍ଟିରେ ରଖି ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଷ୍ଟାର୍ସ ପ୍ରକଳ୍ପ ଅଧୀନରେ ୮୬.୯୧ କୋଟି ଟଙ୍କା ମଞ୍ଜୁର ହୋଇଛି । ଷ୍ଟାର୍ସ ପ୍ରକଳ୍ପ ଅଧୀନରେ ଅନୁମୋଦିତ ଅର୍ଥରାଶି ମଧ୍ୟରୁ ନୂଆ ସ୍କୁଲ ଭବନ ହାୟର ସେକେଣ୍ଡାରୀ ଗ୍ରେଡ୍ସ ପାଇଁ ୧୪ କୋଟି, ଇନଡୋର୍ ଷ୍ଟାଡିୟମ କିମ୍ବା ବହିମୁଖୀ ସଭାଗୃହ ପାଇଁ ୧୦ କୋଟି, ନୂଆ ହଷ୍ଟେଲ ପାଇଁ ୨୦.୭ କୋଟି, ସ୍କୁଲ ବିଲଡିଂ, ପ୍ରାଇମେରୀ ପାଇଁ ୫.୧୨ କୋଟି ଖର୍ଚ୍ଚ କରାଯିବ । ସେହିପରି ସ୍କୁଲ ଭବନର ନବୀକରଣ ପାଇଁ ୩.୩୨ କୋଟି, ବିଦ୍ୟାଳୟ ଚତୁଃପାର୍ଶ୍ୱର ବିକାଶ ପାଇଁ ୬.୯୩ କୋଟି, ଷ୍ଟାଫ୍ କ୍ୱାଟର, ସାଇସେଲ ଷ୍ଟାଣ୍ଡ ଓ ଆନୁଷଙ୍ଗିକ ବିକାଶ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯିବ । କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ସହଭାଗୀତାରେ ଏହି ସ୍କୁଲର ବିକାଶ ଓ ନବୀକରଣ ହେବ ।

## ମେକ୍ ଇନ୍ ଓଡ଼ିଶା କନକ୍ଲେଭ ୨୦୨୫
# ସାମାଜିକ-ଅର୍ଥନୈତିକ ପ୍ରଭାବ ଏବଂ ଉତ୍ପାଦନ ଉତ୍କର୍ଷତା ପ୍ରଦର୍ଶନ କରିବ ବେଦାନ୍ତ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ୨୮, ୨୯ ଏବଂ ୩୦ ଜାନୁଆରୀ ୨୦୨୫ ରେ ଭୁବନେଶ୍ୱରର ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା – ମେକ୍ ଇନ୍ ଓଡ଼ିଶା କନକ୍ଲେଭ ୨୦୨୫ ରେ ଏହାର ଷ୍ଟଲ ପରିଦର୍ଶନ କରିବାକୁ ଓଡ଼ିଶାବାସୀଙ୍କୁ ନିମନ୍ତ୍ରଣ କରିଛି । ବିଶ୍ୱସ୍ତରୀୟ ସବୁଜ କ୍ଷେତ୍ର ସମ୍ପ୍ରତିରେ ୧ ଲକ୍ଷ କୋଟି ଟଙ୍କା ବିନିଯୋଗ ସହିତ ଓଡ଼ିଶା ବିଶ୍ୱର ଯେକୌଣସି ସ୍ଥାନରେ ବେଦାନ୍ତର ଏକମାତ୍ର ସର୍ବବୃହତ ନିବେଶକୁ ପ୍ରତିନିଧିତ୍ୱ କରେ। ବିଶ୍ୱସ୍ତରୀୟ ଉତ୍ପାଦନ ଗନ୍ତବ୍ୟସ୍ଥଳ ହେବା ପାଇଁ ରାଜ୍ୟର ବୃଦ୍ଧି ପାଉଥିବା ସମ୍ଭାବନାର ପ୍ରମାଣ ସ୍ୱରୂପ, କମ୍ପାନୀ ଓଡ଼ିଶାର ସର୍ବବୃହତ ନିବେଶ କାର୍ଯ୍ୟକ୍ରମରେ ଏହାର ଉତ୍ପାଦନ ଉତ୍କର୍ଷତା ପ୍ରଦର୍ଶନ କରିବାକୁ ଅପେକ୍ଷା କରିଛି । ଏହା ବିଭିନ୍ନ କ୍ଷେତ୍ରର ଶିଳ୍ପଗୁଡ଼ିକୁ ଦୃଢ଼ ଉତ୍ପାଦନ ଏବଂ ଉଚ୍ଚମାନର ଆଲୁମିନିୟମ ଯୋଗାଣ ବଳରେ ନିର୍ମିତ ଏକ ବୀକ୍ଷିତ ଭାରତର କମ୍ପାନୀର ଦୃଷ୍ଟିକୋଣକୁ ମଧ୍ୟ ପ୍ରଦର୍ଶନ କରିବ। ହଲ୍ ଏ-୧୬ ରେ ପରିଦର୍ଶକମାନେ ବେଦାନ୍ତ ଆଲୁମିନିୟମର ଉତ୍ପାଦନ ଉତ୍କର୍ଷତା, ସ୍ଥାୟୀତ୍ୱ ପଦକ୍ଷେପ ଏବଂ ସାମୁଦାୟିକ ବିକାଶ କାର୍ଯ୍ୟକ୍ରମର ଏକ ଆକର୍ଷଣୀୟ ପ୍ରଦର୍ଶନ ଅନୁଭବ କରିପାରିବେ। ପାଭିଲିୟନରେ ଇଂଟରାକ୍ଟିଭ୍ ପ୍ରଦର୍ଶନ, ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପର ଲାଇଭ୍ ପ୍ରଦର୍ଶନ ଏବଂ ଅଡିଓ-ଭିଜୁଆଲ୍ ଅଭିଜ୍ଞତା ରହିଛି ଯାହା କମ୍ପାନୀର ଉନ୍ନତ କାର୍ଯ୍ୟକୁ ନିକଟରୁ ଦେଖିପାରିବ ।

କମ୍ପାନୀର ଅଂଶଗ୍ରହଣ ବେଦାନ୍ତ ଗ୍ରୁପ୍ ର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କ ନେତୃତ୍ୱରେ ହେବ, ଯାହାଙ୍କ ଉପସ୍ଥିତି କମ୍ପାନୀର ଓଡ଼ିଶା ସହିତ ଗଭୀର ସହଭାଗୀତା ଏବଂ ରାଜ୍ୟର ବିକାଶ ପାଇଁ ଏହାର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ । ତାଙ୍କ ନେତୃତ୍ୱରେ, ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିରେ ଏକ ପ୍ରମୁଖ ଅବଦାନକାରୀ ହୋଇଛି, ଯାହା ରାଜ୍ୟର ମୋଟ ରାଜ୍ୟ ଘରୋଇ ଉତ୍ପାଦର ପ୍ରାୟ ୩% ଏବଂ ୧ ଲକ୍ଷ କୋଟିରୁ ଅଧିକ ଟଙ୍କା ନିବେଶକୁ ପରିଚାଳନା କରୁଛି । ଯାହା ବିଶ୍ୱ ସ୍ତରରେ କମ୍ପାନୀର ଏକମାତ୍ର ସର୍ବବୃହତ ନିବେଶ। ଲାଞ୍ଜିଗଡ଼ରେ ୩.୫ ଏମଟିପିଏ ଆଲୁମିନା ରିଫାଇନାରୀ ଏବଂ ଝାରସୁଗୁଡାରେ ୧.୮ ଏମଟିପିଏ ଆଲୁମିନିୟମ ସ୍ମେଲଟର ଭଳି



ପରିବର୍ତ୍ତନକାରୀ ପ୍ରକଳ୍ପ ସହିତ, ଯାହା ବିଶ୍ୱର ସର୍ବବୃହତ ମଧ୍ୟରୁ ଗୋଟିଏ, ବେଦାନ୍ତ ଆଲୁମିନିୟମ ଓଡ଼ିଶାର ପ୍ରଚୁର ବକ୍ସାଇଟ୍ ଭଣ୍ଡାରକୁ ଘରୋଇ ଏବଂ ଅନ୍ତର୍ଜାତୀୟ ବଜାର ପାଇଁ ଉଚ୍ଚମାନର ଆଲୁମିନିୟମ ଉତ୍ପାଦରେ ପରିଣତ କରି ରାଜ୍ୟ ଭିତରେ ମୂଲ୍ୟ ବୃଦ୍ଧି ପାଇଁ ପ୍ରତିବଦ୍ଧ ।

ଶିଳ୍ପ ଅବଦାନ ବ୍ୟତୀତ, କମ୍ପାନୀର ବ୍ୟାପକ ସାମାଜିକ ବିକାଶ ପଦକ୍ଷେପ ସମଗ୍ର ଓଡ଼ିଶାରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ସ୍ପର୍ଶ କରିଛି। ମହିଳା ଏବଂ ଶିଶୁ ବିକାଶର କେନ୍ଦ୍ର ଭାବରେ କାର୍ଯ୍ୟ କରୁଥିବା ୫୩୧ ନନ୍ଦ ଘର ପ୍ରତିଷ୍ଠା କରିବା ଠାରୁ ଆରମ୍ଭ କରି ଦକ୍ଷତା ତାଲିମ ଏବଂ କ୍ଷୁଦ୍ର ଆର୍ଥିକ ସହାୟତା ମାଧ୍ୟମରେ ୧୦,୦୦୦ ରୁ ଅଧିକ ମହିଳାଙ୍କୁ ସଶକ୍ତ କରିବା ପର୍ଯ୍ୟନ୍ତ, ବେଦାନ୍ତ ଆଲୁମିନିୟମ ଅନ୍ତର୍ଭୁକ୍ତ ଅଭିବୃଦ୍ଧିକୁ ଚାମ୍ପିଅନ୍ କରିଛି । ଲାଞ୍ଜିଗଡ଼ର ଡିଏଭି-ବେଦାନ୍ତ ସ୍କୁଲ ଦ୍ୱାରା ଉଦାହରଣ ସ୍ୱରୂପ ଶିକ୍ଷା ଉପରେ ଏହାର ଧ୍ୟାନ କଳାହାଣ୍ଡିରେ ସାକ୍ଷରତା ହାରକୁ ବୃଦ୍ଧି କରିଛି । ସ୍ୱାସ୍ଥ୍ୟସେବା ବେଦାନ୍ତର ସାମୁଦାୟିକ ସମ୍ପୃକ୍ତିର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବରେ ରହିଛି। ରାଜ୍ୟର ଦୂରଦୂରାନ୍ତ କୋଣରେ, ୪୨,୦୦୦ ରୁ ଅଧିକ ଲୋକଙ୍କ ପାଖରେ ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ପହଂଚିବା ଏବଂ ଲାଞ୍ଜିଗଡ଼ର ବେଦାନ୍ତ ହସ୍ପିଟାଲ ଏବଂ ଝାରସୁଗୁଡା ଏବଂ ଲାଇକେରାରେ ଅତ୍ୟାଧୁନିକ ଡାଇଗ୍ନୋଷ୍ଟିକ୍ ସେଂଟର ଭଳି ଆଧୁନିକ ସ୍ୱାସ୍ଥ୍ୟସେବା ସୁବିଧା ସହିତ, କମ୍ପାନୀ ସମସ୍ତଙ୍କ ପାଇଁ ଗୁଣାତ୍ମକ ଚିକିତ୍ସା ସୁବିଧା ସୁନିଶ୍ଚିତ କରୁଛି। ବେଦାନ୍ତ ଆଲୁମିନିୟମ୍ ଏହାର କାର୍ଯ୍ୟକୁ ବିସ୍ତାର କରିବାକୁ ପ୍ରସ୍ତୁତ ହେଉଥିବାରୁ, ଏହାର ଧ୍ୟାନ ସ୍ଥାୟୀତ୍ୱ ଉପରେ ସ୍ଥିର ରହିଛି । ୨୦୫୦ ସୁଦ୍ଧା କିମ୍ବା ତା'ପୂର୍ବରୁ ନେଟ୍ ଜିରୋ କାର୍ବନ ହାସଲ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତା ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧି ପ୍ରତି ଏହାର ଉତ୍ସର୍ଗକୁ ସ୍ପଷ୍ଟ କରେ।

# ପଟିଆରେ ଖୋଲିଲା ରୋଜ୍ ଟ୍ରାନ୍ସଫରମେସନ୍

ଭୁବନେଶ୍ୱର, (ସବ୍ୟୁ): ପଟିଆ ସ୍ଥିତ ଇନଫୋସିସ୍ ଏଭରେ ରୋଜ୍ ଟ୍ରାନ୍ସଫରମେସନ ଉଦଘାଟିତ ହୋଇଯାଇଛି । ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଧାୟକ ତଥା ଅଭିନେତା ଆକାଶ ଦାସନାୟକ ଓ ଅଭିନେତ୍ରୀ ଅନୁ ଚୌଧୁରୀ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେଛ ଏହି



ଅବସରରେ ସଂସ୍ଥାର ପ୍ରତିଷ୍ଠାତା ତଥା କସ୍ମେଟୋଲୋଜିଷ୍ଟ ଡାଃ ରୋଜାଲିନ୍ ପରିଡା କହିଛନ୍ତି ଯେ ବର୍ତ୍ତମାନ ସମୟରେ ଆମେ ଯେଉଁ ଜଙ୍କ୍ ଫୁଡ୍ ହେଉ ଅବା ରସାୟନିକ ପଦାର୍ଥ ମିଶା ଖାଦ୍ୟ ଖାଉଛୁ ତାହାର କୁ ପ୍ରଭାବ ଆମ ଶରୀର ଉପରେ ପଡୁଛି । ୨୦ରୁ ୨୫ ବର୍ଷ ବୟସରେ ଯୁବପିଢ଼ୀମାନଙ୍କ ଚର୍ମ ଓ କେଶରେ ପରିବର୍ତ୍ତନ ଆସୁଛି । ସେମାନଙ୍କ ସମସ୍ୟାର ସମାଧାନ କରିବ ରୋଜ୍ ଟ୍ରାନ୍ସଫରମେସନ । ଆମେ ବିଜ୍ଞାନ ଓ ପ୍ରକୃତିକୁ ମିଶ୍ରଣ କରି ପ୍ରାକୃତିକ ପଦ୍ଧତିରେ ସମାଧାନ କରିବୁ । ଏହା ହେଉଛି ଏକ ଡିଟକ୍ସ ଏବଂ କୃପା କେନ୍ଦ୍ର ଯେଉଁଠାରେ ଆମେ ସମସ୍ତ ଡିଟକ୍ସ ଏବଂ ୱେଲନେସ କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ପାଇଁ, ଯେପରିକି ଇନଫ୍ରାରେଡ ସୌନା, ମଡ୍ ଥେରାପି, ଭିକି ସାୱାର ଲିମ୍ଫାଟିକ୍ ମସାଜ୍, ଶରୀର ଡିଟକ୍ସ ପ୍ରୋଗ୍ରାମ୍, ସ୍ଲିମିଂ କାର୍ଯ୍ୟକ୍ରମ, ଚର୍ମ ଚିକିତ୍ସା, କେଶ ଚିକିତ୍ସା, ସମସ୍ତ ପ୍ରାକୃତିକ ଉପାୟ ଏବଂ ପ୍ରାକୃତିକ ଉତ୍ପାଦ ଅନ୍ତର୍ଭୁକ୍ତ ରହିଛି । ଆମେ ଆମର ଗ୍ରାହକ ମାନଙ୍କୁ ସର୍ବୋତ୍ତମ ଫଳାଫଳ ଦେବା ପାଇଁ ପ୍ରାଚୀନ ଜ୍ଞାନ ସହିତ ମର୍ଡନ୍ ବିଜ୍ଞାନକୁ ଅନ୍ତର୍ଭୁକ୍ତ କରୁଛୁ । ସମସ୍ତେ ଏହି ସେବାର ଲାଭ ଉଠାଇବାକୁ ଡାଃ ରୋଜାଲିନ୍ ଅନୁରୋଧ କରିଛନ୍ତି ।

# ହାଇଟେକ୍ ଗ୍ରୁପ୍ ସମାଜର ନିମ୍ନ ଓ ମଧ୍ୟବର୍ଗଙ୍କ ପାଇଁ ସର୍ବଦା ଉତ୍ସର୍ଗୀକୃତ

ଭୁବନେଶ୍ୱର (ସବ୍ୟୁ): ଭାରତ ସ୍ୱାଧୀନତାର ପରବର୍ତ୍ତୀ ୭୬ତମ ସାଧାରଣତନ୍ତ୍ର ଦିବସ ହାଇଟେକ୍ ଶିକ୍ଷା ସମୂହ ଅନୁଷ୍ଠାନ ମିଳିତ




ଭାବେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ପାଳିତ ହୋଇଛି। ଏଥିରେ ହାଇଟେକ୍ ଶିକ୍ଷାସମୂହ ଅନୁଷ୍ଠାନର ସହସ୍ରାଧିକ ଛାତ୍ରଛାତ୍ରୀ ଯୋଗ ଦେଇ ସାଧାରଣତନ୍ତ୍ର ଦିବସକୁ ପାଳନ କରିଛନ୍ତି । ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଦେବ ପ୍ରକାଶ ମିଶ୍ର ଯୋଗଦାନ କରିଥିବାବେଳେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ସମ୍ଭାଷଣରେ କହିଥିଲେ ଯେ, ଓଡିଶାର ପ୍ରଥମ ଘରୋଇ ହସ୍ପିଟାଲ୍ ଭାବରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ସହସ୍ରାଧିକ ଗରିବ ଓ ମଧ୍ୟବିତ୍ତ ପରିବାରଙ୍କୁ ନିଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛି । ଏହି ସେବା ନିରନ୍ତର ଜାରି ରହିବା ସହ ଶିକ୍ଷାକ୍ଷେତ୍ରରେ ମଧ୍ୟ ସାହାଯ୍ୟ ସହଯୋଗର ହାତ ବଢାଇବାକୁ ମଞ୍ଚରୁ ଆହ୍ୱାନ ଦେଇଛନ୍ତି । ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାଣିଗ୍ରାହୀ, ନିର୍ଦ୍ଦେଶକ ଡ.ରାକେଶ କୁମାର ପାଣିଗ୍ରାହୀ, ନିର୍ଦ୍ଦେଶକ ଇଂ ସନ୍ତୋଷ କୁମାର ଚୌଧୁରୀ, ନିର୍ଦ୍ଦେଶିକା ସାବିତ୍ରୀ ପାଣିଗ୍ରାହୀ, ନିର୍ଦ୍ଦେଶିକା ମଧୁସ୍ମିତା ତ୍ରିପାଠୀ, ନିର୍ଦ୍ଦେଶିକା ଅଙ୍କିତା ପାଣିଗ୍ରାହୀ, ନିର୍ଦ୍ଦେଶିକା ପ୍ରୀତି ଚୌଧୁରୀ ଯୋଗ ଦେବା ସହ ହାଇଟେକ୍ ମେଡିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର୍ ଡ. ରାଧାମାଧବ ତ୍ରିପାଠୀ, ଉପାଧ୍ୟକ୍ଷା ପ୍ରଫେସର୍ ଡ. ଲିସାଷଡଙ୍ଗୀ, ହୃଦ୍ ଚିକିତ୍ସାବିତ୍ ତଥା ଡିନ୍ ଓ ଡାଇରେକ୍ଟର ଡ. ଅକ୍ଷୟ କୁମାର ସାମଲ, ମେଡିକାଲ ସୁପରିଟେଣ୍ଡେଣ୍ଟ ଡ. ରବିନ୍ଦ୍ର ନାଥ ବେହେରା ଉପସ୍ଥିତ ରହି ବିଦ୍ୟାର୍ଥୀମାନଙ୍କୁ ଦେଶ ସେବା ପାଇଁ ଉତ୍ସର୍ଗୀକୃତ ଜୀବନ ଅତିବାହିତ କରିବାକୁ ଆହ୍ୱାନ ଦେଇଥିଲେ । ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନର ବିଶିଷ୍ଟ ଶିକ୍ଷାବିତ୍, ଡାକ୍ତର, ପ୍ରଫେସର୍, ଚିକିତ୍ସାବିତ୍, ଲାବୋରୋରୀ ଟେକ୍ନିସିଆନ୍, ସଫେଇ କର୍ମଚାରୀଙ୍କର ନିରନ୍ତର ଉତ୍ସାହ ମୂଳକ ସେବା କାର୍ଯ୍ୟ ପାଇଁ ସମ୍ମାନିତ କରାଯିବା ସହ ହାଇଟେକ୍ ପବ୍ଲିକ୍ ସ୍କୁଲ ଓ ବିଜ୍ଞାନ ମହାବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଆଡ୍‌ମିନ୍‌ଷ୍ଟ୍ରେଟିଭ୍ ଅଫିସର୍ ଗୋପେଶ୍ୱର ଆଚାର୍ଯ୍ୟ ଉପସ୍ଥାପନା କରିଥିଲେ।

# ୩୮ତମ ଜାତୀୟ କ୍ରୀଡ଼ା ପ୍ରସ୍ତୁତିର ସମୀକ୍ଷା କଲେ ଉତରାଖଣ୍ଡ କ୍ରୀଡ଼ା ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ଆଜି ଏକ ବିସ୍ତୃତ ଅଂଶୀଦାର ବୈଠକରେ ଉତରାଖଣ୍ଡର ମାନ୍ୟବର କ୍ରୀଡ଼ା ମନ୍ତ୍ରୀ ଶ୍ରୀମତୀ ରେଖା ଆର୍ଯ୍ୟ ୩୮ତମ ଜାତୀୟ କ୍ରୀଡ଼ା ୨୦୨୫ ପାଇଁ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏହି ବୈଠକରେ ଜାତୀୟ କ୍ରୀଡ଼ା ସଚିବାଳୟର ସିଇଓ ଅମିତ କୁମାର ସିହ୍ନା, କ୍ରୀଡ଼ା ବିଭାଗର ସ୍ୱତନ୍ତ୍ର ପ୍ରମୁଖ ଶାସନ ସଚିବ ପ୍ରଶାନ୍ତ ଆର୍ଯ୍ୟ, କ୍ରୀଡ଼ା ବିଭାଗନିର୍ଦ୍ଦେଶକ ପ୍ରଶାନ୍ତ ଆର୍ଯ୍ୟ ଓ ଅନ୍ୟ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। କ୍ରୀଡ଼ାମନ୍ତ୍ରୀଙ୍କୁ ଭେଟିବା ପରେ ସେ କହିଛନ୍ତି, ସମସ୍ତ ଜିଲ୍ଲାସ୍ତରୀୟ ଇଭେଟ୍ ସ୍ଥାନରେ ଭେନ୍ୟୁ ମ୍ୟାନେଜରଙ୍କୁ ନିୟୋଜିତ କରାଯାଇଛି। ଅଧିକାଂଶ ସ୍ଥାନ ହସ୍ତାନ୍ତର କାର୍ଯ୍ୟ ଶେଷ ହୋଇସାରିଥିବା ବେଳେ ଜାନୁଆରି ୨୨ ତାରିଖ ସନ୍ଧ୍ୟା ସୁଦ୍ଧା ଅବଶିଷ୍ଟ ସ୍ଥାନ ଚୂଡ଼ାନ୍ତ ହେବ । ଭେନ୍ୟୁ ମ୍ୟାନେଜରମାନେ ଚୂଡ଼ାନ୍ତ ସୌନ୍ଦର୍ଯ୍ୟକରଣର ତଦାରଖ କରିବେ ଏବଂ ଇଭେଟ୍ ସ୍ଥାନଗୁଡ଼ିକୁ ଫିନିସିଂ ସ୍ପର୍ଶ ଦେବେ। ମନ୍ତ୍ରୀ ସମ୍ପୃକ୍ତ ସମସ୍ତଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇବା ସହ ସଫଳ ଜାତୀୟ କ୍ରୀଡ଼ା ଆୟୋଜନ ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜାତୀୟ କ୍ରୀଡ଼ା ସଚିବାଳୟର ସିଇଓ ଅମିତ କୁମାର ସିହ୍ନା ମଧ୍ୟ ସମାନ ମତ ବ୍ୟକ୍ତ କରିଥିଲେ ଏବଂ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ପାଇଁ ଦାୟିତ୍ୱରେ ଥିବା ଏଜେନ୍ସିଗୁଡ଼ିକ ସହିତ ଶୀର୍ଷ ଅଧିକାରୀମାନେ ନିୟୋଜିତ ହୋଇଥିଲେ।

## ପ୍ରାଣକୃଷ୍ଣ ପରିଜା ଉଦ୍ୟାନରେ ସାଧାରଣତନ୍ତ୍ର ଦିବସ
# ଅଭିଷେକ ସ୍ୱାଇଁଙ୍କୁ ପ୍ରାଣକୃଷ୍ଣ ଛାତ୍ର ଗୌରବ ସମ୍ମାନ




କଟକ, (ସ୍ୱପ୍ର): ୭୬ତମ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ୫୩ ନମ୍ବର ୱାର୍ଡ ଭିଜିଲାନ୍ସ କଲୋନୀ ଛକ ସ୍ଥିତ ମାଗୁଣୀ ଟି ଷ୍ଟଲ ସମ୍ମୁଖ ପ୍ରାଣକୃଷ୍ଣ ପରିଜା ଉଦ୍ୟାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରଧାନ ଶିକ୍ଷକ ହରିହର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣତନ୍ତ୍ର ଉତ୍ସବରେ ମୁଖ୍ୟଅତିଥିଭାବେ ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ପତାକା ଉତ୍ତୋଳନ କରି ଦେଶଗଠନରେ ପ୍ରାଣବଳି ଦେଇଥିବା ମହାପୁରଷମାନଙ୍କ ଗାଥା ବର୍ଣ୍ଣନା କରିଥିଲେ । ଏଥିରେ ୫୩ ନମ୍ବର ୱାର୍ଡ କର୍ପୋରେଟର ଅରବିନ୍ଦ ଜେନା, ୫୨ ନମ୍ବର ୱାର୍ଡ କର୍ପୋରେଟର ସୌଭାଗିନୀ ଜେନା, ପୂର୍ବତନ କର୍ପୋରେଟର ହୃଷିକେଶ ପ୍ରଧାନ, ଶିକ୍ଷକ ତଥା ସାହିଅଧିକାରୀ ପ୍ରମୋଦ ଭୋଳ, ସାମ୍ବାଦିକ ସମୀର କର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ଗତ ମାଟ୍ରିକ ପରୀକ୍ଷାରେ ଏ ୱାନ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ନୂଆବଜାର ଶିଶୁ ମନ୍ଦିର ଛାତ୍ର ଅଭିଷେକ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଣିକି ପ୍ରତ୍ୟେକ ବର୍ଷ ଏହି ଦିନରେ ସ୍ଥାନୀୟ ଅଞ୍ଚଳର ଜଣେ ସର୍ବୋଚ୍ଚ ନମ୍ବରଧାରୀ ଛାତ୍ରଙ୍କୁ ପୁରସ୍କୃତ କରାଯିବ ବୋଲି ଏଠାରେ ଘୋଷଣା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସରୋଜ ରାଉତ, ଚିତ୍ତରଞ୍ଜନ ନାୟକ, ବିନୋଦ କୁମାର ବେହେରା, ଅକ୍ଷୟ କୁମାର ପରିଡା, ସଞ୍ଜୟ ସାହୁ, ଆଡ଼ଭୋକେଟ ପୂର୍ଣ୍ଣଚନ୍ଦ୍ର ମହାରଣା, ଦେବଦତ୍ତ ରାଉତ, ମାଗୁଣୀ ଦାସ, ସମରେନ୍ଦ୍ର ମହାପାତ୍ର, ନଗେନ ଦାସ, ପ୍ରଭାକର ମଲ୍ଲିକ, ଶୈଳେନ୍ଦ୍ର ଭୋଳ ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧରଣ ଉପସ୍ଥିତ ଥିଲେ। ଶେଷରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

# କେନ୍ଦ୍ରାପଡ଼ାରେ ୩ଟି ଶୀତଳ ଭଣ୍ଡାର ପାଇଁ ବୈଜୟନ୍ତ ପଣ୍ଡାଙ୍କ ପ୍ରସ୍ତାବ

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରରେ ପ୍ରଥମ ପର୍ଯ୍ୟାୟରେ ଅନୁନ୍ୟ ୩ ଟି ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପ୍ରସ୍ତାବ ଦେଇଛନ୍ତି ଶ୍ରୀ ପଣ୍ଡା ଏନେଇ ରାଜ୍ୟର ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କୁ ଏକ ପତ୍ର ଲେଖି ପ୍ରସ୍ତାବ ଦେଇଛନ୍ତି । ଗତ ୨୧ ତାରିଖରେ ରାଜ୍ୟ କ୍ୟାବିନେଟ ବୈଠକ ନିଷ୍ପତି ଅନୁଯାୟୀ ରାଜ୍ୟରେ ୫୮ ଟି ଶୀତଳ ଭଣ୍ଡାର ସ୍ଥାପନ ପାଇଁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି ସେଥିପାଇଁ ସ୍ଥାୟୀ ପୁଞ୍ଜି ବ୍ୟୟର ୬୦% ଓ ସର୍ବାଧିକ ୬ କୋଟି ଟଙ୍କା ପର୍ଯ୍ୟନ୍ତ ସବସିଡ଼ି ମିଳିବ ଅନ୍ୟାନ୍ୟ ହିତାଧିକାରୀଙ୍କୁ ସ୍ଥାୟୀ ପୁଞ୍ଜି ଖର୍ଚ୍ଚର ୫୦% ବା ସର୍ବାଧିକ ୬ କୋଟି ପର୍ଯ୍ୟନ୍ତ ସବସିଡ଼ି ମିଳି ପାରିବ ସେହିପରି ଏହି ବ୍ୟବସ୍ଥାରେ କେନ୍ଦ୍ର ସରକାରଙ୍କର ୩% ଓ ରାଜ୍ୟ ସରକାରଙ୍କର ୩% ସବସିଡ଼ି ସାମିଲ ଅଛି, ୬% ପର୍ଯ୍ୟନ୍ତ ସୁଧ ମିଳିବା



ସହିତ ୭ ବର୍ଷ ପର୍ଯ୍ୟନ୍ତ ବିଦ୍ୟୁତ ଶୁଳ୍କରେ ୫୦% ସବସିଡ଼ି ଯୋଗାଇ ଦିଆଯିବ ଏହି ପଦକ୍ଷେପକୁ ଶ୍ରୀ ପଣ୍ଡା ସ୍ୱାଗତ କରିବା ସଙ୍ଗେ ସଙ୍ଗେ କହିଛନ୍ତି କି କେନ୍ଦ୍ରାପଡ଼ା ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା ଏବଂ ଏହି ଜିଲ୍ଲାର ଚାଷୀ ଭାଇମାନେ ମୁଖ୍ୟତଃ ଶସ୍ୟ ଜାତୀୟ ଫସଲ, ପନିପରିବା, ମତ୍ସ୍ୟ ଓ ଦୁଗ୍ଧ ଜାତୀୟ ଉତ୍ପାଦ ଉପରେ ନିର୍ଭରଶୀଳ କିନ୍ତୁ ଜିଲ୍ଲାରେ ଶୀତଳ ଭଣ୍ଡାର ଅଭାବରୁ ଚାଷୀ ଭାଇମାନେ ଅନେକ ସମୟରେ ଆଭାବି ବିକ୍ରୀର ସମ୍ମୁଖୀନ ହେଉଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ଅନୂନ୍ୟ ୩ ଟି ଶୀତଳ ଭଣ୍ଡାର ସ୍ଥାପନ ହେଲେ ଚାଷୀ ଭାଇ ମାନଙ୍କର ଉକ୍ତ ସମସ୍ୟାର ସମାଧାନ ହୋଇପାରିବ ଏବଂ ପରବର୍ତ୍ତୀ ସମୟରେ କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ବ୍ଲକରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ନିଷ୍ପତି ନେବାପାଇଁ ଶ୍ରୀ ପଣ୍ଡା ଉପ-ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରି ଏକ ଲିଖିତ ପ୍ରସ୍ତାବ ଦେଇଛନ୍ତି ।

# କ୍ରିଷ୍ଣାମୂର୍ତ୍ତୀ ୱାର୍ଲ୍ଡ ସ୍କୁଲରେ ୭୬ ତମ ଜନରାଜ୍ୟ ଦିବସ

କଟକ,(ସବ୍ୟୁ): କଟକ ସଦର ଜରିପଡ଼ା ନିକଟସ୍ଥ କ୍ରିଷ୍ଣାମୂର୍ତ୍ତୀ ୱାର୍ଲ୍ଡ ସ୍କୁଲରେ ୭୬ ତମ ଜନରାଜ୍ୟ ଦିବସ ମହାଆଡମ୍ବରରେ ପାଳିତ ହୋଇ ଯାଇଛିଛ ଜୟ ଭାରତ ସ୍ୱାଇସେସେ ପ୍ରାଇଭେଟ୍ ଲିଃ. ର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଏନସିସି, ସ୍କାଉଟ ଛାତ୍ରଛାତ୍ରୀଙ୍କ ତରଫରୁ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ସେ ଛାତ୍ର ଛାତ୍ରୀ ମାନଙ୍କୁ ଆମ ଦେଶକୁ ସ୍ୱାଧୀନ ଓ ସମ୍ବିଧାନ ଦେଇଥିବା ମହାପୁରୁଷ ମାନଙ୍କ ବଳିଦାନ କୁ ସଦା ମନେରଖିବା ଉଚି୍ ବୋଲି କହିଥିଲେ। ପିଲାମାନେ କେବଳ ଡାକ୍ତର,ଇଞ୍ଜିନିୟର ବା କଲେକ୍ଟର ହେବାର ସ୍ୱପ୍ନ ନ ଦେଖି ଜଣେ ଭଲ ଉଦ୍ୟୋଗପତି ଟିଏ ହେବାକୁ ପରାମର୍ଶ ଦେଇଥିଲେ । ଶ୍ରୀଯୁକ୍ତ ପଣ୍ଡା ତାଙ୍କ ଜୀବନର ସଂଘର୍ଷମୟ ଅଭୁଲା ସ୍ମୃତିକୁ ମନେ ପକାଇ କିଭଳି ଭାରତ ମସଲା ଭଳି କମ୍ପାନୀକୁ ଆଜି ଦେଶ ବିଦେଶରେ ପହଞ୍ଚାଇ ପାରିଛନ୍ତି ସେ ଅନୁଭୂତିକୁ ପିଲାମାନଙ୍କୁ ବାଣ୍ଟିଥିଲେ । ଏଥିରେ ସମ୍ମାନୀତ ଅତିଥି ଭାବେ କଟକ ଜିଲ୍ଲା ସାମ୍ବାଦିକ ୟୁନିୟନର ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗ ଦେଇ ପିଲାମାନଙ୍କୁ ମଧୁବାବୁଙ୍କ ଭଳି ସ୍ୱାଭିମାନୀ ହୋଇ ଭବିଷ୍ୟତରେ ଭଲ ମଣଷଟିଏ ହେବାକୁ ଆହ୍ୱାନ ଦେଇଥିଲେଛ ସ୍କୁଲର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାସ ଏଥିରେ ସଭାପତିତ୍ୱ କରି, ପିଲାମାନଙ୍କୁ ଦେଶର ସୁରକ୍ଷା ଓ କର୍ତ୍ତବ୍ୟ ପ୍ରତି ସଜାଗ ରହିବାକୁ ଉତ୍ସାହିତ କରିଥିଲେ । ସେଣ୍ଟ ଜାଭିୟର୍ସ ଓ କ୍ରିଷ୍ଣାମୂର୍ତ୍ତୀ ସ୍କୁଲର ସିଇଓ ମୁକେଶ ସରାଫ୍ ଏଥିରେ ଯୋଗଦାନ ପୂର୍ବକ ପିଲାମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରି ଥିଲେଛ ମଣ୍ଟେଶ୍ୱରୀ ଠାରୁ ହାଇସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଓଡ଼ିଆ, ଇଂରାଜୀ ଏବଂ ହିନ୍ଦୀରେ ବକ୍ତୃତା ପ୍ରତିଯୋଗିତା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା । ବିଦ୍ୟାଳୟର ମୁଖ୍ୟ ନିର୍ଦ୍ଦେଶକ ଡଃ. ଜି.ଏସ ପଟ୍ଟନାୟକ, ନିର୍ଦ୍ଦେଶକ ଡଃ. ପ୍ରଭୁ ଚରଣ ମହାନ୍ତି ,ବିଦ୍ୟାଳୟର ସମସ୍ତ କର୍ମଚାରୀ ଏହି ଉତ୍ସବକୁ ପରିଚାଳନା କରିବାରେ ସହଯୋଗ କରିଥିଲେ । ଶେଷରେ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

# ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗ ପକ୍ଷରୁ ଗଣତନ୍ତ୍ର ଦିବସ

ଭୁବନେଶ୍ୱର (ସବ୍ୟୁ): ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗ ଏହାର ଖଣି ସ୍ଥଳ ଏବଂ କର୍ପୋରେଟ୍ କାର୍ଯ୍ୟାଳୟରେ ୭୬ତମ ଗଣତନ୍ତ୍ର ଦିବସ ପାଳନ କରିଛି । ନୂଆଗାଁ, ନାରାୟଣପୋଷି, ଗଣୁଆ ଏବଂ ଜଜାଙ୍ଗ ଭଳି ଖଣି ସ୍ଥାନରେ ପତାକା ଉତ୍ତୋଳନ ଉତ୍ସବ ସହିତ ଉତ୍ସବ ଆରମ୍ଭ ହୋଇଥିଲା ।

ଶ୍ରୀ ପୁନିତ ଜଗତରାମକା, କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ – ବାଣିଜ୍ୟିକ ଏବଂ ପର୍ଚେଜ୍, ସିପିସି (OPEX ଏବଂ ବ୍ୟବସାୟ ଆନାଲିଟିକ୍ସ) ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଥିଲେ । ଶ୍ରୀ ଜଗତରାମକା, ଜେଏସଡବ୍ଲୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗ ଦଳ ସହିତ ଦେଶପ୍ରେମପୂର୍ଣ୍ଣ କାର୍ଯ୍ୟକଳାପ ଉପଭୋଗ କରିଥିଲେ, ଯେଉଁଥିରେ ଓଡ଼ିଶା ବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡା, ଅପରେସନ୍ ମୁଖ୍ୟ ରାମ ଶଙ୍କର ଶର୍ମା, ମାନବ ସମ୍ବଳ ମୁଖ୍ୟ ଚିତ୍ତରଞ୍ଜନ ବାହିନୀପତି ଏବଂ ଅନ୍ୟମାନେ ସାମିଲ ଥିଲେ । ୭୬ତମ ଗଣତନ୍ତ୍ର ଦିବସ ଅବସରରେ, ପୁନିତ ଜଗତରାମକା ଆଇନ ପାଳନ ଏବଂ ଆମ କାର୍ଯ୍ୟରେ ନୈତିକ ମାନଦଣ୍ଡ ବଜାୟ ରଖିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସମୟରେ, ପ୍ରସନ୍ନ ପଣ୍ଡା



ଗୁରୁତ୍ୱାରୋପ କରିଥିଲେ ଯେ ଗଣତନ୍ତ୍ର ଦିବସ ହେଉଛି ଭାରତୀୟ ସମ୍ବିଧାନର ଏକ ଉତ୍ସବ, ଯାହା ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱର ନୀତିକୁ ପ୍ରତିପାଦିତ କରିଥାଏ । ସାଂସ୍କୃତିକ କାର୍ଯ୍ୟକଳାପ କାର୍ଯ୍ୟକ୍ରମକୁ ଦେଶପ୍ରେମର ଭାବନାରେ ପରିପୂର୍ଣ୍ଣ କରିଥିଲା । ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ସୁରକ୍ଷା ଦଳର ପରେଡ୍ ଦର୍ଶକଙ୍କଠାରୁ ଉତ୍ସାହଜନକ କରତାଳି ପାଇଥିଲା । ଏହା ବ୍ୟତୀତ, ଓଡ଼ିଶୀ ଏବଂ ପାଇକା ପୁଅ ନୃତ୍ୟ ପ୍ରଦର୍ଶନ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ।

# ପ୍ରୟାଗରାଜରେ ଅମିତ ଶାହ

**ଲକ୍ଷ୍ନୌ:** ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ତାଙ୍କ ପୁଅ ତଥା ଆଇସିସି ଚେୟାରମ୍ୟାନ ଜୟ ଶାହା ସୋମବାର ଜାନୁଆରି ୨୭ ଦିନ ମହାକୁମ୍ଭରେ ପହଞ୍ଚିଛନ୍ତି । ବାପା ଓ ପୁଅଙ୍କ ସମେତ ସମଗ୍ର ଶାହାଙ୍କ ପରିବାର ମହାକୁମ୍ଭରେ ପବିତ୍ର ବୁଡ଼ ପକାଇବାକୁ ଆସିଛନ୍ତି । ଅମିତ ଶାହା ତାଙ୍କ ନବଜାତ ନାତିକୁ ମଧ ମହାକୁମ୍ଭକୁ ସାଙ୍ଗରେ ଆଣିଛନ୍ତି । ଏକ ଭିଡିଓରେ ଶାହାଙ୍କ ନାତିକୁ ସନ୍ଥ ଆଶୀର୍ବାଦ କରୁଥିବାର ଦେଖିବାକୁ ମିଳିଛି । ଏହି ଭିଡିଓରେ, ଜୟ ଶାହା ତାଙ୍କ ପୁଅକୁ ସାଧୁସନ୍ଥଙ୍କ ପାଖକୁ ନେଇ ଯାଉଥିବାର ଦେଖାଯାଉଛି । ଏହି ସମୟରେ ଅମିତ ଶାହାଙ୍କୁ ମଧ ସାଧୁସନ୍ଥମାନଙ୍କ ସହିତ ଠିଆ ହୋଇଥିବାର ଦେଖିବାକୁ ମିଳୁଛି । ଏହା ପରେ, ଅମିତ ଶାହା ତାଙ୍କ ନାତିକୁ କୋଳରେ ଧରି ସନ୍ଥମାନଙ୍କଠାରୁ ଆଶୀର୍ବାଦ ନେଉଥିବାର ନଜର ଆସୁଛି । ଏହି ସ୍ୱତନ୍ତ୍ର ମୁହୂର୍ତ୍ତରେ ତିନିଜଣ ଜେଜେବାପା, ବାପା ଏବଂ ନାତି ଗେରୁଆ ରଙ୍ଗର ପୋଷାକ ପିନ୍ଧିଥିବା ଭିଡିଓରେ ଦେଖିବାକୁ ମିଳୁଛି । ମହାକୁମ୍ଭକୁ ଯିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସୋସିଆଲ



ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, 'ସମଗ୍ର ବିଶ୍ୱକୁ ସମାନତା ଏବଂ ସମନ୍ୱୟର ବାର୍ତ୍ତା ଦେଉଥିବା ସନାତନ ଧର୍ମର ମହାକୁମ୍ଭ କେବଳ ଏକ ତୀର୍ଥସ୍ଥଳ ନୁହେଁ ବରଂ ଦେଶର ବିବିଧତା, ବିଶ୍ୱାସ ଏବଂ ଜ୍ଞାନ ପରମ୍ପରାର ଏକ ସଙ୍ଗମସ୍ଥଳ ।

# ୱାକଫ୍ ସଂଶୋଧନ ବିଲକୁ ଜେପିସିର ମଞ୍ଜୁରୀ

**ନୂଆଦିଲ୍ଲୀ :** ସଂସଦର ଯୁଗ୍ମ କମିଟି (ଜେପିସି) ସୋମବାର ୱାକଫ୍ ବିଲରେ ହୋଇଥିବା ପରିବର୍ତ୍ତନକୁ ଅନୁମୋଦନ କରିଛି । ସୋମବାର ବସିଥିବା ଚୂଡ଼ାନ୍ତ ବୈଠକରେ ସମସ୍ତ ୪୪ଟି ସଂଶୋଧନ ଉପରେ ଆଲୋଚନା ହୋଇଥିବା ଜେପିସି ସଭାପତି ଜଗଦମ୍ବିକା ପାଲ କହିଛନ୍ତି । ସେଥିମଧ୍ୟରୁ ଏନଡିଏ ସାଂସଦଙ୍କ ୧୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ବିରୋଧୀ ଦଳ ସଦସ୍ୟମାନେ ମଧ କିଛି ପ୍ରସ୍ତାବ ଦେଇଥିଲେ, କିନ୍ତୁ ମତଦାନ ସମୟରେ ତାହାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ।

ୱାକଫ୍ (ସଂଶୋଧନ) ବିଲ୍ ଉପରେ ଯୁଗ୍ମ ସଂସଦୀୟ କମିଟି ବଜେଟ୍ ଅଧିବେଶନରେ ଏହାର ରିପୋର୍ଟ ଦାଖଲ କରିବ । ସଂସଦର ଶୀତକାଳୀନ ଅଧିବେଶନ ସମୟରେ କମିଟିର କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା । ୱାକଫ୍ ସମ୍ପତ୍ତିକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ଦିଷ୍ଟ ୱାକ୍ଅପ୍ ଆକ୍ଟ ୧୯୯୫କୁ ଅବ୍ୟବସ୍ଥା, ଦୁର୍ନୀତି ଓ ଜବରଦଖଲ ଭଳି ପ୍ରସଙ୍ଗରେ ସମାଲୋଚନା କରାଯାଇଛି ।



ବୈଠକ ପରେ ଜେପିସି ସଭାପତି ଜଗଦମ୍ବିକା ପାଲ କହିଛନ୍ତି ଯେ କମିଟି ଦ୍ୱାରା ଗୃହୀତ ସଂଶୋଧନ ଆଇନକୁ ଅଧିକ ଉନ୍ନତ ଏବଂ ପ୍ରଭାବଶାଳୀ କରିବ । ତେବେ ବିରୋଧୀ ସାଂସଦମାନେ ବୈଠକର କାର୍ଯ୍ୟକୁ ନିନ୍ଦା କରିବା ସହ ପାଲ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥିବା ଅଭିଯୋଗ କରିଛନ୍ତି । ଟିଏମସି ସାଂସଦ କଲ୍ୟାଣ ବାନାର୍ଜୀ କହିଛନ୍ତି ଯେ ଏହି ପର୍ଯ୍ୟାୟ ବୈଠକ ହାସ୍ୟାସ୍ପଦ ଥିଲା । ଆମକଥା ଶୁଣାଗଲା ନାହିଁ । ପାଲ ଏକଛତ୍ରବାଦୀ ଢଙ୍ଗରେ କାର୍ଯ୍ୟ କରିଛନ୍ତି । ଏହାର ଜବାବରେ ପାଲ କହିଛନ୍ତି ଯେ ସମଗ୍ର ପ୍ରକ୍ରିୟା ଗଣତାନ୍ତ୍ରିକ ଏବଂ ସଂଖ୍ୟାଗରିଷ୍ଠଙ୍କ ମତାମତକୁ ପ୍ରାଥମିକତା ଦିଆଯାଇଛି ।

# କେନ୍ଦ୍ର ବଜେଟକୁ ନେଇ ବଢୁଛି ଉତ୍କଣ୍ଠା

**ନୂଆଦିଲ୍ଲୀ:** ଫେବୃଆରୀ ପହିଲାରେ ଅର୍ଥମନ୍ତ୍ରୀ ସିତାରମଣ ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ବଜେଟ୍ ଉପସ୍ଥାପନ କରିବେ । ମୋଦିଙ୍କ ତୃତୀୟ ପାଳି ଶାସନର ଏହି ପ୍ରଥମ ବଜେଟ୍‌ରେ ଲୋକଙ୍କର ଅନେକ ଆଶା ରହିଛି । ନିର୍ମଳା ସୀତାରମଣ ଲଗାତର ଅଷ୍ଟମ ଥର ଲାଗି କେନ୍ଦ୍ର ବଜେଟ୍ ଉପସ୍ଥାପନ କରୁଛନ୍ତି । ବଜେଟ୍ ଉପରେ ବିଶେଷକରି ମଧ୍ୟବିତ୍ତ ବର୍ଗ, ନିମ୍ନ ମଧ୍ୟବିତ୍ତ ବର୍ଗ, ଶ୍ରମିକ, ଏମ୍ଏସ୍ଏମ୍ଇ କ୍ଷେତ୍ରର ଆଖି ରହିଛି । ସେମାନଙ୍କ ପାଇଁ କ'ଣ ଘୋଷଣା ହେବ ଏବେ ମୂଳ ପ୍ରଶ୍ନ ସୃଷ୍ଟି ହୋଇଛି । ନିର୍ମଳା ସୀତାରମଣ ପୂର୍ବ ଅର୍ଥମନ୍ତ୍ରୀ ମୋରାଜୀ ଦେଶାଇଙ୍କ ରେକର୍ଡ ଭାଙ୍ଗିଛନ୍ତି । ସ୍ୱର୍ଗତ ଦେଶାଇ କ୍ରମାଗତ ୬ ଥର ବଜେଟ୍ ଉପସ୍ଥାପନ କରିଥିଲେ । ବଜେଟ୍‌କୁ ନେଇ ଲୋକଙ୍କ ଆଶା ରହିଛି ଯେ ଦରଦାମ କମିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ମଧ୍ୟବିତ୍ତ ବର୍ଗ ଟିକସରେ ହ୍ରାସ ପାଇଁ ଆଶା ରଖିଛନ୍ତି । ପୁରୁଣା ଟ୍ୟାକ୍ସ ଧାରା



ବଦଳିବ ବୋଲି ଆଶା ରଖିବା ସହ ବାର୍ଷିକ ୧୦ ଲକ୍ଷ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତି ଆଦୌ ଆୟକର ଦେବେନାହିଁ ବୋଲି ଆଶା ବାନ୍ଧିଛନ୍ତି । ତେବେ ଆର୍ଥିକ ଅଭିବୃଦ୍ଧି ଓ ଆର୍ଥିକ ସ୍ଥିତି ମଧ୍ୟରେ ସମତୁଲ ରକ୍ଷା କରି ବଜେଟ୍ ଆସିବ ବୋଲି ଆଶା କରାଯାଉଛି । ତେବେ ମୁଦ୍ରାସ୍ଫିତି ବୃଦ୍ଧି ଏବେ ଆହ୍ୱାନ ସୃଷ୍ଟି କରିଛି । ବିଭିନ୍ନ ଶିଳ୍ପପତିମାନେ ମଧ ବଜେଟ୍‌କୁ ନେଇ ତାଙ୍କ ଆଶା ରଖିଛନ୍ତି । ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ କହିଛନ୍ତି ଯେ ଇସ୍ପାତ କ୍ଷେତ୍ରର ଚାହିଦାକୁ ନେଇ ସରକାର ଏହାକୁ ପ୍ରୋତ୍ସାହିତ କରିବା ଦରକାର । ଭିତ୍ତିଭୂମି କ୍ଷେତ୍ରରେ ଅଧିକ ବିନିଯୋଗ ଉପରେ ଫୋକସ ରହିବା ଆବଶ୍ୟକ । ବିଶେଷକରି ରେଳ, ଜଳପଥ, କୋଷ୍ଟାଲ ସିପିଂ ଆଦି ଗୁରୁତ୍ୱ ଦେବାର ଆବଶ୍ୟକ ରହିଛି । ଏହାଛଡା ଆମେ ଆମଦାନୀ ଶୁଳ୍କକୁ ଶୂନ କରିବା ପାଇଁ ପ୍ରସ୍ତାବ ରଖିଛୁ । ଅଧିକାଂଶ କଞ୍ଚାମାଲ ଉପରେ ଶୂନ ଶୁଳ୍କ ହେଲେ ଉତ୍ପାଦନ ବୃଦ୍ଧି ପାଇବ । ଯଥା ମୋଲିବେଡ୍‌ନମ୍ ଓର୍, ପିଓର ନିକେଲ, ଫେରୋ ନିକେଲ, ଷ୍ଟେନ୍‌ଲେସ୍ ଷ୍ଟିଲ୍, ସ୍କ୍ରାବ୍ ଆଦି କ୍ଷେତ୍ରକୁ ସେ ଫୋକସ କରିଛନ୍ତି ।

# ଚୀନ-ଭାରତ ବୈଦେଶିକ ସଚିବ ସ୍ତରୀୟ କଥା ବାର୍ତ୍ତା

**ବେଜିଂ :** ବୈଦେଶିକ ସଚିବ ବିକ୍ରମ ମିସ୍ରି ସୋମବାର ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟିଙ୍କୁ ଭେଟି ଦ୍ୱିପାକ୍ଷିକ ସ୍ୱାର୍ଥ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ବୈଦେଶିକ ମନ୍ତ୍ରୀ ହେବା ବ୍ୟତୀତ ୱାଙ୍ଗ ଶାସକ କମ୍ୟୁନିଷ୍ଟ ପାର୍ଟିର ଶକ୍ତିଶାଳୀ ରାଜନୈତିକ ବ୍ୟୁରୋର ସଦସ୍ୟ ଏବଂ ଭାରତ-ଚୀନ୍ ସୀମା ବ୍ୟବସ୍ଥା ପାଇଁ ଚୀନର ସ୍ୱତନ୍ତ୍ର ପ୍ରତିନିଧି । ଗତ ମାସରେ ସ୍ୱତନ୍ତ୍ର ପ୍ରତିନିଧି ବ୍ୟବସ୍ଥା ଅଧୀନରେ ୱାଙ୍ଗ୍ ଓ ଭାରତର ଏନଏସଏ ଅଜିତ ଡୋଭାଲଙ୍କ ମଧ୍ୟରେ ଆଲୋଚନା ପରେ ମିସ୍ରିଙ୍କ ଚୀନ୍ ଗସ୍ତ ହୋଇଛି । ମିସ୍ରିଙ୍କ ସହ ସାକ୍ଷାତରେ ୱାଙ୍ଗ ଦର୍ଶାଇଛନ୍ତି ଯେ ଗତବର୍ଷ ଋଷିଆର କାଜାନରେ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ହୋଇଥିବା ବୈଠକ ପରଠାରୁ ଉଭୟ ପକ୍ଷ ଦୁଇ ଦେଶର ନେତାଙ୍କ ମଧ୍ୟରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସହମତିକୁ ଆନ୍ତରିକତାର ସହ କାର୍ଯ୍ୟକାରୀ କରିଛନ୍ତି ଏବଂ ସବୁ ସ୍ତରରେ ସକ୍ରିୟ ଯୋଗାଯୋଗ ବଜାୟ ରଖିଛନ୍ତି । ଚୀନ-ଭାରତ ସମ୍ପର୍କରେ ଉନ୍ନତି ଆଣିବା ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯାଇଛି । ଚୀନ୍ ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଭାରତ ଓ ଚୀନ୍ ମଧ୍ୟରେ ସମ୍ପର୍କର ଉନ୍ନତି ଏବଂ ବିକାଶ ଉଭୟ ଦେଶ ଏବଂ ସେମାନଙ୍କ ନାଗରିକଙ୍କ ସ୍ୱାର୍ଥକୁ ପୂରଣ କରୁଛି । ଚୀନ୍ ବୈଦେଶିକ ମନ୍ତ୍ରୀ



କହିଛନ୍ତି ଯେ ଭାରତ ଓ ଚୀନ୍ ମଧ୍ୟରେ ସମ୍ପର୍କର ଉନ୍ନତି ଏବଂ ବିକାଶ ଉଭୟ ଦେଶ ଏବଂ ସେମାନଙ୍କ ନାଗରିକଙ୍କ ସ୍ୱାର୍ଥକୁ ପୂରଣ କରୁଛି । ଏହା ସହିତ ଏହା ବିଶ୍ୱର ଦକ୍ଷିଣ ଦେଶମାନଙ୍କର ବୈଧ ଅଧିକାର ଏବଂ ସ୍ୱାର୍ଥରକ୍ଷାରେ ସହାୟକ ହେବ । ଭାରତ ଏବଂ ଚୀନ୍ ମଧ୍ୟରେ ଉତ୍ତମ ସମ୍ପର୍କ ଏସିଆ ଏବଂ ବିଶ୍ୱର ଦୁଇଟି ପ୍ରାଚୀନ ସଭ୍ୟତାର ଶାନ୍ତି, ସ୍ଥିରତା, ବିକାଶ ଏବଂ ସମୃଦ୍ଧିରେ ସହାୟକ ହେବ ବୋଲି ସେ କହିଥିଲେ ।

# ଇସ୍ତାହାରରେ ୧୫ଟି ଗ୍ୟାରେଣ୍ଟି ଦେଲେ କେଜରିୱାଲ୍

**ନୂଆଦିଲ୍ଲୀ:** ଆଗକୁ ହେବାକୁ ଥିବା ଦିଲ୍ଲୀ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିବା ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍‌ଙ୍କ ନେତୃତ୍ୱାଧୀନ ଦଳ ଆମ ଆଦମୀ ପାର୍ଟି (ଆପ୍) ନିର୍ବାଚନୀ ଇସ୍ତାହାର ଘୋଷଣା କରିଛନ୍ତି । ଏହି ଇସ୍ତାହାରରେ କେଜରିୱାଲ୍ ୧୫ଟି ଗ୍ୟାରେଣ୍ଟି ଉଲ୍ଲେଖ କରିଛନ୍ତି । ସେଥିମଧ୍ୟରେ ଚାକିରି, ୨୪ ଘଣ୍ଟା ପାଣି ଯୋଗାଣ, ସ୍ୱଚ୍ଛ ଯମୁନା ଆଦି ରହିଛି । କେଜ୍ରିୱାଲ୍ ଦିଲ୍ଲୀରେ ଏକ ରାଲିରେ ବିଜେପିକୁ କଟାକ୍ଷ କରି ଆହୁରି ମଧ କହିଛନ୍ତି ଯେ ଏହା କେଜରିୱାଲଙ୍କ ଗ୍ୟାରେଣ୍ଟି, ମୋଦୀଙ୍କ 'ନକଲି' ଗ୍ୟାରେଣ୍ଟି ନୁହେଁଛ'' ଇସ୍ତାହାରରେ ସାମାଜିକ କଲ୍ୟାଣ ଯୋଜନା, ନିଯୁକ୍ତି ସୃଷ୍ଟି ଏବଂ ସାର୍ବଜନୀନ ସେବାରେ ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଇଥିବା ଦେଖିବାକୁ ମିଳିଛି । କେଜରିୱାଲଙ୍କ ମତରେ ପ୍ରଥମ ଗ୍ୟାରେଣ୍ଟି ଅଧିକ ନିଯୁକ୍ତି ସୁଯୋଗ ପ୍ରଦାନ । କେଜରିୱାଲ୍ ଦର୍ଶାଇଛନ୍ତି ଯେ ରାଜଧାନୀ ଦିଲ୍ଲୀରେ ବେରୋଜଗାର ସଂଖ୍ୟା ମାତ୍ର ୨ ପ୍ରତିଶତ । ଯାହାକି କେନ୍ଦ୍ରର ୬ ପ୍ରତିଶତଠାରୁ ଯଥେଷ୍ଟ କମ୍ । ମୁଁ ଚାହୁଁଛି ଦିଲ୍ଲୀରେ କେହି ବେକାର ନ ରୁହନ୍ତୁ । ଯେତେବେଳେ ଆମର ପିଲାମାନେ ପାଠପଢ଼ନ୍ତି ଏବଂ କାମ ପାଇପାରନ୍ତି ନାହିଁ, ତାହା ବହୁତ କଷ୍ଟକର'' ବୋଲି କେଜରିୱାଲ୍ କହିଛନ୍ତି । ଯମୁନାକୁ ସଫା କରିବାରେ ବିଫଳ ହୋଇଥିବା ସ୍ୱୀକାର କରିବା ସହିତ କେଜରିୱାଲ ପ୍ରତିଜ୍ଞା କରିଛନ୍ତି ଯେ ନିର୍ବାଚିତ ହେଲେ ସେ ଆଗାମୀ ବର୍ଷଗୁଡ଼ିକରେ ନଦୀକୁ ସଫା କରିବେ । ଆମ୍ବେଦକର ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଆରମ୍ଭ କରିବାର ପ୍ରତିଶ୍ରୁତି ଦେଇ, ଆପ ସୁପ୍ରିମୋ କହିଛନ୍ତି ଯେ ଏହି ବୃତ୍ତି ଯେକୌଣସି ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ଚାହୁଁଥିବା ଦଳିତ ଛାତ୍ରଙ୍କ ଶିକ୍ଷା, ଯାତ୍ରା ଏବଂ ରହିବା ଖର୍ଚ୍ଚ ବହନ କରିବ । ସେ ଛାତ୍ରଛାତ୍ରୀମାନଙ୍କ ପାଇଁ ବସ୍ ଯାତ୍ରା ମାଗଣା କରିବାକୁ ପ୍ରତିଶ୍ରୁତି ମଧ ଦେଇଛନ୍ତି । ଦଳ ମହିଳା ସମ୍ମାନ ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଇଛି । ଯେଉଁଥିରେ ଯୋଗ୍ୟ ମହିଳାଙ୍କୁ ୨,୧୦୦ ଟଙ୍କା ପ୍ରଦାନ କରାଯିବ । ୬୦ ବର୍ଷ ଏବଂ ତା'ଠାରୁ ଅଧିକ ବୟସ୍କ ବରିଷ୍ଠ ନାଗରିକଙ୍କ ପାଇଁ ଦଳ ସଞ୍ଜୀବନୀ ଯୋଜନା ପ୍ରଣୟନ କରିବ । ଯାହା ସରକାରୀ ଏବଂ ବେସରକାରୀ ହସ୍ପିଟାଲରେ ଚିକିତ୍ସା ସୁବିଧାର ସୁନିଶ୍ଚିତତା ପ୍ରଦାନ କରିବ ।

# କୁମ୍ଭମେଳାରୁ ଫେରୁଥିବା ବେଳେ ଦୁର୍ଘଟଣା: ୪ ମୃତ

**ନୂଆଦିଲ୍ଲୀ:** ଆଗ୍ରା ନିକଟରେ ଏକ ଭୟାବହ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କାରଟି ମିନି ଟ୍ରକ୍ ଭିତରେ ପଶିଯାଇଥିଲା । ଫଳରେ କାର ଭିତରେ ଥିବା ଗୋଟିଏ ପରିବାରର ଚାରିଜଣଙ୍କ ସଦସ୍ୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇ ଯାଇଥିଲା । ସୂଚନାଯୋଗ୍ୟ, ସୋମବାର ସକାଳେ ଦିଲ୍ଲୀର ଏକ ପରିବାର ପ୍ରୟାଗରାଜର ମହାକୁମ୍ଭ ମେଳା ଦେଖି ଫେରୁଥିଲେ । ଏହି ସମୟରେ ସେମାନେ ବସିଥିବା କାରଟି ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସୱେର ୩୧କିମି ମାଇଲ ଷ୍ଟୋନ ନିକଟରେ ଏକ ଭୟାବହ ଦୁର୍ଘଟଣାର ଶିକାର ହୋଇଥିଲା । ଦୁର୍ଘଟଣାରେ ଆଖିପିଛୁଳାକେ ଗୋଟିଏ ପରିବାରର ୪ଜଣ ସଦସ୍ୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ମୃତକଙ୍କ ମଧ୍ୟରେ ଦିଲ୍ଲୀର ଉତ୍ତମ ନଗରର ବାସିନ୍ଦା ଓମ ପ୍ରକାଶ ଆର୍ଯ୍ୟ (୪୧), ତାଙ୍କ ପତ୍ନୀ ପୂର୍ଣ୍ଣିମା ସିଂହ (୩୪), ଝିଅ ଅହାନା (୧୨) ଏବଂ ପୁଅ ବିନାୟକ (୪) ରହିଛନ୍ତିଛ ସ୍ଥାନୀୟଲୋକଙ୍କ କହିବାନୁସାରେ, କାରଟି ପ୍ରଥମେ ଭାରସାମ୍ୟ ହରାଇ ଡିଭାଇଡରରେ ଧକ୍କା ଖାଇଥିଲା । ଏହାପରେ କାରଟି ଏକ୍ସପ୍ରେସୱେର ଅନ୍ୟ ଲେନରେ ପହଞ୍ଚିଯାଇଥିଲା । ଏହି ସମୟରେ କାରଟି ଦ୍ରୁତ ଗତିରେ ଆସୁଥିବା ଟ୍ରକ୍ ସହିତ ଧକ୍କା ହୋଇ ଯାଇଥିଲା । ଧକ୍କା ଏତେ ଜୋରଦାର ଥିଲା ଯେ ବିସ୍ଫୋରଣ ହୋଇ କାରଟି ଖଣ୍ଡ ଖଣ୍ଡ ହୋଇଯାଇଥିଲା ।

# ଆମେରିକାରେ ଭାରତୀୟଙ୍କୁ ଖୋଜୁଛି ପୋଲିସ

**ନ୍ୟୁୟର୍କ:** ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିବା ସମଗ୍ର ଆମେରିକାରେ ବେଆଇନ ପ୍ରବାସୀଙ୍କ ଖୋଜା ଆରମ୍ଭ ହୋଇଛି । ଏହି କ୍ରମରେ ଆମେରିକାରେ ବେଆଇନଭାବେ ରହୁଥିବା ଭାରତୀୟଙ୍କ ବିରୋଧରେ ବି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ସୋମବାର ଦିନ ଆମେରିକାର ସୁରକ୍ଷା ଏଜେଣ୍ଟମାନେ ବେଆଇନ ପ୍ରବାସୀଙ୍କୁ ଖୋଜିବା ପାଇଁ ନ୍ୟୁୟର୍କ ଏବଂ ନ୍ୟୁଜର୍ସିର ଗୁରୁଦ୍ୱାରରେ ପହଞ୍ଚିଥିଲେ । ଉପାସନା ସ୍ଥଳ ସମେତ ସମ୍ବେଦନଶୀଳ ଅଞ୍ଚଳରେ କିମ୍ବା ଏହାର ଆଖପାଖ ଅଞ୍ଚଳରେ ଆଇନ ପ୍ରଣୟନ ଉପରେ ପ୍ରତିବନ୍ଧକ ଲଗାଇଥିବା ନୀତିକୁ ବାଇଡେନ ଉଚ୍ଛେଦ କରିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ହୋମଲ୍ୟାଣ୍ଡ ସିକ୍ୟୁରିଟି ବିଭାଗର ଅଧିକାରୀମାନେ ନ୍ୟୁୟର୍କ ଏବଂ ନ୍ୟୁଜର୍ସିରେ ଥିବା ଗୁରୁଦ୍ୱାରଗୁଡ଼ିକୁ ଟାର୍ଗେଟ କରୁଛନ୍ତି । ଶିଖ୍ ବିଚ୍ଛିନ୍ନତାବାଦୀ ଏବଂ ବେଆଇନ ପ୍ରବାସୀମାନେ ଏହି ଧାର୍ମିକ ସ୍ଥଳଗୁଡ଼ିକୁ ବ୍ୟବହାର କରୁଛନ୍ତି ବୋଲି ଦାବି କରାଯାଉଛି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ହୋମଲ୍ୟାଣ୍ଡ ସିକ୍ୟୁରିଟି ବିଭାଗର ଅଧିକାରୀମାନେ ନ୍ୟୁୟର୍କ ଏବଂ ନ୍ୟୁଜର୍ସିରେ ଥିବା ଗୁରୁଦ୍ୱାରଗୁଡ଼ିକୁ ଟାର୍ଗେଟ କରୁଛନ୍ତି । ଶିଖ୍ ବିଚ୍ଛିନ୍ନତାବାଦୀ ଏବଂ ବେଆଇନ



ପ୍ରବାସୀମାନେ ଏହି ଧାର୍ମିକ ସ୍ଥଳଗୁଡ଼ିକୁ ବ୍ୟବହାର କରୁଛନ୍ତି ବୋଲି ଦାବି କରାଯାଉଛି । ଡୋନାଲ୍ଡ ଟ୍ରମ୍ପ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେବାର କିଛି ଘଣ୍ଟା ପରେ କାର୍ଯ୍ୟକାରୀ ଆଭ୍ୟନ୍ତରୀଣ ସଚିବ ବେଞ୍ଜାମିନ୍ ହଫ୍ ମ୍ୟାନ୍ ବାଇଡେନ୍ ପ୍ରଶାସନର ନିର୍ଦ୍ଦେଶାବଳୀକୁ ରଦ୍ଦ କରିଛନ୍ତି ।

# ଉତ୍ତରାଖଣ୍ଡରେ ଲାଗୁ ହେଲା ୟୁସିସି

**ନୂଆଦିଲ୍ଲୀ:** ଏକକ ନାଗରିକ ସଂହିତା ବା ୟୁସିସି ଆଜି ଠାରୁ ଉତ୍ତରାଖଣ୍ଡରେ ଲାଗୁ ହୋଇଛି । ଦେଶର ପ୍ରଥମ ରାଜ୍ୟ ଭାବେ ଉତ୍ତରାଖଣ୍ଡ ୟୁସିସି ଲାଗୁ କରିଛି । କେନ୍ଦ୍ରରେ କ୍ଷମତାସୀନ ବିଜେପି ମଧ ପୂରା ଦେଶରେ ୟୁସିସି ଲାଗୁ କରିବାକୁ ବହୁ ଦିନରୁ ପ୍ରୟାସ ଜାରି ରଖିଛନ୍ତି । ଏପରି କି ୨୦୨୨ ଡିସେମ୍ବର ମାସରେ ରାଜ୍ୟସଭାରେ ଏକକ ନାଗରିକ ସଂହିତା ବିଲ୍ ବିଜେପିର ଜଣେ ସାଂସଦ ଉପସ୍ଥାପନ କରିଥିଲେ । ରାଜସ୍ଥାନର ବିଜେପି ସାଂସଦ କିରୋଡି ଲାଲ ମୀନା ପ୍ରାଇଭେଟ ମେମ୍ବର ବିଲ୍ ମାଧ୍ୟମରେ ଏହାକୁ ଗୃହରେ ଉପସ୍ଥାପନ କରିଥିଲେ । ଏହାର ଅର୍ଥ ସରକାର ଏହି ବିଲ୍ ଆଣି ନାହାନ୍ତି । କିନ୍ତୁ ସରକାର ଏହାକୁ ସମର୍ଥନ କରିଛନ୍ତି । ବ୍ୟକ୍ତିଗତ ଆଇନଗୁଡ଼ିକୁ ରଦ୍ଦ କରି ଦେଶର ସମସ୍ତ ନାଗରିକଙ୍କୁ ସେମାନଙ୍କ ଧର୍ମ ଓ ଜାତି ନିର୍ବିଶେଷରେ ଗୋଟିଏ ପ୍ରକାରର ନିୟମରେ ବାନ୍ଧି ହୋଇ ରହିବାକୁ ୟୁସିସିରେ ବ୍ୟବସ୍ଥା ରହିଛି । ବାହାଘର, ପୋଷ୍ୟଗ୍ରହଣ, ବିବାହ ବିଚ୍ଛେଦ ଓ ପରମ୍ପରା ସମସ୍ତଙ୍କ ପାଇଁ ସମାନ ରଖିବାକୁ ବିଲ୍ ଜରିଆରେ କୁହାଯାଇଛି । କେନ୍ଦ୍ର ସରକାର ବିଧିବଦ୍ଧ ଭାବେ ୟୁସିସି ଲାଗୁ କରି



ନଥିଲେ ହେଁ ଉତ୍ତରାଖଣ୍ଡ ସରକାର ଏହାକୁ ରାଜ୍ୟରେ ପ୍ରଣୟନ କରିଛନ୍ତି ।

ବ୍ୟକ୍ତିଗତ ଆଇନଗୁଡ଼ିକୁ ରଦ୍ଦ କରି ଦେଶର ସମସ୍ତ ନାଗରିକଙ୍କୁ ସେମାନଙ୍କ ଧର୍ମ ଓ ଜାତି ନିର୍ବିଶେଷରେ ଗୋଟିଏ ପ୍ରକାରର ଆଇନରେ ବାନ୍ଧି ରଖିବାକୁ ହେଉଛି ୟୁସିସି । ଏହାର ସମର୍ଥନ ଓ ବିରୋଧରେ ଅନେକ ଲୋକ ରହିଛନ୍ତି । ସପକ୍ଷବାଦୀମାନେ ସମାନତା ସମ୍ପର୍କରେ ଯୁକ୍ତି କରୁଛନ୍ତି । କିନ୍ତୁ ବିରୋଧକାରୀ ଏପରି ନିୟମ ସାମାଜିକ ବିଭେଦ ସୃଷ୍ଟି କରିବ ବୋଲି ଆଶଙ୍କା କରିଛନ୍ତି । ୟୁସିସିରେ ଅନେକ ସାମାଜିକ ପ୍ରସଙ୍ଗ ଯଥା- ବାହାଘର, ଛାଡ଼ପତ୍ର, ଉତ୍ତରାଧିକାର, ନିକା ହଲାଲା ଓ ଲିଭ ଇନ ରିଲେସନଶିପ କଥା ରହିଛି । ବାହାଘର, ଛାଡ଼ପତ୍ର ଓ ଲିଭ ଇନ ପାଇଁ ୟୁସିସିରେ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି ।

ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀ ଧାମି ଘୋଷଣା କରିଥିଲେ ଯେ ବିଜେପି ରାଜ୍ୟରେ କ୍ଷମତାକୁ ଆସିଲେ ସେ ୟୁସିସି ଲାଗୁ କରିବେ । ନିର୍ବାଚନରେ ବିଜେପି ଜିତିବା ପରେ ଧାମି ୟୁସିସି ଲାଗୁ କରିବାକୁ ପ୍ରକ୍ରିୟା ଆରମ୍ଭ କରିଥିଲେ । ଏଥିପାଇଁ ସେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରଞ୍ଜନା ପ୍ରକାଶ ଦେଶାଇଙ୍କ ନେତୃତ୍ୱରେ ଗୋଟିଏ ୫ ଜଣିଆ କମିଟି ଗଠନ କରିଥିଲେ । ଏହି କମିଟି ୨.୩ ଲକ୍ଷ ନାଗରିକଙ୍କ ମତାମତ ଗ୍ରହଣ କରି ଗୋଟିଏ ଡ୍ରାଫ୍ଟ କୋଡ୍ ପ୍ରସ୍ତୁତ କରିଥିଲା ।୨୦୨୪ ଫେବୃଆରୀ ୨ରେ କମିଟି ପକ୍ଷରୁ ୭୪୦ ପୃଷ୍ଠାର ଡ୍ରାଫ୍ଟ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିଲା । ଫେବୃଆରୀ ୪ରେ କମିଟି ଏହାକୁ ଅନୁମୋଦନ କରିଥିଲା । ଫେବୃଆରୀ ୬ରେ ସରକାର ଏହାକୁ ବିଧାନସଭାରେ ଆଗତ କରିଥିଲେ । ପରଦିନ ଏହା ପାରିତ ବି ହୋଇଯାଇଥିଲା । ରାଜ୍ୟପାଳ ଲେଫ୍ଟନାଣ୍ଟ(ଅବସରପ୍ରାପ୍ତ) ଗୁରମିତ ସିଂହ ଫେବୃଆରୀ ୨୮ରେ ଏହାକୁ ଅନୁମୋଦନ ଦେଇଥିବା ବେଳେ ମାର୍ଚ୍ଚ ୧୧ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା ଉପରେ ମୋହର ଲଗାଇଥିଲେ । ଜାନୁଆରୀ ୨୭ରୁ ଉତ୍ତରାଖଣ୍ଡରେ ଏହା ଲାଗୁ ହୋଇଛି ।

# କାର୍ ଛାଡ଼ି କ୍ୟାବରେ ଗଲେ କୋଟିପତି

**ନୂଆଦିଲ୍ଲୀ:** ଚର୍ଚ୍ଚାରେ ଥାଇରୋକେୟାର ଟେକ୍ନୋଲୋଜିସର ପ୍ରତିଷ୍ଠାତା ଏବଂ ସିଇଓ ଡକ୍ଟର ଆରୋକିଆସ୍ୱାମୀ ଭେଲୁମଣି । ଏକ ବିଳାସପୂର୍ଣ୍ଣ ପଞ୍ଚତାରକା ହୋଟେଲରେ କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ଘରକୁ ଯିବା ପାଇଁ କ୍ୟାବ୍ ସେବା ବାଛି ତାଙ୍କର ବିନମ୍ରତା ପ୍ରଦର୍ଶନ କରିଥିଲେ ଭେଲୁମଣି । ଅଧିକାଂଶ ଅତିଥି ବିଳାସପୂର୍ଣ୍ଣ କାରରେ ଆସିଥିବା ବେଳେ ସେ ବି ବିଳାସପୂର୍ଣ୍ଣ କାରରେ ଆସିଥିବେ ବୋଲି ଲୋକେ ଭାବିଥିଲେ । ହେଲେ ତାଙ୍କୁ କ୍ୟାବରେ ବସିବା ଦେଖି ଉପସ୍ଥିତ ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଏହା ବିଷୟରେ ଏକ୍ସରେ ଏକ ପୋଷ୍ଟ ସେୟାର କରି ଡକ୍ଟର ଆରୋକିଆସ୍ୱାମୀ ଭେଲୁମଣି ଲେଖିଛନ୍ତି ଯେ, ଜୀବନର ପ୍ରକୃତ ବିଳାସ । ଏକ ୫-ତାରକା ହୋଟେଲ ବାରଣ୍ଡାରେ । ରାତି ୧୦.୩୦ ରେ । ରାତ୍ରି ଭୋଜନ ପରେ, ମୁଁ ଓଲା ବୁକ୍ କରିବାକୁ ଫୋନ୍ କଲି । ଅପେକ୍ଷା କରିବା ସମୟରେ ଅନେକ ସେଲଫି ପାଇଁ ଜିଦ୍ କରିଥିଲେ । ମୁଁ ବୁକ୍ କରିଥିବା ଓଲା କାର୍ ପଛରେ ବିଳାସପୂର୍ଣ୍ଣ କାର୍ ଗୁଡ଼ିକର ଲମ୍ବା ଲାଇନ୍ ଲାଗିଥିଲା । ସମସ୍ତେ ଧୈର୍ଯ୍ୟର ସହିତ ଅପେକ୍ଷା କରିଥିଲେ । ସେଲଫି ଦେବା ପରେ ଯେତେବେଳେ ମୁଁ ଓଲାରେ ବସିଥିଲି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଯେତେବେଳେ ତୁମେ ଉଚ୍ଚକୁ ଯାଅ, ସେତେବେଳେ ଶାନ୍ତ ରହିବା ଉଚିତ । ମିତବ୍ୟୟୀ ହୁଅ । ନମ୍ର ହୁଅ । ଏହା ପ୍ରଥମ ନୁହେଁ ପୂର୍ବରୁ ସେ ସମୟ ବଞ୍ଚାଇବା ପାଇଁ ଲୋକାଲ ଟ୍ରେନରେ ମଧ ଯାତ୍ରା କରିସାରିଛନ୍ତି ।



# ଇତିହାସ ରଚିଲେ ସ୍ମୃତି ମନ୍ଧାନା



ନୂଆଦିଲ୍ଲୀ,୨୭।୧ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ ଟିମର କ୍ରିକେଟର ସ୍ମୃତି ମନ୍ଧାନାଙ୍କୁ ଏକ ବଡ଼ ସଫଳତା ମିଳିଛି । ଆଇସିସି ଦ୍ୱାରା ସ୍ମୃତି ମନ୍ଧାନାଙ୍କୁ ୨୦୨୪ ମସିହାର ମହିଳା 'ଓଡିଆଇ କ୍ରିକେଟର ଅଫ୍ ଦି ଇୟର' ବିଜେତା ଘୋଷଣା କରାଯାଇଛି । ମନ୍ଧାନା ବର୍ଷର ଶ୍ରେଷ୍ଠ ଦିନିକିଆ କ୍ରିକେଟର ଟାଇଟଲ ଜିତି ଇତିହାସ ରଚିଛନ୍ତି । କ୍ୟାରିୟରରେ ଦ୍ୱିତୀୟ ଥର ପାଇଁ ବର୍ଷର ଶ୍ରେଷ୍ଠ ଦିନିକିଆ କ୍ରିକେଟର ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି ମନ୍ଧାନା । ଏଭଳି କରିବାରେ ସେ ଦ୍ୱିତୀୟ ମହିଳା କ୍ରିକେଟର ହୋଇପାରିଛନ୍ତି । ଏହା ପୂର୍ବରୁ ସ୍ମୃତି ମନ୍ଧାନା ୨୦୧୮ ରେ ପ୍ରଥମ ଥର ପାଇଁ ଶ୍ରେଷ୍ଠ ଦିନିକିଆ କ୍ରିକେଟର ଟାଇଟଲ ଜିତିଥିଲେ । ଏବେ ମନ୍ଧାନାଙ୍କୁ ୨୦୨୪ ବର୍ଷର ଶ୍ରେଷ୍ଠ ଦିନିକିଆ କ୍ରିକେଟର ଟାଇଟଲ ମିଳିଛି । ମନ୍ଧାନାଙ୍କ ପୂର୍ବରୁ, ନ୍ୟୁଜିଲାଣ୍ଡ କ୍ରିକେଟର ସୁଜି ବେଟ୍ସ ଦୁଇଥର ଆଇସିସି ମହିଳା 'ଓଡିଆଇ କ୍ରିକେଟର ଅଫ୍ ଦି ଇୟର' ଟାଇଟଲ ଜିତିବାରେ ସଫଳ ହୋଇଥିଲେ । ବେଟ୍ସ ୨୦୧୩ ଏବଂ ୨୦୧୬ରେ ଆଇସିସି 'ଓଡିଆଇ କ୍ରିକେଟର ଅଫ୍ ଦି ଇୟର' ଟାଇଟଲ ଜିତିବାର ଗୌରବ ଅର୍ଜନ କରିଥିଲେ । ତେବେ ୨୦୨୪ ବର୍ଷ ମନ୍ଧାନାଙ୍କ ପାଇଁ ବହୁତ ସ୍ୱତନ୍ତ୍ର ରହିଥିଲା । ୨୦୨୪ ମସିହାରେ, ମନ୍ଧାନା ୧୩ଟି ଦିନିକିଆ ଖେଳି ମୋଟ ୭୪୭ ରନ କରିପାରିଥିଲେ ।

# ବୁମରା ଟେଷ୍ଟ "କ୍ରିକେଟ୍ ଅଫ୍ ଦି ଇୟର"

ବୁମରା,୨୭।୧ (ଏଜେନ୍ସି): ଯଶପ୍ରୀତ ବୁମରା ଆଇସିସି ଟେଷ୍ଟ କ୍ରିକେଟର ଅଫ ଦ ଇୟର ପୁରସ୍କାର ଜିତିଛନ୍ତି । ୨୦୨୪ରେ ବୁମରା ୧୩ ଟେଷ୍ଟରେ ରେକର୍ଡ ୭୧ଟି ୱିକେଟ ଦଖଲ କରିଛନ୍ତି । ତାଙ୍କ ଠାରୁ ୨୦୨୪ରେ କେହି ବି ଅଧିକ ୱିକେଟ ନେଇ ନାହାନ୍ତି । ବୁମରା ଆଇସିସି ଟେଷ୍ଟ କ୍ରିକେଟର ଅଫ ଦି ଇୟର ବା ବର୍ଷର ଶ୍ରେଷ୍ଠ କ୍ରିକେଟର ପୁରସ୍କାର ଜିତିବାରେ ଭାରତର ୬ଷ୍ଠ ଖେଳାଳି ।

ତାଙ୍କ ପୂର୍ବରୁ ୨୦୦୪ରେ ରାହୁଲ ଦ୍ରାବିଡ, ୨୦୦୯ରେ ଗୌତମ ଗମ୍ଭୀର, ୨୦୧୦ରେ ବୀରେନ୍ଦ୍ର ସେହ୍ୱାଗ, ୨୦୧୬ରେ ରବିଚନ୍ଦ୍ରନ ଅଶ୍ୱିନ ଓ ୨୦୧୮ରେ ବିରାଟ କୋହଲି ଏପରି ସମ୍ମାନର ଅଧିକାରୀ ହୋଇଥିଲେ । ୨୦୧୮ ପରେ ଭାରତର କୌଣସି ଖେଳାଳି ଆଇସିସି ଶ୍ରେଷ୍ଠ ଟେଷ୍ଟ କ୍ରିକେଟର ଅଫ ଦି ଇୟର ପୁରସ୍କାର ଜିତି ପାରି ନଥିଲେ । କିନ୍ତୁ ବୁମରା ୨୦୨୪ରେ ଏହି ପୁରସ୍କାର ଜିତିବାକୁ ସକ୍ଷମ ହୋଇଛନ୍ତି ।

ବୁମରା ପୁରସ୍କାର ଜିତିବା ପରେ ଭାରତ ପ୍ରତିପକ୍ଷ ଅଷ୍ଟ୍ରେଲିଆର ସମକକ୍ଷ ହୋଇଛି । ଭାରତ ଭଳି ଅଷ୍ଟ୍ରେଲିଆର ବିଭିନ୍ନ ଖେଳାଳି ମୋଟ ୬ଥର ଆଇସିସି ଟେଷ୍ଟ କ୍ରିକେଟର ଅଫ ଦି ଇୟର ହୋଇପାରିଥିଲେ । ତେବେ ଷ୍ଟିଭ ସ୍ମିଥ(୨୦୧୫ ଓ ୨୦୧୭) ଏକମାତ୍ର ଖେଳାଳି ଯିଏ ନିଜ କ୍ୟାରିୟରରେ ଏହି ସମ୍ମାନଜନକ ପୁରସ୍କାରକୁ ଦୁଇ ଥର ଜିତିବାର ରେକର୍ଡ କରିଛନ୍ତି । ୨୦୨୪ରେ ବୁମରା ସର୍ବାଧିକ ୱିକେଟ ଦଖଲକାରୀ ତାଲିକାର ୧ନଂ ସ୍ଥାନରେ ଥିବା ବେଳେ ତାଙ୍କ ପଛକୁ ଥିବା ଇଂଲଣ୍ଡର ଗସ ଅଟକିନସନଙ୍କ ନାଁରେ ୧୧ଟି ମ୍ୟାଚ୍ରେ ୫୨ଟି ସଫଳତା ରହିଛି ।



ଆହତ ସମସ୍ୟା କାରଣରୁ ବୁମରା ନିୟମିତ ଟେଷ୍ଟ କ୍ରିକେଟ ଖେଳି ପାରୁ ନଥିଲେ । କିନ୍ତୁ ୨୦୨୩ ଶେଷ ଭାଗରେ ସେ ଆହତ ସମସ୍ୟାରୁ ମୁକୁଳି ଦଳକୁ କମବ୍ୟାକ କରିଥିଲେ । ସେବେଠାରୁ ସେ ଜବରଦସ୍ତ ବୋଲିଂ କରିବା ସହ ୱିକେଟ ସଂଖ୍ୟା ବାଇ ଗୋଟିଏ ପରେ ଗୋଟିଏ ରେକର୍ଡ କରି ଚାଲିଛନ୍ତି । ବୁମ୍ରାଙ୍କ ଘାତକ ବୋଲିଂ ଯୋଗୁ ଭାରତ ଘରୋଇ ମାଟିରେ ଇଂଲଣ୍ଡ ଓ ବାଂଲାଦେଶ ବିପକ୍ଷରେ ସିରିଜ ଜିତିଥିଲା । ସେହିପରି ଦ.ଆଫ୍ରିକା ଓ ଅଷ୍ଟ୍ରେଲିଆ ମାଟିରେ ମଧ୍ୟ ଦଳ ଟେଷ୍ଟ ଜିତିବାକୁ ସକ୍ଷମ ହୋଇଥିଲା । ଏଯାଏ ଟେଷ୍ଟ କ୍ରିକେଟରେ ବୁମରା ୩୫୭ ଓଭର ବୋଲିଂ କରି ସାରିଛନ୍ତି । ହେଲେ ତାଙ୍କ ବୋଲିଂ ଇକୋନୋମି କେବଳ ୨.୯୬ ରହିଛି । ବର୍ତ୍ତମାନର ଆଧୁନିକ ଟେଷ୍ଟ କ୍ରିକେଟରେ ବ୍ୟାଟରମାନେ ଦ୍ରୁତ ଗତିରେ ରନ ସଂଗ୍ରହ କରୁଛନ୍ତି । ତଥାପି ବୁମରାଙ୍କ ଇକୋନୋମି ୩ରୁ କମ ରହିବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ । ୨୦୨୪ରେ ବୁମରାଙ୍କ ବୋଲିଂ ହାର ୧୪.୯୨ ରହିଥିବା ବେଳେ ଷ୍ଟ୍ରାଇକ ରେଟ ୩୦.୧ ରହିଛି ।

ସେ ଗୋଟିଏ ବର୍ଷରେ ୭୧ଟି ୱିକେଟ ନେଇ ରେକର୍ଡ କରିଛନ୍ତି । ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୭୦ରୁ ଅଧିକ ୱିକେଟ ନେବାରେ ସେ ୪ର୍ଥ ଭାରତୀୟ । ରବିଚନ୍ଦ୍ରନ ଅଶ୍ୱିନ, ଅନୀଲ କୁମ୍ବଲେ ଓ କପିଲ ଦେବ ପୂର୍ବରୁ ଏପରି ରେକର୍ଡ କରିଥିଲେ । ବୁମରା ଅନେକ ମ୍ୟାଚରେ ଦମଦାର ପ୍ରଦର୍ଶନ କରିଛନ୍ତି । କିନ୍ତୁ ତାଙ୍କର ସର୍ବଶ୍ରେଷ୍ଠ ବୋଲିଂ ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚରେ ଦେଖିବାକୁ ମିଳିଥିଲା ।

ପର୍ଥରେ ଖେଳା ଯାଉଥିବା ପ୍ରଥମ ଟେଷ୍ଟରେ ଟିମ ଇଣ୍ଡିଆର ନିୟମିତ ଅଧିନାୟକ ନଥିବାରୁ ବୁମରା କମାଣ ସମ୍ଭାଳିଥିଲେ । ବୁମରା ନିଜର ଜଲୱା ଦେଖାଇ ଭାରତକୁ ପର୍ଥରେ ଐତିହାସିକ ବିଜୟ ଭେଟି ଦେଇଥିଲେ । ଭାରତ ପ୍ରଥମ ଇନିଂସରେ ମାତ୍ର ୧୫୦ ରନ କରିଥିଲା । ହେଲେ ବୁମରା ୫ ୱିକେଟ ନେବାରୁ ଅଷ୍ଟ୍ରେଲିଆ ୧୦୪ ରନରେ ଅଲଆଉଟ ହୋଇଯାଇଥିଲା । ଦ୍ୱିତୀୟ ଇନିଂସରେ ଯଶସ୍ୱୀ ଜୈସୱାଲ ଓ ବିରାଟ କୋହଲିଙ୍କ ଶତକ ଯୋଗୁ ଭାରତ ମ୍ୟାଚ୍ ଜିତିବା ପାଇଁ ଅଷ୍ଟ୍ରେଲିଆକୁ ୫୩୪ ରନର ଟାର୍ଗେଟ ଦେଇଥିଲା । ଦ୍ୱିତୀୟ ଇନିଂସରେ ବୁମରା ୩ଟି ୱିକେଟ ନେବାରୁ ଭାରତ ୨୯୫ ରନରେ ବିଜୟୀ ହୋଇଥିଲା ।

# ମାହାଙ୍ଗା ମହାବୀର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା



ମାହାଙ୍ଗା,୨୭।୧ (ସବ୍ୟୁ): ମାହାଙ୍ଗା ମହାବୀର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ବାର୍ଷିକ କ୍ରୀଡା ଉତ୍ସବର ଉଦଘାଟନୀ ସଭାରେ ମାହାଙ୍ଗା ମଣ୍ଡଳର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୋମନାଥ ରାମ ମୁଖ୍ୟ ଅତିଥି, ମହାବୀର ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସଭାପତି ଭୁପେନ୍ ଚାଟାର୍ଜୀ ମୁଖ୍ୟବକ୍ତା ଏବଂ ସମ୍ମାନୀତ ଅତିଥି ରୂପେ ମହାବୀର ସାଧନ କେନ୍ଦ ସଂଯୋଜକ ହରେକୃଷ୍ଣ ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଦେବେନ୍ଦ୍ର ଦଳେଇ, ମୂଳବସନ୍ତ ସାଧନ କେନ୍ଦ୍ରର ସଂଯୋଜକ ରାମରାମ ଷଡଙ୍ଗୀ ପ୍ରମୁଖ ଯୋଗ ଦେଇ କ୍ରୀଡାର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ । ଉକ୍ତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାହ୍ନୁଚରଣ ସ୍ୱାଇଁ ସଭାପତିତ୍ୱ କରିଥିଲେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିବିଧ କ୍ରୀଡା ପ୍ରତିଯୋଗିତା ଯଥା ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ ,ଗଣିତ ଦୌଡ, ମ୍ୟୁଜିକ୍ ଚେୟାର, ପୁଚି, ଦଉଡି ଡିଆଁ, ବ୍ୟାଡମିଣ୍ଟନ ଇତ୍ୟାଦି ଆୟୋଜନ କରାଯାଇଥିଲା । ବାର୍ଷିକ କ୍ରୀଡା ଉତ୍ସବର ଉଦଯାପନୀ ସଭା ଅନୁଷ୍ଠିତ ହୋଇଥିଲା ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାହ୍ନୁଚରଣ ସ୍ୱାଇଁ ଙ୍କ ସଭାପତିତ୍ୱରେ ଅୟୋଜିତ ଏହି ସଭାରେ ମାହାଙ୍ଗା ମଣ୍ଡଳର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀଣୀ ସବିତା କୁମାରୀ ସ୍ୱାଇଁ ମୁଖ୍ୟ ଅତିଥି, ମହାବୀର ସରକାରୀ ଉଚ୍ଚ ବିଦ୍ୟାଳୟ ର ପୁରାତନ ଛାତ୍ର ସଂସଦର ସଭାପତି ଭୁପେନ୍ ଚାଟାର୍ଜୀ ମୁଖ୍ୟବକ୍ତା ଏବଂ ସମ୍ମାନୀତ ଅତିଥି ରୂପେ ମହାବୀର ସାଧନ କେନ୍ଦ୍ର ର ସଂଯୋଜକ ହରେକୃଷ୍ଣ ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଦେବେନ୍ଦ୍ର ଦଳେଇ ,ମୂଳବସନ୍ତ ସାଧନ କେନ୍ଦ୍ର ର ସଂଯୋଜକ ରାମରାମ ଷଡଙ୍ଗୀ ପ୍ରମୁଖ ଯୋଗ ଦେଇ ଶିକ୍ଷାରେ କ୍ରୀଡାର ଭୂମିକା, କ୍ରୀଡାର ମୂଲ୍ୟବୋଧ ବିଷୟରେ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ । ଉକ୍ତ ସଭାରେ ସହକାରୀ ଶିକ୍ଷୟତ୍ରୀ ସ୍ୱର୍ଣ୍ଣମୟୀ ମଙ୍ଗରାଜ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ସହକାରୀ ଶିକ୍ଷକ ସଞ୍ଜୟ କୁମାର ମହାନ୍ତି ବିବରଣୀ ପାଠ କରିଥିଲେ । କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରି ବରିଷ୍ଠ ବିଭାଗରେ ଛାତ୍ରୀ ଲକ୍ଷ୍ମୀପ୍ରିୟା ଭୋଇ , ଛାତ୍ର ଭବାନୀ ଶଙ୍କର ଗୋଚ୍ଛାୟତ ଓ କନିଷ୍ଠ ବିଭାଗରେ ଛାତ୍ରୀ ପ୍ରତିଭା ସାହୁ, ଇତିଶ୍ରୀ ବେହେରା ଛାତ୍ର ଶିବ ସୋରେନ ଓ ହିମାଂଶୁ ଶେଖର ସାହୁ ଚାମ୍ପିଅନ୍ ଟ୍ରଫି ଜିତିଥିଲେ । ଏହି କ୍ରୀଡା ଉତ୍ସବରେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ନିରଞ୍ଜନ ବେହେରା କ୍ରୀଡା ପରିଚାଳନା କରିଥିଲେ ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସର୍ବଶ୍ରୀ ପୁଷ୍ପଲତା ସାହୁ, ସ୍ୱର୍ଣ୍ଣମୟୀ ମଙ୍ଗରାଜ, ରାଜଶ୍ରୀ ସ୍ୱାଇଁ, ସୁସ୍ମିତା ସେଠୀ, ରୁନୁ ପୁହାଣ, ସଂଜୟ କୁମାର ମହାନ୍ତି, ଶୈଳବାଳା ଜେନା, ନଳିନୀ ପ୍ରଭା ବାରିକ, ଲକ୍ଷ୍ମୀଧର ବାରିକ, ପ୍ରଭାତୀ ନାୟକ, ହରପ୍ରିୟା ବାରିକ ପ୍ରମୁଖ ସହଯୋଗ କରିଥିଲେ ଅୟୋଜିତ ସଭାରେ ବିଦ୍ୟାଳୟର ପୁରାତନ ଛାତ୍ର , ଗ୍ରାମବାସୀ ଏବଂ ଅବିଭାବକମାନେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ ।

# ଆନ୍ତର୍ଜାତୀୟ କ୍ରୀଡାରେ ଡ୍ରିମ୍ସ ଛାତ୍ରଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ



କଟକ,୨୭।୧(ସ୍ୱପ୍ର): ନେପାଳ ଯୁବ କ୍ରୀଡା ବିକାଶ ଫୋରମ୍ ଆନୁକୂଲ୍ୟରେ ଅନୁଷ୍ଠିତ ୭ମ ଇଣ୍ଡୋ-ନେପାଳ ଆନ୍ତର୍ଜାତୀୟ ଚାମ୍ପିଅନ୍‌ସିପ୍‌ରେ ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ଆଇଟିଆଇ ଛାତ୍ର ଉଲ୍ଲେଖନୀୟ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି । ନେପାଳର ପୋଖରା ସ୍ଥିତ ରଙ୍ଗଶାଳା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଭଲିବଲ ପ୍ରତିଯୋଗିତାରେ ଭାରତୀୟ ଦଳ ସିନିୟର ବର୍ଗରେ ପ୍ରତିନିଧିତ୍ୱ କରି ଡ୍ରିମ୍ସ ଆଇଟିଆଇ ଫିଟର ବିଭାଗର ୨ୟ ବର୍ଷ ଛାତ୍ର ଅବଦୁଲ୍ ସଦ୍ଦାମ୍ ଓ ଇଲେକ୍ଟ୍ରିସିଆନ୍ ବିଭାଗର ୨ୟ ବର୍ଷ ଛାତ୍ର ଶେଖ ହାଫିଜ୍ ଉଦ୍ଦିନ୍ ଦ୍ୱିତୀୟ ସ୍ଥାନ ଅଧିକାର କରି ଟ୍ରଫି ହାସଲ କରିଛନ୍ତି । ଆନ୍ତର୍ଜାତୀକସ୍ତରରେ ଛାତ୍ର ଦ୍ୱୟଙ୍କ ଏହି ସଫଳତା ପାଇଁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ପାଇଁ ଶିକ୍ଷାନୁଷ୍ଠାନ ଆଜି ଗର୍ବିତ ବୋଲି କହିଛନ୍ତି । ବିଶ୍ୱବିଦ୍ୟାୟର ଉପାଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଆଇଟିଆଇ ଅଧ୍ୟକ୍ଷ ଇଂ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଉଭୟ ଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ଅସ୍ତିଆ ପ୍ରିମିୟର ଲିଗ୍

## ଭାଇପର ଚାମ୍ପିଅନ୍

ବାରିପଦା,୨୭।୧ (ସବ୍ୟୁ): ଶନିବାର ଅସ୍ତିଆ ପ୍ରିମୀୟର ଲିଗ ମ୍ୟାଚ-୫ ର ଫାଇନାଲ ଶେଷ ହୋଇଯାଇଛି। ଏହି କ୍ରିକେଟ ମ୍ୟାଚ ଡିସେମ୍ବର ୧୯ତାରିଖରେ ଆରମ୍ଭ ହୋଇଥିଲା। ଦୀର୍ଘ ଏକମାସ ଧରି ଚାଲି ଆସୁଥିବା ମ୍ୟାଚ ଖେଳରେ ସମୁଦାୟ ୬ଟି ଟିମ୍ ଖେଳିଥିଲେ । ସେମାନଙ୍କ ମଧ୍ୟରୁ ଟୋପା ଟପ ଓ ଭାଇପର ମଧ୍ୟରେ ଶନିବାର ଦିନ ଫାଇନାଲ ମ୍ୟାଚ୍ ହୋଇଥିଲା । ସେଥିମଧ୍ୟରୁ ଭାଇପର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲେ ଓ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୪ ୱିକେଟ ବିନିମୟରେ ୧୧୫ରନ କରିଥିଲେ । ପରବର୍ତ୍ତୀ ଦ୍ୱିତୀୟ ଇନିଂସରେ ଟୋପାଟୋପ ବ୍ୟାଟିଂ କରି ୧୦ଓଭର ୭ ୱିକେଟ ବିନିମୟରେ ୮୮ରନ କରି ୨୭ରନ ରେ ଭାଇପର ଠାରୁ ପରାଜୟ ହୋଇଥିଲା । ଚଳିତ ବର୍ଷ ଏପିଏଲ୍-୫ର ଚାମ୍ପିଅନ ଭାବରେ ଟ.୧,୫୦,୦୦୦ଙ୍କା ରାଶି ଓ ରନର୍‌ସପ୍‌ଙ୍କୁ ଟ.୧,୧୦,୦୦୦ଙ୍କା ଅସ୍ତିଆ ତେନ୍ତୁଳିଡିଙ୍ଗା ପିଲାଙ୍କ ଦ୍ୱାରା ଭାଇପରକୁ ଉତ୍ତୀର୍ଣ୍ଣ ରାଶି ଓ ଟୋପାଟପିକୁ ରନରସପ ରାଶି ପ୍ରଦାନ କରାଯାଇଥିଲା ।

# ଭାମଣ୍ଡା କପ ଉଦ୍‌ଘାଟିତ

ରାଜକନିକା,୨୭।୧ (ସବ୍ୟୁ): ରାଜକନିକା ବ୍ଲକ ଭାମଣ୍ଡା ନୃସିଂହ ନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ମୁକେଶ ପଟ୍ଟନାୟକଙ୍କ ପ୍ରାୟୋଜିତରେ ଜିଲ୍ଲାସ୍ତରୀୟ ଭାମଣ୍ଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଭାମଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଘାଟନୀ ଖେଳରେ ବିଏସିସି ଡାଳିକାଏନ୍ଦା ମା ବରୁଣେଇ କ୍ରିକେଟ କ୍ଲବ ମଲିଆକୁ ଭେଟିଥିଲା । ଏଥିରେ ଡାଳିକାଏନ୍ଦା ୪ ୱିକେଟ୍‌ରେ ବିଜୟ ଲାଭ କରି ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି । ମଲିଆ ପ୍ରଥମେ ବ୍ୟାଟିଂ କରି ୨୫ ଓଭର ରେ ୯ ୱିକେଟ ହରାଇ ୧୯୧ ରନ କରିଥିବାବେଳେ ଡାଳିକାଏନ୍ଦା ୨୩.୨ ଓଭର ରେ ୬ ୱିକେଟ ହରାଇ ୧୯୩ ରନ କରି ବିଜୟ ଲାଭ କରିଛି । ଏହି ଖେଳକୁ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ସୈନିକ ଉମେଶ ଚନ୍ଦ୍ର ନାୟକ ଯୋଗଦେଇ ଖେଳଟିକୁ ଉଦ୍‌ଘାଟନ କରୁଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅଖିଳ ନାୟକ, ଅନୋଜ ନାୟକ, କଳାକର ନାୟକ, ମାନସ ରଞ୍ଜନ ଜେନା, ଶେଷଦେବ ନାୟକ ଓ ରତିକାନ୍ତ ସାମଲ ପ୍ରମୁଖ ଯୋଗଦେଇଥିଲେ । ସେହିପରି ଦ୍ୱିତୀୟ ଦିନ ଖେଳ କନିକା କ୍ଲବ ରାଜକନିକା ଓ ସିଟି ସ୍ପୋର୍ଟିଂ କ୍ଲବ ଚାନ୍ଦବାଲି ମଧ୍ୟରେ ହୋଇଥିଲା । ଏଥିରେ କନିକା କ୍ଲବ ଚାନ୍ଦବାଲିକୁ ୧୬୫ ରନରେ ହରାଇ ଦ୍ୱିତୀୟ ଦଳ ଭାବେ ସେମିରେ ପ୍ରବେଶ କରିଛି ।

# ନିଜ ସ୍ପିନ ଜାଲରେ ଫସିଗଲା ପାକିସ୍ତାନ

ଇସ୍ଲାମବାଦ,୨୭।୧ (ଏଜେନ୍ସି): ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ ପାଇଁ ସାଂଘାତିକ ସ୍ପିନ ଟ୍ରାକ ପ୍ରସ୍ତୁତ କରିଥିବା ପାକିସ୍ତାନ ନିଜ ଜାଲରେ ଫସି ଯାଇଛି । ଇଣ୍ଡିଜ ଟିମକୁ ହରାଇବା ପାଇଁ ପାକିସ୍ତାନ ଯେଉଁ ଯୋଜନା କରିଥିଲା, ତା'ହା ବୁମେରାଂ ହୋଇଛି । ଶେଷରେ ପାକିସ୍ତାନ ନିଜ ସ୍ପିନ ଜାଲରେ ଫସି ୱେଷ୍ଟଇଣ୍ଡିଜ ଠାରୁ ଦ୍ୱିତୀୟ ଟେଷ୍ଟକୁ ଲଜ୍ଜାଜନକ ଭାବେ ହାରି ଯାଇଛି । ପ୍ରଥମ ଟେଷ୍ଟକୁ ଦଳ ସ୍ପିନ ବଲରେ ୧୨୭ ରନରେ ଜିତି ନେଇଥିଲା । ମ୍ୟାଚ୍ ଜିତିବା ପରେ ଉତ୍ସାହିତ ପାକିସ୍ତାନ ମୁଲତାନ ପିଚକୁ ଆହୁରି ଅଧିକ ସ୍ପିନିଂ ଟ୍ରାକ କରି ଦେଇଥିଲା । ହେଲେ ଇଣ୍ଡିଜ ଟିମ



ସବୁ ପ୍ରତିକୂଳର ପରିସ୍ଥିତିର ସାମ୍ନା କରି ପାକିସ୍ତାନକୁ ତା' ମାଟିରେ ମାତ ଦେଇଛି । ଅଢ଼େଇ ଦିନରେ ଦ୍ୱିତୀୟ ଟେଷ୍ଟକୁ ଜିତି ସିରିଜକୁ ୧-୧ରେ ଡ୍ର କରି ନେଇଛି । ସିରିଜ ଜିତିବାକୁ ଲକ୍ଷ୍ୟ ରଖିଥିବା ପାକିସ୍ତାନ ଶେଷରେ ନିଜ ମାଟିରେ ମାଟି କାମୁଡ଼ିଛି । ଦ୍ୱିତୀୟ ଟେଷ୍ଟରେ ଇଣ୍ଡିଜ ସ୍ପିନର ଜୋମେଲ ୱାରିକାନ କମାଲ କରିଛନ୍ତି । ସେ ଦ୍ୱିତୀୟ ଇନିଂସରେ ୫ ୱିକେଟ ନେବାରୁ ୱେଷ୍ଟଇଣ୍ଡିଜ ଦୀର୍ଘ ୩୫ ବର୍ଷ ପରେ ପାକିସ୍ତାନରେ କୌଣସି ଟେଷ୍ଟ ମ୍ୟାଚ୍ ଜିତି ପାରିଛି । ୱେଷ୍ଟଇଣ୍ଡିଜ ଶେଷଥର ପାଇଁ ୧୯୯୦ରେ ପାକିସ୍ତାନରେ କୌଣସି ଟେଷ୍ଟ ମ୍ୟାଚ ଜିତିଥିଲା । ଏହି ସମୟରେ ବର୍ତ୍ତମାନ ଇଣ୍ଡିଜ ଟିମରେ ଥିବା କେମା ରୋଚଙ୍କୁ ଛାଡ଼ି ଦେଲେ ଆଉ କୌଣସି ଖେଳାଳି ଜନ୍ମ ମଧ୍ୟ ହୋଇ ନଥିଲେ । କେମା ରୋଚ ୪ ବର୍ଷ ବୟସର ହୋଇଥିବା ବେଳେ ଇଣ୍ଡିଜ ଟିମ ଫୈସଲାବାଦରେ ଟେଷ୍ଟ ମ୍ୟାଚ ଜିତିଥିଲା । ଏବେ ୩୫ ବର୍ଷ ପରେ ଦଳକୁ ପାକିସ୍ତାନ ମାଟିରେ ବିଜୟ ମିଳିଛି । ୱେଷ୍ଟଇଣ୍ଡିଜ ମୁଲତାନ ଟେଷ୍ଟକୁ ୧୨୦ରେ ଜିତି ଦୁଇଟିକିଆ ସିରିଜକୁ ୧-୧ରେ ଶେଷ କରିଛି । ପାକିସ୍ତାନ ପ୍ରଥମ ଟେଷ୍ଟକୁ ୧୨୭ ରନରେ ଜିତିଥିଲା । ଆଜିର ପରାଜୟ ସହ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ(୨୦୨୩-୨୫) ପଏଣ୍ଟ ଟେବୁଲରେ ପାକିସ୍ତାନ ସବୁଠାରୁ ଶେଷରେ ରହି ନିଜର ଅଭିଯାନ ଶେଷ କରିଛି ।

ଶାନ ମସୁଦଙ୍କ ପାକିସ୍ତାନ ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ୧୪ଟି ମ୍ୟାଚରୁ ୯ଟି ହାରିଥିବା ବେଳେ କେବଳ ୫ଟିରେ ଜିତି ପାରିଛି । ଡବ୍ଲ୍ୟୁଟିସି ଫର୍ମାଟ ଆରମ୍ଭ ହେବା ଦିନ ଠାରୁ ପାକିସ୍ତାନ ପ୍ରଥମଥର ପାଇଁ ସବୁଠାରୁ ଶେଷରେ ରହିଛି । ୧୯୯୦ ପରେ ୧୯୯୭ ଓ ୨୦୦୬ରେ ଇଣ୍ଡିଜ ପାକିସ୍ତାନ ଗସ୍ତ କରିଥିଲା । ହେଲେ ଦଳକୁ ଟେଷ୍ଟରେ ବିଜୟ ମିଳି ନଥିଲା ।

ସୂଚନା

ସମୟ BHIM SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି